

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୧ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 01 FEBRUARY 2023

Vol.No. 34 ■ No. 30 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଜି ସାଧାରଣ ବଜେଟ : ଆସିଲା ଅର୍ଥନୈତିକ ସର୍ଭେ ରିପୋର୍ଟ



ନୂଆଦିଲ୍ଲୀ,୩୧/୦୧ : ସାଧାରଣ ବଜେଟ୍ ପୂର୍ବରୁ ଆଜି ସଂସଦରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ ହୋଇଛି । ଏହାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉପସ୍ଥାପନ କରିଛନ୍ତି । ୨୦୨୨-୨୩ରେ ଜିଡିପି ଅଭିବୃଦ୍ଧି ହାର ୭ ପ୍ରତିଶତ ଥିବା ବେଳେ ୨୦୨୩-୨୪ରେ ଜିଡିପି ଅଭିବୃଦ୍ଧି ହାର ୬.୫ ପ୍ରତିଶତ ରହିବ ବୋଲି ଅନୁମାନ କରାଯାଇଛି । ଏହି ଅଭିବୃଦ୍ଧି ହାରରେ ଭାରତୀୟ ଅର୍ଥନୀତି ଦୁନିଆର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହୋଇ ରହିବ । ମହାମାରୀ ସମୟରେ ମନ୍ଥର ହୋଇ ଯାଇଥିବା ଅର୍ଥନୀତି ପୁଣି ଥରେ ଉପରକୁ ଉଠିଛି ବୋଲି ସର୍ବେ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ରିପୋର୍ଟ ମୁତାବକ, ଭାରତୀୟ ଅର୍ଥବ୍ୟବସ୍ଥାରେ ମଜବୁତ ବଜାୟ ରହିଛି । ବେସରକାରୀ ବ୍ୟବହାର, ଉଚ୍ଚ କ୍ୟାପେକ୍ସ, କର୍ପୋରେଟ୍ ବାଲାନ୍ସ ସିଟ୍ ମଜବୁତ କରିବା, ଛୋଟ ବ୍ୟବସାୟ ପାଇଁ ଋଣ ଅଭିବୃଦ୍ଧି ଏବଂ ପ୍ରବାସୀ ଶ୍ରମିକମାନେ ସହରକୁ ଫେରିବା ଦ୍ୱାରା ଅଭିବୃଦ୍ଧି ବୃଦ୍ଧି ପାଇଛି । ଏଥିସହ ପୁଞ୍ଜି ବିନିଯୋଗରେ ମଧ ବୃଦ୍ଧି ଘଟିଛି । ପିପିପି ମାମଲାରେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥା ପାଲଟିଛି । ଏଥି ସହିତ ବିନିମୟ ମୂଲ୍ୟ ଦୃଷ୍ଟିରୁ ଏହା ପଞ୍ଚମ ବୃହତ୍ତମ ଅର୍ଥନୀତି ଅଟେ । ବିଶ୍ୱ ଆର୍ଥିକ ଏବଂ ରାଜନୈତିକ ବିକାଶ ଉପରେ ନିର୍ଭର କରି ଆଗାମୀ ଆର୍ଥିକ ବର୍ଷରେ ପ୍ରକୃତ ଜିଡିପି ଅଭିବୃଦ୍ଧି ୬ରୁ ୬.୮ ପ୍ରତିଶତ ହୋଇପାରେ ବୋଲି ଆକଳନ କରାଯାଉଛି । ଚଳିତ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ସର୍ବାଧିକ ୬.୮ ପ୍ରତିଶତରେ ପହଞ୍ଚିପାରେ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ଆକଳନ କରିଛି । ତେଣୁ ଦରଦାମ୍ ବୃଦ୍ଧିକୁ କାବୁ କରିବା ପାଇଁ ଅଧିକ ସମୟ ପାଇଁ ଋଣ ମହଙ୍ଗା ରହିପାରେ ବୋଲି ଆଜି ସଂସଦରେ ଉପସ୍ଥାପନ ହୋଇଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି ।

## ଗୁଳିକାଣ୍ଡ ସ୍ଥାନରେ କ୍ରାଇମବ୍ରାଞ୍ଚ ଓ ଫରେନସିକ୍ ଟିମର ଖୋଳତାଡ଼



ଭୁବନେଶ୍ୱର,୩୧/୦୧ (ନି.ପ୍ର): ମନ୍ତ୍ରୀ ନବ ଦାସଙ୍କୁ ଗୁଳିମାଡ଼ ଘଟଣାକୁ ଦୁଇ ଦିନ ବିତିଗଲାଣି । ଅଭିଯୁକ୍ତକୁ ଘଟଣା ସ୍ଥଳରୁ କାବୁ କରାଯାଇଥିଲେ ବି କାହିଁକି ଜଣେ ପୁଲିସ ଏଏସଆଇ ମନ୍ତ୍ରୀଙ୍କୁ ଗୁଳିମାଡ଼ କଲେ, ଏହାର କାରଣ ଜାଣିପାରିନାହିଁ କ୍ରାଇମବ୍ରାଞ୍ଚ । ବ୍ୟକ୍ତିଗତ କାରଣ କିମ୍ବା ରାଜନୈତିକ, ବ୍ୟବସାୟିକ ଶତ୍ରୁତା, ଏ ନେଇ ଛାନଭିନ କରୁଛନ୍ତି ତଦନ୍ତକାରୀ ଟିମ୍ । ଘଟଣାସ୍ଥଳରେ ନିଜେ ରହି ତଦନ୍ତର ଅନୁଧାନ କରୁଛନ୍ତି କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା । ତଦନ୍ତରେ ସହଯୋଗ ପାଇଁ ଦିଲ୍ଲୀରୁ ଆସିଛନ୍ତି ସ୍ୱତନ୍ତ୍ର ଟିମ୍ । ପ୍ରତ୍ୟକ୍ଷ ଦର୍ଶୀଙ୍କୁ ପଚାରାଉଚରା କରାଯାଇଛି । କ୍ରାଇମ୍ ସ୍ପଟ୍ରେ ଫାରୋ କ୍ୟାମେରା ଲଗାଇଛି କ୍ରାଇମବ୍ରାଞ୍ଚ । ଅଭିଯୁକ୍ତ ଏଏସଆଇ ଗୋପାଳ ଦାସ, ଏକା ଅଭିଯୁକ୍ତ ନା ତା' ପଛରେ କେଉଁ ଅଦୃଶ୍ୟ ଶକ୍ତି ରହିଛି, ବଡ଼ ଷଡ଼ଯନ୍ତ୍ରର ସେ ଅଂଶବିଶେଷ, ପୂରା ରହସ୍ୟ ସଂପର୍କରେ ଜାଣିବା ପାଇଁ ସାରା ରାଜ୍ୟ ଅପେକ୍ଷା କରି ରହିଛି । ଏପଟେ କ୍ରାଇମବ୍ରାଞ୍ଚ ସୂତ୍ରରୁ ଜଣାପଡିଛି, ମନ୍ତ୍ରୀ ନବ ଦାସଙ୍କୁ ଗୁଳି କରିଥିବା ସ୍ୱୀକାର କରିଛି ଗୋପାଳ ଦାସ । କିନ୍ତୁ କାହିଁକି ଗୁଳିମାଡ଼ କଲେ, ଏ ନେଇ ନିରବ ରହୁଛି ଅଭିଯୁକ୍ତ । ନବ ଦାସଙ୍କ ପିଏସଓଙ୍କୁ ଏଡିଜି ଅରୁଣ ବୋଥ୍ରା ଏବଂ ତଦନ୍ତରେ ସାମିଲ ଥିବା ଅନ୍ୟ ଅଧିକାରୀ ପଚରାଉଚରା କରିଥିବା ସୂଚନା ମିଳିଛି । ଗୋପାଳଙ୍କୁ ପୂର୍ବରୁ ଜାଣିଥିଲେ କି ନାହିଁ, ଏହିଭଳି ୩୫ରୁ ଅଧିକ ପ୍ରଶ୍ନ ପିଏସଓଙ୍କୁ କରାଯାଇଥିବା ଜାଣିବାକୁ ମିଳିଛି । ପିଏସଓ ଓ ଡ୍ରାଇଭରଙ୍କୁ ପଚରାଉଚରା କରି ଗୋପାଳ ସଂପର୍କରେ ଅଧିକ ସୂଚନା ପାଇଁ ଚେଷ୍ଟା କରୁଛି କ୍ରାଇମବ୍ରାଞ୍ଚ । ଅଭିଯୁକ୍ତ ଗୋପାଳ ଦାସଙ୍କ ଗଞ୍ଜାମ ଜଳେଶ୍ୱରଖଣ୍ଡି ସ୍ଥିତ ଘରେ ପହଞ୍ଚି ଛାନଭିନ କରୁଛି କ୍ରାଇମବ୍ରାଞ୍ଚର ▶▶ପୃଷ୍ଠା ୭

## ବଜେଟ୍ ଅଧିବେଶନରେ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ



ନୂଆଦିଲ୍ଲୀ,୩୧/୦୧ : ମଙ୍ଗଳବାର ଦେଶରେ ଆରମ୍ଭ ହୋଇଛି ସଂସଦର ବଜେଟ୍ ଅଧିବେଶନ । ମୋଦୀ ସରକାରଙ୍କ ଦ୍ୱିତୀୟ ପାଳିର ଏହା ହେଉଛି ଶେଷ ବଜେଟ୍ । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୈଠକକୁ ସମ୍ବୋଧିତ କରିଛନ୍ତି । ସଂସଦରେ ରାଷ୍ଟ୍ରପତି ମୁର୍ମୁଙ୍କ ଏହା ହେଉଛି ପ୍ରଥମ ଭାଷଣ । ଏହି ଅବସରରେ ସରକାରଙ୍କ ଉପଲବ୍ଧି ଓ ଆଗାମୀ ଲକ୍ଷ୍ୟ ବାବଦରେ ସୂଚନା ଦେଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ସେ କହିଛନ୍ତି ଆମକୁ ଏପରି ଏକ ଭାରତ ଗଠନ କରିବାକୁ ହେବ, ଯେଉଁଥିରେ ଅତୀତର ଗୌରବ ଥିବ, ଦାରିଦ୍ର୍ୟ ନ ଥିବ, ଯୁବକମାନେ ସମୟ ଠାରୁ ଦୁଇ ପାଦ ଆଗରେ ଥିବେ, ୨୦୪୭ ସୁଦ୍ଧା ଏକ ସ୍ୱର୍ଣ୍ଣିମ ଭାରତ ଗଠନ କରିବାର ଲକ୍ଷ୍ୟ ରହିଛି, ଆମକୁ ଆତ୍ମନିର୍ଭରଶୀଳ ଭାରତ ଗଠନ କରିବାକୁ ହେବ, ଭାରତ ଗୋଟିଏ ସ୍ଥିର, ନିର୍ଭୀକ, ନିର୍ଣ୍ଣାୟକ ସରକାର ପାଇଛି, ଆମ ସରକାର ଦାସତ୍ୱର ମାନସିକତାରୁ ଦେଶକୁ ମୁକ୍ତ କରିବାକୁ ଅନବରତ ପ୍ରୟାସ କରୁଛନ୍ତି, ଭାରତୀୟ ସେନାର ପରମବୀରଚକ୍ର ବିଜେତାଙ୍କ ନାଁରେ ଆଣ୍ଡମାନ ନିକୋବରର ୨୧ ଦ୍ୱୀପୁଞ୍ଜର ନାମାକରଣ କରାଯାଇଛି । ରାଜପଥ ଏବେ କର୍ତ୍ତବ୍ୟ ପଥ ପାଲଟିଛି, ଦାରିଦ୍ର୍ୟର ସ୍ଥାୟୀ ସମାଧାନ ଏବଂ ସଶକ୍ତିକରଣ ପାଇଁ କାମ କରୁଛନ୍ତି ସରକାର, ଗରିବ ଓ କ୍ଷୁଦ୍ର ଚାଷୀଙ୍କ ରୋଜଗାର ବୃଦ୍ଧି ପାଇଁ ପ୍ରୟାସ କରୁଛନ୍ତି । ସରକାର ଆଧୁନିକତାକୁ ପ୍ରୋତ୍ସାହିତ କରିବା ସହ ଐତିହ୍ୟର ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି । ଆତଙ୍କବାଦୀଙ୍କୁ ଦୃଢ ଜବାବ ଦେଉଛି ଭାରତ । ▶▶ପୃଷ୍ଠା ୭

## ଗୋପାଳ ଦାସର ବଡ଼ ଭାଇଙ୍କୁ ଉଠାଇନେଲା କ୍ରାଇମ୍‌ବ୍ରାଂଚ

ଭୁବନେଶ୍ୱର,୩୧/୦୧ (ନି.ପ୍ର): ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ଜାଂଚ କରୁଥିବା କ୍ରାଇମ ବ୍ରାଂଚ ମଙ୍ଗଳବାର ଦିନ ମାମଲାରେ ଅଭିଯୁକ୍ତ ତଥା ବହିଷ୍କୃତ ଏଏସଆଇ ଗୋପାଳ ଦାସର ବଡ଼ଭାଇଙ୍କୁ ଉଠାଇ ନେଇଥିବା ଜଣା ପଡିଛି । ହତ୍ୟାକାଣ୍ଡ ପୂର୍ବରୁ ବ୍ରଜରାଜନଗରରେ ଥିବା ତାଙ୍କର ବ୍ରହ୍ମପୁର ହୋଟେଲ ବନ୍ଦ କରି ବଡ଼ଭାଇ ସତ୍ୟନାରାୟଣ ଦାସ ଉଭାନ୍ ଥିଲେ । କ୍ରାଇମବ୍ରାଂଚ ଆଜି ତାଙ୍କୁ ଉଠାଇ ନେଇଛି । ସତ୍ୟନାରାୟଣଙ୍କୁ ଜେରାର କିଛି ଘଂଟା ପରେ ତାଙ୍କୁ ଉଠାଇ ନେଇଛି । ତେବେ କ୍ରାଇମବ୍ରାଂଚ ତାଙ୍କୁ କୁଆଡ଼େ ନେଇଛି ତାହା ସ୍ପଷ୍ଟ ହୋଇ ନାହିଁ ।

## ଦୁଷ୍କର୍ମ ମାମଲାରେ ଆଶାରାମଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ



ନୂଆଦିଲ୍ଲୀ,୩୧/୦୧ : ଦୁଷ୍କର୍ମ ମାମଲାରେ ଆଶାରାମଙ୍କୁ ଆଜୀବନ ଜେଲ । ଗୁଜରାଟ ସେସନ୍ କୋର୍ଟ ଆଶାରାମଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ତେବେ ଗତକାଲି ଦୁଷ୍କର୍ମ ମାମଲାର ଶୁଣାଣି କରିବା ସହିତ କୋର୍ଟ ଆଶାରାମଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲା । ଆଉ ଆଜି କୋର୍ଟ ଆଶାରାମ ବାପୁଙ୍କୁ ଜେଲ ଦଣ୍ଡାଦେଶ ଶୁଣାଇବା ସହିତ ଆଜୀବନ ସଜା ଶୁଣାଇଛନ୍ତି । ତେବେ ଜାଣିରଖିବା ଉଚିତ୍ ଯେ, ଏହା ପୂର୍ବରୁ ଆଶାରାମ ବାପୁ ଅନ୍ୟ ଗୋଟିଏ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ସୂଚନାଯୋଗ୍ୟ ଯେ, ଗାନ୍ଧୀନଗର ସେସନ୍ କୋର୍ଟ ଆଶାରାମଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲା । ଅନ୍ୟ ଦୋଷୀଙ୍କୁ କୋର୍ଟ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲା । ତେବେ ଏହି ମାମଲାରେ ଦୁଇ ଭଉଣୀ ଆଶାରାମ ବାପୁ ଓ ତାଙ୍କ ପୁଅଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ । ଯେଉଁଥିରେ ଛୋଟ ଭଉଣୀର ଅଭିଯୋଗ ଆଧାରରରେ ନାରାୟଣ ସାଇଙ୍କୁ ଆଜୀବନ ଜେଲଦଣ୍ଡ ଶୁଣାଯାଇ ସରିଛି । ଅନ୍ୟପଟେ ଆଶାରାମ ବାପୁଙ୍କୁ ଆଜି ଏହି ମାମଲାରେ ଦଣ୍ଡାଦେଶ ଶୁଣାଯିବା ସହିତ ଆଜୀବନ ଜେଲ ଦଣ୍ଡାଦେଶ ଦିଆଯାଇଛି । ମିଳିଥିବା ସୂଚନା ମୁତାବକ, ଏହି ମାମଲାକୁ ନେଇ ଆଶାରାମ ବାପୁ ହାଇକୋର୍ଟର ଦ୍ୱାରସ୍ଥ ହୋଇପାରନ୍ତି । ଆଶାରାମଙ୍କ ଓକିଲଙ୍କ କହିବା କଥା, ସେ ଏହି ରାୟ ବିରୁଦ୍ଧରେ ହାଇକୋର୍ଟକୁ ଯିବେ । ଜାଣିରଖିବା ଉଚିତ୍ ଯେ, ଆଶାରାମଙ୍କ ବିରୋଧରେ ଏହା ଦ୍ୱିତୀୟ ଦୁଷ୍କର୍ମ ଅଭିଯୋଗ । ଗତ ୯ ବର୍ଷ ଧରି ଆଶାରାମଙ୍କ ବିରୋଧରେ ଏହି ମାମଲା ଜାରି ରହିଛି । ଏହା ପୂର୍ବରୁ ଏହି ମାମଲାର ଯାଞ୍ଚ ଅଧିକାରୀ ଦିବ୍ୟା ରବିୟାଙ୍କୁ ଅନେକ ଥର ଜୀବନରୁ ମାରିଦେବାକୁ ଧମକ ମିଳିଛି । ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୬୮ ଜଣଙ୍କ ବୟାନ ରେକର୍ଡ କରାଯାଇଛି ।

## ମେ ମାସ ସୁଦ୍ଧା ଭୁବନେଶ୍ୱରରୁ ବିଦେଶକୁ ଉଡ଼ିବ ବିମାନ

ଭୁବନେଶ୍ୱର,୩୧/୦୧ (ନି.ପ୍ର): ଆଗାମୀ ମଇ ମାସ ସୁଦ୍ଧା ଭୁବନେଶ୍ୱରରୁ ବିଦେଶକୁ ବିମାନ ଉଡିବ । ଭୁବନେଶ୍ୱର ଏୟାରପୋର୍ଟ ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଇଣ୍ଡିଗୋ ଏୟାର ଲାଇନ୍ସ ସହ ଚୁକ୍ତିସ୍ୱାକ୍ଷର କରାଯାଇଛି । ଇଣ୍ଡିଗୋ ବିମାନ ସିଙ୍ଗାପୁର, ଦୁବାଇ, ବ୍ୟାଙ୍କକକୁ ଉଡ଼ାଣ କରିବ । ବିମାନ ବନ୍ଦରର ପୁରୁଣା ଟର୍ମିନାଲ ବିଲ୍ଡିଂ ନୂତନ ରୂପ ପାଇବ ବୋଲି ସେ କହିଛନ୍ତି ।

## ବିହାର ରାଜ୍ୟ ରାଜନୀତିରେ ହଟଚମଟ : ରଣହୁଙ୍କାର ଦେଲେ ଉପନ୍ଦ୍ରେ କୁଶୱା



ନୂଆଦିଲ୍ଲୀ,୩୧/୦୧ : ବିହାରରେ ଚାଲିଛି ନୀତୀଶ କୁମାର ବନାମ ଉପେନ୍ଦ୍ର କୁଶୱା । ଦଳୀୟ କନ୍ଦଳ ହାଟରେ ପଡି ଘାଟରେ ଗଡିବା ଭଳି ଏବେ ଚର୍ଚ୍ଚାରେ ରହିଛି ଏମାନଙ୍କ ବୟାନ । ସାମ୍ବାଦିକ ସମ୍ମିଳନୀ କରି ଉପେନ୍ଦ୍ର କୁଶୱା ନୀତୀଶ କୁମାରଙ୍କ ଉପରେ ଅଭିଯୋଗ ଆଣିଛନ୍ତି । କୁଶୱା କହିଛନ୍ତି ବଡ ପଦବୀ ଦେବା ନାଁରେ ନୀତୀଶ ତାଙ୍କୁ ଠକିଛନ୍ତି, ତାଙ୍କ ହାତରୁ ପାୱାର ନେଇ ଖେଳନା ଭାବେ ସଜେଇଛନ୍ତି । ତେଣୁ ତାଙ୍କୁ ଉପଯୁକ୍ତ ସମ୍ମାନ ଓ ଅଧିକାର ନିଳିବା ପର୍ଯ୍ୟନ୍ତ ସେ ଦଳ ଛାଡିବେନି ବୋଲି ସଫା ସଫା ଶବ୍ଦରେ କହିଛନ୍ତି । ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ବିରୋଧରେ ଖୋଲାଖୋଲି ରଣହୁଙ୍କାର ଦେଇଛନ୍ତି ଜେଡିୟୁ ହେଭିୱେଟ ନେତା ତଥା ବିହାର ଜେଡିୟୁର ସଂସଦୀୟ ବୋର୍ଡର ଅଧକ୍ଷ ଉପେନ୍ଦ୍ର କୁଶୱା । ମାରଥନ ପ୍ରେସମିଟ କରି ନୀତୀଶ ଓ ଜେଡିୟୁର ଅନେକ ନେତାଙ୍କୁ ଟାର୍ଗେଟ କରୁଥିବା କୁଶୱା ମଙ୍ଗଳବାର ପୁଣି ଥରେ ତେରଛା ବାଣ ମାରିଛନ୍ତି । ସାମ୍ବାଦିକ ସମ୍ମିଳନୀ କରି ▶▶ପୃଷ୍ଠା ୭

## ରାଷ୍ଟ୍ରପତିଙ୍କ ସମ୍ବୋଧନ ସମ୍ବିଧାନ ଓ ସଂସଦୀୟ ପରମ୍ପରାର ଗୌରବ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୩୧/୦୧ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଦିନ କହିଛନ୍ତି ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ଉଭୟ ଗୃହକୁ ମିଳିତ ଭାବେ ସମ୍ବୋଧିତ କରିବା ଆମର ସମ୍ବିଧାନ ଓ ସଂସଦୀୟ ପରମ୍ପରା ପାଇଁ ଗୌରବର ଅବସର ଅଟେ । ସେ କହିଛନ୍ତି ଯେ ଏହା ନାରୀ ଶକ୍ତି ଓ ମହାନ ଜନଜାତୀୟ ପରମ୍ପରାକୁ ସମ୍ମାନ ଦେବାର ଅବସର । ପ୍ରଧାନମନ୍ତ୍ରୀ ପରମ୍ପରା ଅନୁଯାୟୀ ଆଜି ସଂସଦର ବଜେଟ ଅଧିବେଶନ ପୂର୍ବରୁ ସାମ୍ବାଦିକ ମାନଙ୍କୁ ବକ୍ତବ୍ୟ ଦେଇଥିବା ଅବସରରେ ଏହା କହିଛନ୍ତି । ସେ କହିଛନ୍ତି ଯେ ବିଶ୍ୱର ଆର୍ଥିକ କ୍ଷେତ୍ରର ପ୍ରମୁଖ ସ୍ୱର ଆଜି ଭାରତ ପ୍ରତି ଆଶାନ୍ୱିତ ଆଭିମୁଖ୍ୟ ରଖୁଛନ୍ତି । ଭାରତର ବଜେଟ ଉପରେ କେବଳ ଦେଶର ନୁହେଁ ବରଂ ସାରା ବିଶ୍ୱର ଦୃଷ୍ଟି ରହିଛି । ସେ କହିଛନ୍ତି ଯେ ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଜଣେ ମହିଳା ଓ ସେ କାଲି ନିଜର ବଜେଟ ଆଗତ କରିବେ । ସେ କହିଛନ୍ତି ଅସ୍ଥିର ବୈଶ୍ୱିକ ଆର୍ଥିକ ପରିସ୍ଥିତିରେ ଭାରତର ବଜେଟ ସାଧାରଣ ନାଗରିକ ମାନଙ୍କର ଆଶା ଓ ଆକାଂକ୍ଷାକୁ ପୂରା କରିବାକୁ ପ୍ରୟାସ କରିବ ।

## ବିଶାଖାପାଟଣା ହେବ ଆନ୍ଧ୍ରପ୍ରଦେଶର ନୂଆ ରାଜଧାନୀ



ନୂଆଦିଲ୍ଲୀ, ୩୧/୦୧ : ଆନ୍ଧ୍ରପ୍ରଦେଶର ନୂଆ ରାଜଧାନୀ ହେବ ବିଶାଖାପାଟଣା । ଅମରାବତୀ ବଦଳରେ ବିଶାଖାପାଟଣା ହେବ ଏହି ଦକ୍ଷିଣ ଭାରତୀୟ ରାଜ୍ୟର ନୂଆ ରାଜଧାନୀ । ମୁଖ୍ୟମନ୍ତ୍ରୀ ୱାଇ ଏସ୍ ଜଗନ ମୋହନ ରେଡ୍ଡୀ ଏନେଇ ବଡ ଘୋଷଣା କରିଛନ୍ତି । ତେବେ ତେଲେଙ୍ଗାନା ନୂଆ ରାଜ୍ୟ ଭାବେ ଗଠନ ହେବାର ପ୍ରାୟ ୯ ବର୍ଷ ପରେ ଆନ୍ଧ୍ରପ୍ରଦେଶ ନିଜର ନୂଆ ରାଜଧାନୀର ନାଁ ଘୋଷଣା କରିଛି । ଯେତେବେଳେ ଆନ୍ଧ୍ର-ତେଲେଙ୍ଗାନା ଦୁଇଟି ରାଜ୍ୟ ହେଲେ ସେତେବେଳେ ହାଇଦ୍ରାବାଦକୁ ଏହାର ରାଜଧାନୀ କରାଯାଇଥିଲା । ତେବେ ସେତେବେଳେ ଆନ୍ଧ୍ରର ନୂଆ ରାଜଧାନୀ ଅମରାବତୀ ହେବା ନେଇ କୁହାଯାଉଥିଲା, ହେଲେ ଏବେ ଏହାକୁ ବିଶାଖାପାଟଣା କରିବାକୁ ମୁଖ୍ୟମନ୍ତ୍ରୀ ଜଗନ୍ ରେଡ୍ଡୀ ଘୋଷଣା କରିଛନ୍ତି । ଦିଲ୍ଲୀର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ୱାଇଏସଆର କଂଗ୍ରେସ ପ୍ରମୁଖ କହିଛନ୍ତି, ମୁଁ ଆପଣଙ୍କୁ ବିଶାଖାପାଟଣାକୁ ଆମନ୍ତ୍ରଣ କରୁଛି । ଯାହାକି ଆଗାମୀ ଦିନରେ ଆମର ରାଜଧାନୀ ହେବାକୁ ଯାଉଛି । ସେ ନିଜେ ବି କିଛି ଦିନ ଭିତରେ ବିଶାଖାପାଟଣାକୁ ଜାଗା ବଦଳେଇବେ ବୋଲି ଜଗନ୍ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମେ ଏକ ବୈଶ୍ୱିକ ଶିଖର ସମ୍ମିଳନୀର ଆୟୋଜନ କରୁଛେ । ଆଗାମୀ ମାର୍ଚ୍ଚ ୩ ଓ ୪କୁ ବିଶାଖାପାଟଣାରେ ଏହା ଆୟୋଜିତ ହେବ । ତେବେ ଏହି ସମ୍ମିଳନୀରେ ସମସ୍ତେ ଯୋଗଦାନ କରିବା ସହିତ ବିଶାଖାପାଟଣା ଆସିବାକୁ ଜଗନ୍ ଅନୁରୋଧ କରିଥିଲେ ।

## ଧନୀ ତାଲିକାରେ ତଳକୁ ତଳ ଖସୁଛନ୍ତି ଗୌତମ ଆଦାନୀ

ନୂଆଦିଲ୍ଲୀ,୩୧/୦୧ : ବିଶ୍ୱର ଧନୀ ତାଲିକାରେ ତଳକୁ ତଳ ଖସୁଛନ୍ତି ଗୌତମ ଆଦାନୀ । ଦୁଇ ଦିନ ପୂର୍ବରୁ ଆଦାନୀ ୩ ନମ୍ବର ସ୍ଥାନରୁ ୭ ନମ୍ବର ପରେ ୮ ନମ୍ବର ସ୍ଥାନ ଆଉ ଏବେ ୧୦ଜଣ ସର୍ବଶ୍ରେଷ୍ଠ ଧନୀ ତାଲିକାରୁ ବାଦ୍ ପଡିଛନ୍ତି । ମଙ୍ଗଳବାର ଗୌତମ ଆଦନୀ ୧୧ ନମ୍ବର ସ୍ଥାନକୁ ଖସି ଆସିଥିବା ଜଣାପଡିଛି । ଆଦାନୀଙ୍କ ହଜାର ହଜାର କୋଟି ଟଙ୍କାର କ୍ଷତି ହେବା ସହ ସେୟାର ମୂଲ୍ୟ ମଧ ଖସୁଛି । ବ୍ଲୁମବର୍ଗ ରିପୋର୍ଟ ଅନୁସାରେ ୭ଦିନ ଭିତରେ ଆଦାନୀଙ୍କ ମୋଟ ସମ୍ପତ୍ତିରେ ୮୪.୦୪ ଅରବ ଡଲାର ହ୍ରାସ ପାଇଛି । ଆଦାନୀ ଗ୍ରୁପର ମୁଖ୍ୟ ୭ଟି କମ୍ପାନୀ ସେୟାରରେ ବେଶ ହ୍ରାସ ହୋଇଛି । ଆଦାନୀ ପୋର୍ଟ, ୱିଲମର, ଗ୍ରୀନ ଏନର୍ଜି, ଟୋଟାଲ ଗ୍ୟାସ ଭଳି କମ୍ପାନୀ ଅବସ୍ଥା ଖରାପ ହେବାରେ ଲାଗିଛି । ବ୍ଲୁମବର୍ଗ ରିପୋର୍ଟ ଅନୁସାରେ ଏବେ ବିଶ୍ୱର ସର୍ବଶ୍ରେଷ୍ଠ ଧନୀଙ୍କ ମଧ୍ୟରେ ଜଣେ ବି ଭରତୀୟ ନାହାଁନ୍ତି । ଗୌତମ ଆଦାନୀ ୧୧ ନମ୍ବର ସ୍ଥାନରେ ଥିବବେଳେ ମୁକେଶ ଅମ୍ବାନୀ ୧୨ ନମ୍ବର ସ୍ଥାନରେ ରହିଛନ୍ତି । ଆମେରିକା ରିସର୍ଚ୍ଚ ଫର୍ମ ହିଣ୍ଡନବର୍ଗର ରିପୋର୍ଟ ପ୍ରକାଶ ପାଇବା ପରେ ଆଦାନୀ ଗ୍ରୁପର ସମସ୍ୟା ବଢିବାରେ ଲାଗିଛି । ଏହି ରିପୋର୍ଟରେ କୁହାଯାଇଥିଲା କି ସେୟାର ପ୍ରାଇସରେ ହେରଫେର, ସେଲ୍ କମ୍ପାନୀରେ କାରବାର, ଆକାଉଣ୍ଟରେ ଅନିୟମିତତା କରିଛି । ଅସାଧୁ ଉପାୟରେ ଷ୍ଟକ ମୂଲ୍ୟରେ ବୃଦ୍ଧି ଘଟାଇ ୩ବର୍ଷ ଭିତରେ ୧୨୦ ବିଲିୟନ ଡଲାର ଠୁଳ କରିଛି ଆଦାନୀ ଗ୍ରୁପ୍ । ପୁଞ୍ଜିବଜାରରେ ଆଦାନୀ ଗ୍ରୁପର ୭ଟି କମ୍ପାନୀର ସେୟାର ୩ ବର୍ଷରେ ହାରାହାରି ୮ଶହ ପ୍ରତିଶତ ବୃଦ୍ଧି ପାଇଛି ।

## ଝାରସୁଗୁଡ଼ା ଏସ୍‌ପି ଓ ବ୍ରଜରାଜନଗର ଏସଡିପିଓ ବଦଳିଲେ



ଭୁବନେଶ୍ୱର,୩୧/୦୧ (ନି.ପ୍ର): ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳି କରି ହତ୍ୟା କରାଯିବାର ୪୮ଘଣ୍ଟା ପରେ ବି ହତ୍ୟାର ପ୍ରକୃତ କାରଣ ଜଣାପଡ଼ିନଥିବାବେଳେ ରାଜ୍ୟ ସରକାର ଆଜି ଝାରସୁଗୁଡ଼ା ଜିଲ୍ଲା ପୁଲିସ ଏସପି ଓ ଏସଡିପିଓଙ୍କୁ ବଦଳି କରିଛନ୍ତି । ତେବେ ପରିବାର ସଦସ୍ୟ ଓ ବିରୋଧୀ ଦଳ ସଦସ୍ୟମାନଙ୍କ ଦ୍ୱାରା ହତ୍ୟା ପଛରେ ବଡ଼ଧରଣର ଷଡ଼ଯନ୍ତ୍ର ରହିଛି ବୋଲି ଅଭିଯୋଗ ହେଉଥିବାବେଳେ ଆଜିର ପୁଲିସ ବଦଳିକୁ ନେଇ ▶▶ପୃଷ୍ଠା ୭

# ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ତାଲିମ କାର୍ଯ୍ୟକ୍ରମ ଶୁଭାରମ୍ଭ

ଭୁବନେଶ୍ୱର, ୩୧/୦୧ (ନି.ପ୍ର): ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ଓ ଜନମଙ୍ଗଳକାରୀ ଯୋଜନା ଗୁଡିକ ତୃଣମୂଳସ୍ତରରେ କାର୍ଯ୍ୟ କରିବା ସଂପର୍କରେ ଜାଣିବା ସହ ଯୋଜନାର ଲକ୍ଷ୍ୟ ହାସଲ ନିମନ୍ତେ ଏକ ତାଲିମ କାର୍ଯ୍ୟକ୍ରମ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ଆଜିଠାରୁ ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଚିବାଳୟ ସେବାର ୧୭ ଜଣ ଅଧିକାରୀ ସାମିଲ ହୋଇଛନ୍ତି । ସେମାନେ ଗଞ୍ଜାମ, କନ୍ଧମାଳ, ନୟାଗଡ, ଢେଙ୍କାନାଳ ଏବଂ ଅନୁଗୋଳ ଭଳି ୫ଟି ଜିଲ୍ଲାର ବିଭିନ୍ନ ବ୍ଲକକୁ କ୍ଷେତ୍ରୀୟ ପରିଦର୍ଶନରେ ଯାଇ ବିଭିନ୍ନ ଯୋଜନାର ଅନୁଧ୍ୟାନ କରିବେ । ଆର୍ଥିକ ଓ ପ୍ରଶାସନିକ ପରିଚାଳନା ମାଧ୍ୟମରେ ଯୋଜନା ଗୁଡିକର ବ୍ୟାପକତା ସଂପର୍କରେ ଅଧିକାରୀମାନେ ତଥ୍ୟ ହାସଲ କରିବେ । ଉକ୍ତ କାର୍ଯ୍ୟକ୍ରମକୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ଶ୍ରୀ ରାଜ କୁମାର ଶର୍ମା ଉଦ୍ଘାଟନ କରିବା ସହ ବିଭିନ୍ନ ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ଅଧିକାରୀମାନଙ୍କ ପ୍ରେରଣାଦାୟୀ ସହଯୋଗ କାମନା କରିଥିଲେ । ଉକ୍ତ ତାଲିମ କାର୍ଯ୍ୟକ୍ରମ ଉଭୟ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ଏବଂ ନୂଆଦିଲ୍ଲୀସ୍ଥିତ ସଚିବାଳୟ ତାଲିମ ଏବଂ ପରିଚାଳନା ସଂସ୍ଥା ସହଯୋଗିତାରେ ପ୍ରସ୍ତୁତ କରାଯାଇଛି । ଏହା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ।

ଉକ୍ତ କାର୍ଯ୍ୟକ୍ରମରେ ସଚିବାଳୟ ତାଲିମ ଏବଂ ପରିଚାଳନା ସଂସ୍ଥା ର କୋର୍ସ ନିର୍ଦ୍ଦେଶକ ଶ୍ରୀ କୈଳାଶ କୁମାର ସୋନୀ ଏବଂ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଉପ ମହାନିର୍ଦ୍ଦେଶକ ଶ୍ରୀ ପ୍ରତାପ କୁମାର ମିଶ୍ର, ଅତିରିକ୍ତ କମିଶନର ଡ଼ଃ ହିମାଂଶୁ ଭୂଷଣ ପଣ୍ଡା, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ କାନନବାଳା ନାୟକ, ଉପ ନିର୍ଦ୍ଦେଶକ ଡ଼ଃ ମମତାରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# କରଦା ହରିହାଟ ମହୋତ୍ସବ-୨୦୨୩ ଉଦ୍‌ଘାଟିତ

କୋରେଇ, ୩୧/୦୧ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ କରଦାର ଗଣପର୍ବ କରଦା ହରିହାଟ ମେଳା ଚାଲୁ ରହିଛି । ଶନିବାର ପ୍ରତ୍ୟୁଷର କଳସ ବୁଡା ଯାଇ ଯଜ୍ଞ ଓ ନାମ ଯଜ୍ଞ ଆରମ୍ଭ କରାଯାଇଛଥିଲା । ଭକ୍ତମାନେ ସହସ୍ରାଧିକ ସଂଖ୍ୟାରେ ଯଜ୍ଞ କୁଣ୍ଡରେ ନଡିଆ, ଘିଅ, ଉଖୁଡା, ଧୂପ, ଦୀପ ଦାନ କରିବା ଦେଖିବାକୁ ମିଳିଥିଲା । ଆଜି ତୃତୀୟ ଦିବସରେ ୧୦ମ ବାର୍ଷକ ହରିହାଟ ମହୋତ୍ସବ-୨୦୨୩ ଉଦ୍ଘାଟିତ ହୋଇଛି । ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, କୋରାଇ ବିଧାୟକ ଅଶୋକ ବଳ ଓ ଅଶୋକ ଦାସ ପାଉଣ୍ଡେସନର ସଚିବ ଭବ ପ୍ରସାଦ ଦାସ ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିବା ବେଳେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ମୃତ୍ୟୁ ଯୋଗୁ ସେ କାର୍ଯ୍ୟକ୍ରମକୁ ବାତିଲ କରିଛନ୍ତି । ମଠାଧିଶ ବାବା କୃଷ୍ଣ ଚନ୍ଦ୍ର ଦାଶ ପ୍ରଦୀପ ପ୍ରଜ୍ଜଳନ କରି ଏହାକୁ ଉଦ୍ଘାଟନ କରିଥିବା ବେଳେ ହରିହାଟ କମିଟିର ସଭାପତି ଚିନ୍ତାମଣି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ, ବିଦ୍ୟାଧର ବେହେରା, ଅନିରୁଦ୍ଧ ମଲିକ, ସୁଶାନ୍ତ କୁମାର ପରିଜା ପ୍ରମୁଖ ଅତିଥି ଭାବେ ଯୋଗେଦଇଥିଲେ । ତାରିଣୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ସସ୍ମିତା ସାହୁ ଓ ପାୟଲ ପଣ୍ଡାଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା । ପୂର୍ଣ୍ଣତୋୟା ବୈତରଣୀର ଅନତୀ ଦୂରରେ ଏହି ମେଳା ସ୍ଥାନୀୟ ଅଂଚଳର ଗଣପର୍ବ ତଥା କୋରାଇ ବ୍ଲକର ସବୁଠୁ ବଡ ମେଳା ବୋଲି ବିବେଚନା କରାଯାଏ । ପ୍ରତିବର୍ଷ ପରି ଅପେରା ଦଳ ଓ ୧୦ ଦିନ ବ୍ୟାପି ମହୋତ୍ସବ ସହ ମୀନା ବଜାର, ବିଭିନ୍ନ ଷ୍ଟଲ ମାନ ଖୋଲାଯାଇଛି । ଯାହା ସ୍ଥାନୀୟ ଅଂଚଳର ଲୋକମାନଙ୍କ ବର୍ଷକର ଚାହିଦା ପୂରଣ କରିଥାଏ । ମହୋତ୍ସବ କମିଟିର ସମ୍ପାଦକ ପ୍ରମୋଦ ମହାପାତ୍ର, ବିଶ୍ୱନାଥ ପଣ୍ଡା, ଅନିରୁଦ୍ଧ ମଲିକ, ସୁଧାଶଙ୍କର ବିଶ୍ୱାଳ,ସଚିଦାନନ୍ଦ ସାହୁ. ଦୁର୍ଗା ପ୍ରସାଦ ପଣ୍ଡା, ହରିହର ସାହୁ, ଚିନ୍ତାମଣି ସାହୁ, ଶରତ ଖଣ୍ଡାଇଙ୍କ ସମେତ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ । ପରେ ପରେ ଖୋର୍ଦ୍ଧା ଗୋଟିପୁଅ ନୃତ୍ୟ ଦର୍ଶକଙ୍କ ମନମୋହିଥିଲା । ଭକ୍ତଡରି ବଜରଙ୍ଗୀ ଡ୍ୟାନ୍ସ ଗ୍ରୁପ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ।

# ସଂସ୍କୃତି ବିଭାଗ ପକ୍ଷରୁ ବଳିଦାନ ଦିବସରେ ବାପୁଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୩୧/୦୧ (ନି.ପ୍ର): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୭୫ତମ ବଳିଦାନ ଦିବସରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ମହାତ୍ମା ଗାନ୍ଧୀ ପାର୍କସହ ବିଭିନ୍ନ ସ୍ଥାନରେ ଥିବା ପ୍ରତିମୂର୍ତ୍ତି ସ୍ଥଳୀରେ ମାଲ୍ୟାର୍ପଣ ସହ ଦୀପଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଅଛି । ପ୍ରତ୍ୟୁଷରେ ଭୁବନେଶ୍ୱର ମହାତ୍ମାଗାନ୍ଧୀ ପାର୍କରେ ସଂକୀର୍ତ୍ତନ ସହ ପ୍ରଭାତ ଫେରି ଓ ରାମଧୂନ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଡଃ ରଙ୍ଗାଧର ସାହୁ, ବିଜୁ ଜନତାଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ରୀତା ମହାନ୍ତି, ସଂଯୁକ୍ତା ମିଶ୍ର, ସରୋଜିନୀ ମିଶ୍ର, ଅନୁପମା ବେହେରା, ରୋହିତ କୁମାର ନାୟକ, ଗିରିଜା ଶଙ୍କର ମହାପାତ୍ର, ମାନବେନ୍ଦ୍ର ମିଶ୍ର, ଉଇ ଫର ଭୁବନେଶ୍ୱର ଓ ଜୟ ଓଡ଼ିଶା ସଭ୍ୟବୃନ୍ଦ ପ୍ରମୁଖ ନିଜ ବକ୍ତବ୍ୟରେ ବିଶ୍ୱ ଆତଙ୍କବାଦ ବିଲୋପ ସାଧନ ସହ ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ଗାନ୍ଧିବାଦ ଏକ ମାତ୍ର ଅସ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଗାନ୍ଧିବାଦୀ ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ, ସାମ୍ବାଦିକ ମନୋରଂଜନ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଏହାପରେ ଭୁବନେଶ୍ୱର ଆନନ୍ଦ ବଜାର ଗାନ୍ଧିପୀଠ, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶାଳୟ ଗାନ୍ଧିପୀଠ, ଗାନ୍ଧୀ ପଦଯାତ୍ରା କରି ଅବସ୍ଥାନ କରିଥିବା ବାଲକାଟି, ସତ୍ୟଭାମାପୁର, ବଇଁଚୁଆ, ବାଲିଅନ୍ତା ମହାତ୍ମା ଗାନ୍ଧୀ ସେତୁ ଓ ବାଲିଅନ୍ତା ଗାନ୍ଧୀପୀଠରେ ଥିବା ବାପୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏଠାରେ ଗାନ୍ଧୀ ପଦଯାତ୍ରା ସ୍ମୃତି, ପ୍ରତାପ ଶାସନ ହାଇସ୍କୁଲ୍, ସତ୍ୟଭାମାପୁର ହାଇସ୍କୁଲ୍, ବଇଁଚୁଆ ହାଇସ୍କୁଲ୍ ଶିକ୍ଷକ ଓ ଛାତ୍ରଛାତ୍ରୀବୃନ୍ଦ, ମହାତ୍ମା ପଦଯାତ୍ରା ସ୍ମୃତି ପରିଷଦ ସହ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ସାମିଲ୍ ହୋଇଥିଲେ ।

# ଓଡ଼ିଶା ସର୍ଟହାଣ୍ଡ ରାଇଟର୍ସ ଆସୋସିଏସନ୍‌ର ବାର୍ଷିକ ସାଧାରଣ ଅଧିବେଶନ

ଭୁବନେଶ୍ୱର, ୩୧/୦୧ (ନି.ପ୍ର): ଓଡ଼ିଶା ସର୍ଟହାଣ୍ଡ ରାଇଟର୍ସ ଆସୋସିଏସନ୍‌ର ବାର୍ଷିକ ସାଧାରଣ ଅଧିବେଶନ ତା୨୯.୦୧.୨୦୨୩ରିଖ ରେଡକ୍ରସ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଷ୍ଟେନୋଗ୍ରାଫ୍‌ର ସଭ୍ୟସଭ୍ୟାମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଡଃ ଅମର ପଟ୍ଟନାୟକ, ସାଂସଦ (ରାଜ୍ୟସଭା) ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସଙ୍ଗେ ସଙ୍ଗେ ସଂଘର ସମସ୍ତ ଦାବି ସରକାରଙ୍କ ପାଖରେ ଉପସ୍ଥାପିତ କରି ଦାବି ହାସଲ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସଂଘର ସଭାପତି ଶ୍ରୀ ଅଜୟ କୁମାର ଦାସ ସ୍ୱାଗତ ଭାଷଣ ଦେବା ସଙ୍ଗେ ସାଧାରଣ ସମ୍ପାଦକ ବ୍ରଜେନ୍ଦ୍ର କୁମାର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସଂଘର ସଭ୍ୟ ଓ ସଭ୍ୟାମାନେ ବିଭିନ୍ନ ଦାବି ସମ୍ପର୍କିତ ଆଲୋଚନାରେ ଭାଗ ନେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ । ସମସ୍ତ ଦାବି ମଧ୍ୟରୁ ମୁଖ୍ୟତଃ କ୍ୟାଡର ସଂଶୋଧନ, ଶିକ୍ଷାଗତ ଯୋଗ୍ୟତା ଗ୍ରାଜୁଏସନ୍, ପ୍ରଥମ ନିଯୁକ୍ତିରେ ଗ୍ରେଡ୍ ପେ' ୪୨୦୦ଟଙ୍କା ଓ ଅନ୍ୟାନ୍ୟ ପ୍ରସ୍ତାବ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଯାହାକି ପରମୁହୂର୍ତ୍ତରେ ସଂଘର ପ୍ରତିଷ୍ଠାତା ସଭ୍ୟ ଶ୍ରୀଯୁକ୍ତ ବଳରାମ ମିଶ୍ର ଏବଂ ପୂର୍ବତନ ସଭ୍ୟମାନେ ସମ୍ମତ ପ୍ରକାଶ କରିଥିଲେ । ବିଭିନ୍ନ ଦାବିଗୁଡ଼ିକୁ ସଂଘ ତରଫରୁ ଓଡ଼ିଶା ଲୋକପ୍ରିୟ ସରକାରଙ୍କ ପାଖରେ ଉପସ୍ଥାପନ କରିବାକୁ ନିଷ୍ପତି ନିଆଗଲା । ପରିଶେଷରେ ସଂଘର ବିଧିବିଧାନ ଅନୁଯାୟୀ ଶ୍ରୀଯୁକ୍ତ ପ୍ରମୋଦ ବେଭାର, ଇଲେକ୍ସ ରିଟର୍ଣ୍ଣିଂ ଅଫିସରଙ୍କ ପୌରହିତ୍ୟରେ ଆଗାମୀ ଦିନ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ କରାଗଲା । ସେମାନଙ୍କ ମଧ୍ୟରେ ମୁଖ୍ୟତଃ ସଭାପତି ଭାବେ ବ୍ରଜେନ୍ଦ୍ର କୁମାର ବେହେରା, ଉପସଭାପତି - ଅଜୟ କୁମାର ଦାସ, ସାଧାରଣ ସମ୍ପାଦକ- ଦିଲ୍ଲୀପ କୁମାର ଦୋରା, ମୁଖ୍ୟଦପ୍ତର ସମ୍ପାଦକ - ଜ୍ଞାନ ରଂଜନ ମହାନ୍ତି, ଜିଲ୍ଲା ଦପ୍ତର ସମ୍ପାଦକ -ଜ୍ୟୋତିରଂଜନ ମୁଦୁଲି, ହରିହର ବିଶୋଇ, ସାଂସ୍କୃତିକ ସମ୍ପାଦକ - ପ୍ରଭୁଦ ପଟ୍ଟନାୟକ, କୋଷାଧ୍ୟକ୍ଷ - କେଦାରନାଥ ପାଢୀ, ଅଫିସ୍ ସମ୍ପାଦକ- ନମିତା ବେହେରା ଓ ଅଡିଟର - ନମିତା ଦାସ । ଏହା ସହିତ ୧୦ଜଣ କାର୍ଯ୍ୟ ନିର୍ବାହୀ ସଭ୍ୟ -ବିଦ୍ୟାଧର ଦାସ, ଅଲେଖ ଚରଣ ସେଠୀ, ପ୍ରଭାକର ସାହୁ, ଝରଣା ମାଣି, ସନ୍ତୋଷ କୁମାର ବାରିକ, ବିଦ୍ୟାଧର ପ୍ରଧାନ, ପରେଶ ନାୟକ, ସବିତା ପାଣି, ଲକ୍ଷ୍ମୀ ମୁର୍ମୁ, ସୌରଜିତ ନାୟକ । ସ୍ୱତନ୍ତ୍ର ନିମନ୍ତ୍ରିତ କାର୍ଯ୍ୟ ନିର୍ବାହୀ ସଭ୍ୟ ଭାବେ ସୁଶାନ୍ତ କୁମାର ସାହୁ, ବାସନ୍ତିଲତା ମିଶ୍ର, ରବି ନାରାୟଣ ମୁଣ୍ଡା, ସନ୍ତୋଷ କୁମାର ବେହେରା, ସଂଜୀବ ମଲ୍ଲିକ, ହେମନ୍ତ କୁମାର ଭୋଇ, ଜ୍ଞାନରଂଜନ ପୃଷ୍ଟି, ତ୍ରିନାଥ ଜେନା, ମଧୁସୂଦନ ସାହୁ ଓ ଦିଲ୍ଲୀପ କୁମାର ଦାସ ପ୍ରମୁଖ ନିର୍ବାଚିତ ହୋଇଥିଲେ ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ସହିଦ ଦିବସ ପାଳିତ

ଭୁବନେଶ୍ୱର, ୩୧/୦୧ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ, ଆଲୁମ୍ନି କନେକ୍ଟ ଏବଂ ଏନ୍‌ଏସ୍‌ଏସ୍ ଶାଖାର ମିଳିତ ସହଯୋଗରେ ଆଜି ବିଶ୍ୱବିଦ୍ୟାଳୟ ପରିସରସ୍ଥ ଅହିଂସା ସ୍ଥଳରେ ସହିଦ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ପୁରାତନ ଛାତ୍ରସଂଘ ସଭାପତି ତଥା ପୂର୍ବତନ ମୁଖ୍ୟଶାସନ ସଚିବ ବିଜୟ କୁମାର ପଟ୍ଟନାୟକ, ସମ୍ପାଦକ ତଥା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ ଏବଂ ଉପସ୍ଥିତ ଅନ୍ୟମାନେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିବା ସହିତ ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ସହକାରୀ ପ୍ରଫେସର ଆଶିଷ କୁମାର ପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଫେସର ମିତାଲୀ ଚିନାରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅହିଂସା ସ୍ଥଳ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସଫେଇ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ରସଂଘ ଯୁଗ୍ମ ସମ୍ପାଦକ ରଘୁନାଥ ପୃଷ୍ଟି, କାର୍ଯ୍ୟକାରୀ କମିଟି ସଦସ୍ୟ ସର୍ବଶ୍ରୀ ରାଧାକାନ୍ତ ପାଣି, ତପନ ଜେନା ଏବଂ ସନ୍ତୋଷ ସେଠୀଙ୍କ ସମେତ ନାରାୟଣ ତ୍ରିପାଠୀ, ଦିଲୀପ ମିଶ୍ର, ସନ୍ତୋଷ ମହାପାତ୍ର, ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଲୁମ୍ନି କନେକ୍ଟ ସଂଯୋଜକ ଡ. ସୁଜିତ ଆଚାର୍ଯ୍ୟ, ପ୍ରଫେସର ଭାଶ୍ୱତୀ ପଟ୍ଟନାୟକ, ଏନ୍‌ଏନ୍‌ଏସ୍ ସଂଯୋଜକ ଡ. ବ୍ରଜ ନାରାୟଣ ପାତ୍ର ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

# ନାବାଳିକା ଦୁଷ୍କର୍ମ ମାମଲା : ଉତର ପ୍ରଦେଶର ଫେରିବାଲାକୁ ୧୦ ବର୍ଷ ଜେଲ୍ ଓ ଜରିମାନା

କନ୍ଧମାଳ, ୩୧/୦୧ (ନି.ପ୍ର): ଫୁଲବାଣୀ ପୋକ୍ସୋ କୋର୍ଟ ବିଚାରପତି ସଞ୍ଜିତ କୁମାର ବେହେରା ଆଜି ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣା କରି ମାମଲାର ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପିଡିତାଙ୍କ ବୟାନ ଆଧାରରେ ଆଜି ମାମଲାର ଅଭିଯୁକ୍ତ ବସିର ଶାହାକୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅଭିଯୁକ୍ତକୁ ଆଉ ଅଧିକ ଦେଢବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି । ଏଥିସହ ପୀଡିତାଙ୍କୁ ୬ ଲକ୍ଷ କ୍ଷତିପୂରଣ ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ମାମଲାକୁ ପିଡିତାଙ୍କ ପକ୍ଷରୁ ପି.ପି. ଅସୀମ ପ୍ରହରାଜ ପରିଚାଳନା କରିଥିଲେ ।

ଘଟଣା ଅନୁସାରେ, କନ୍ଧମାଳର ଏକ ଗ୍ରାମାଂଚଳରେ ଅଭିଯୁକ୍ତ ଉତର ପ୍ରଦେଶ ଅଂଚଳର ବସିର ଶାହା ପାଲ ବିକ୍ରୀ କରୁଥିଲା । ସେହି ଅଂଚଳରେ ପିଡିତା ଘରକୁ ଯାଇ ପାଲ କିଣିବା ପାଇଁ କହିଥିଲା । ପିଡିତା ଘରେ କେହି ନାହାନ୍ତି ବୋଲି କହିବା ସହିତ ପାଲ କିଣିବାକୁ ମନା କରିଥିଲା । ଘରେ ପିଡିତା ଏକୁଟିଆ ଥିବା ସୁଯୋଗରେ ପିଇବା ପାଇଁ ପାଣି ମାଗି ଥିଲା ଅଭିଯୁକ୍ତ । ପିଡିତା ପାଣି ଆଣିବାକୁ ଯିବାବେଳେ ବସିର ଜୋରଜବରଦସ୍ତ ପିଡିତାଙ୍କ ଘରେ ପଶି ତା ସହିତ ଦୁଷ୍କର୍ମ କରିଥିଲା । ଖବର ପାଇ ଗାଁ ଲୋକେ ଅଭିଯୁକ୍ତକୁ କାବୁ କରି ଫିରିଙ୍ଗିଆ ଥାନା ପୋଲିସ ଜିମାରେ ଦେବା ସହ ଏ ସଂକ୍ରାନ୍ତରେ ଥାନାରେ ଏକ ଅଭିଯୋଗ କରିଥିଲେ ପୀଡିତାର ପରିବାର ଲୋକେ । ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଆଜି ସେହି ମାମଲାର ବିଚାର କରି ଉପରୋକ୍ତ ରାୟ ଦେଇଛନ୍ତି ବିଚାରପତି ।

# ସେଂଟ ଜାଭିୟର ଉଚ୍ଚ ବିଦ୍ୟାଳୟର ନବମ ବାର୍ଷିକ ଉତ୍ସବ

ଜୟପୁର, ୩୧/୦୧ (ନି.ପ୍ର): ଜୟପୁର ଲିଙ୍ଗରାଜ ନଗରସ୍ଥିତ ସେଂଟ ଜାଭିୟର ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷା ମୋନାଲିସା ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ବେଦବର ପ୍ରଧାନ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଏସଡିପିଓ ଅଭିନଭ ଶଙ୍କର, ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଆସିଷ୍ଟାଂଟ କଲେକ୍ଟର ଚିତ ରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ ।

ପ୍ରାରମ୍ଭରେ ଅଧ୍ୟକ୍ଷା ମୋନାଲିସା ନନ୍ଦ ବାର୍ଷିକ ବିବରଣୀ ପାଠ କରିବା ପରେ ଅନ୍ୟ ଅତିଥି ମାନେ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି କହିବା ସହ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ବାହିନିପତି ଯୋଗଦେଇ ଶିକ୍ଷା ଅର୍ଜନରେ ଶୃଙ୍ଖଳା ନିହାତି ଆବଶ୍ୟକ ବୋଲି କହିଥିଲେ । ଛାତ୍ର ଜୀବନରେ କୃତିତ୍ୱ ଅର୍ଜନ କରିବାକୁ ହେଲେ ଶୃଙ୍ଖଳା ଜ୍ଞାନ ନିହାତି ଜରୁରୀ ବୋଲି ସେ କହିଥିଲେ । ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଟେଲେଂଟ ହଂଟ ପ୍ରତିଯୋଗୀତାରେ ତ୍ରିଶା ଜେନା, ସୁଗେସନା ଦତ, ଆଶୁତୋଷ ମହାପାତ୍ର, ତାରିଣୀପ୍ରସାଦ ସାହୁ, ଦେବାଶିଷ ମହାନ୍ତି, ରୁଦ୍ରାନ୍ସ ସାହୁ ଏବଂ ବିଗ୍ୟାନ ପ୍ରଦର୍ଶନୀରେ ଯୋଗ୍ୟ ବିବେଚିତ ହୋଇଥିବା ପ୍ରକଳ୍ପ ଗୁଡିକ ମଧ୍ୟରେ ସୁଲଗ୍ନା ଏବଂ ଶ୍ରଦ୍ଧା, ଆକାଂକ୍ଷା ଓ ସୁଦିକ୍ଷା, ସଞ୍ଜନା ପାତ୍ର, ଶ୍ରୀୟାଂଶ ପାଢୀ, ସ୍ୱିତିକା ପ୍ରିତଲ ପାତ୍ର ଏବଂ ବରିଷ୍ଠ ବିଭାଗରେ କ୍ରିଭି ନନ୍ଦ, ସୁଗେସନା ଦତ, ଶ୍ରୀୟା, ପ୍ରଗ୍ୟା, ସନେ୍ତାଷୀ, ବୈଦି, ଅନିଲ, କାଂଚନ, ହର୍ଷ ଲେଙ୍କା, ସିଦିକ୍ଷା ଓ ପ୍ରାଚୀଙ୍କ ପ୍ରକଳ୍ପକୁ ଚୟନ କରାଯାଇ ପୁରସ୍କାର ବିତରଣ କରାଯାଇଥିଲା ।

ଶେଷରେ ବିଦ୍ୟାଳୟର ନିର୍ଦ୍ଦେଶକ ସତିଶ କୁମାର ନନ୍ଦ ଓ ତରୁଣ କୁମାର ମହାପାତ୍ର ବିଦ୍ୟାଳୟ ବିଷୟରେ ଆଲୋକପାତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶାରେ ଆନ୍ତଃ ରାଜ୍ୟ ଛାତ୍ର ଜୀବନ ଦର୍ଶନ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୩୧/୦୧ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଆନ୍ତଃ ରାଜ୍ୟ ଛାତ୍ର ଜୀବନ ଦର୍ଶନ କାର୍ଯ୍ୟକ୍ରମ (ସିଲ)ରେ ଆଗାମୀ ୩ ତାରିଖ ଦିନ ଭୁବନେଶ୍ୱର କୁ ୩୨ ଜଣ ଉତର ପୂର୍ବାଂଚଳ ବିଦ୍ୟାର୍ଥୀ ଆସୁଛନ୍ତି । ଆନ୍ତଃ ରାଜ୍ୟ ଛାତ୍ର ଜୀବନ ଦର୍ଶନ କାର୍ଯ୍ୟକ୍ରମର ସଂଯୋଜକ ଚଂଡି ପ୍ରସାଦ ସୁଆର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ପ୍ରତ୍ୟେକ ବିଦ୍ୟାର୍ଥୀ ଏକ ଏକ ପରିବାରରେ ଅବସ୍ଥାନ କରିବେ । ଏହା ସହ ତିନି ଦିନର କାର୍ଯ୍ୟକ୍ରମ ମଧ୍ୟରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ପରିଦର୍ଶନ ସହ କୁଳପତି ମାନଙ୍କ ସହ ଆଲୋଚନା କରିବେ ଏବଂ ଓଡ଼ିଶାର ଐତିହ ସ୍ଥଳ ମାନଙ୍କର ପରିଦର୍ଶନ କରିବେ । ୪ ତାରିଖ ଦିନ ଭୁବନେଶ୍ୱର ମହାନଗର ପକ୍ଷରୁ ଏକ ନାଗରିକ ସମ୍ବର୍ଦ୍ଧନା ଉତ୍ସବ ଭଞ୍ଜକଳା ମଣ୍ଡପ ଠାରେ ଅନୁଷ୍ଠିତ ହେବ । ଏଥିରେ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ସିଲ ପ୍ରତିନିଧି ମାନଙ୍କୁ ସମ୍ବର୍ଦ୍ଧିତ କରିବେ । ସେ କହିଛନ୍ତି ଯେ ୧୯୬୨ର ଚୀନ ଭାରତ ଯୁଦ୍ଧ ପରେ ଚାଇନା ଦ୍ୱାରା ଉତରପୂର୍ବାଂଚଳର ଜନସାଧାରଣଙ୍କ ମନରେ ବିଛିନ୍ନତାବାଦର ବିଚାର ସୃଷ୍ଟି କରିବାର ଯେଉଁ ହୀନ ପ୍ରୟାସ କରାଯାଉଥିଲା ତାହାକୁ ଦୁରକରି ଉତରପୂର୍ବାଂଚଳର ଜନ ସାଧାରଣଙ୍କୁ ଭାରତ ଏକ ପରିବାରର ଅନୁଭବ ଦେବା ସହ ବିଭିନ୍ନ ରାଜ୍ୟର ଐତିହ ଓ ସଂସ୍କୃତିସହ ପରିଚିତ କରାଇବା ପାଇଁ ୧୯୬୬ ମସିହାରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରୟାସରେ ଆନ୍ତଃ ରାଜ୍ୟ ଛାତ୍ର ଜୀବନ ଦର୍ଶନ କାର୍ଯ୍ୟକ୍ରମ (ଝରଓଖ) ଆରମ୍ଭ କରାଯାଇ ଥିଲା ।

# ଖଜୁରିପଡ଼ାର ୧୪ଟି ଗ୍ରାମସଭା ବାତିଲ୍ ନିଷ୍ପତ୍ତି ନେଲେ ସରପଂଚ ସଂଘ

କନ୍ଧମାଳ, ୩୧/୦୧ (ନି.ପ୍ର): ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ୧୪ ଗୋଟି ଗ୍ରାମ ପଂଚାୟତର ସମସ୍ତ ସରପଂଚ ଆଜି ଖଜୁରୀପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପମା ଘୋଷଙ୍କୁ ସାକ୍ଷାତ କରିବା ସହ ଗ୍ରାମସଭା ବାତିଲ୍ ନିଷ୍ପତିକୁ ଲିଖିତ ଭାବେ ପ୍ରଦାନ କରିଛନ୍ତି । ଦାବିପତ୍ରର ଅଭିଯୋଗ ପ୍ରକାରେ କେନ୍ଦ୍ର ସରକାର ପ୍ରଦାନ କରିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଯେଉଁସବୁ ମାନଦଣ୍ଡ ରହିଛି ଏବଂ ଯେଉଁ ଢଙ୍ଗରେ ଯୋଗ୍ୟ ଅଯୋଗ୍ୟ ହିତାଧିକାରୀ ଚୟନ ଚାଲିଛି ସେଥିରେ ପଂଚାୟତ ଜନପ୍ରତିନିଧି ଭାବେ ସରପଂଚମାନଙ୍କୁ କୌଣସି ସୂଚନା ପ୍ରଦାନ କରାଗଲା ନାହିଁ । କିନ୍ତୁ ଅଭିଯୋଗ କରିବାକୁ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ବାକ୍ସ ବ୍ୟବସ୍ଥା ପରେ ଅଭିଯୋଗ ହୋଇଥିବା ହିତାଧିକାରୀମାନଙ୍କୁ ସରକାରୀ ଭାବେ ପୁନର୍ବାର ଫଟୋ ଉଠିବା ପରେ ସେମାନେ ସରପଂଚମାନଙ୍କୁ ଅଭିଯୋଗ କରୁଛନ୍ତି । ଯେହେତୁ ଆମେ ଜନସାଧାରଣଙ୍କ ପାଇଁ ନିର୍ବାଚିତ ହୋଇଛୁ ତେଣୁ ଜନସାଧାରଣ ମଧ୍ୟ ଆମମାନଙ୍କୁ ରାସ୍ତା ଘାଟରେ ଜବାବ ମାଗୁଛନ୍ତି ବୋଲି କହିଥିଲେ ସରପଂଚ ସଂଘ । ତେଣୁ ଆବାସ ଯୋଜନାର ଘର ବଂଟନ ଏବଂ ଚୟନ ସରପଂଚମାନଙ୍କ ଜାଣତରେ କରାଯାଉ ବୋଲି ସଂଘ ତରଫରୁ କହିଛନ୍ତି । ସେହିଭଳି ହିତାଧିକାରୀ ଚୟନ ଅବଧିକୁ ବଢ଼ାଯାଇ ଯେଉଁମାନଙ୍କ ଅଭିଯୋଗ ଆସିଛି ସେମାନଙ୍କୁ ସରପଂଚଙ୍କ ଗୋଚରରେ ତଦନ୍ତ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି । ଆଜି ଏବଂ ଆସନ୍ତାକାଲି ଗ୍ରାମସଭା ପାଇଁ ସ୍ଥିର ହୋଇଥିବାବେଳେ ଯେହେତୁ ଆବାସ ଯୋଜନାର ଘର ବଂଟନ ସରପଂଚମାନଙ୍କ ଅଗୋଚରରେ ହୋଇଛି ତେଣୁ ଖଜୁରୀପଡ଼ା ବ୍ଲକରେ ଗ୍ରାମସଭା ବାତିଲ୍ ନିଷ୍ପତି ଗ୍ରହଣ କରିଛୁ ବୋଲି ଲିଖିତ ଅଭିଯୋଗ ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପମା ଘୋଷ ସମସ୍ତ ସରପଂଚମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସରକାରୀ ନିୟମଗୁଡ଼ିକ ବୁଝାଇବା ସହ ଗ୍ରାମସଭା ନିର୍ଣ୍ଣିତ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ । ଦାବିପତ୍ର ପ୍ରଦାନ ବେଳେ ସରପଂଚ ସଂଜୀବ ଲୋଚନ ପ୍ରଧାନ, ବ୍ରଜମୋହନ ମଲିକ, ଅମ୍ବିକା ପ୍ରଧାନ, ମନୋରଂଜନୀ ଯାନୀ, ଦଶରଥ ଯାନୀ, ରବିନ୍ଦ୍ର ଭୁକ୍ତା, ସୁଜିତ ମଲିକ, ଉମାଚରଣ ମଲିକ, ଜାନକୀ ଯାନୀ, ଲକ୍ଷ୍ମୀ ପ୍ରଧାନ, ସ୍ୱର୍ଣ୍ଣଲତା କହଁର, ଭାଗ୍ୟବତୀ ଦେହୁରୀ, ଦମୟନ୍ତୀ ମଲିକ, ପଦ୍ମିନି ମଲିକ, ସମିତି ସଭ୍ୟ ଶୁକଦେବ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ୱାର୍ଡ ସଭ୍ୟ ଓ ସଭ୍ୟାମାନଙ୍କ ପ୍ରଶିକ୍ଷଣ ଶିବିର

କନ୍ଧମାଳ, ୩୧/୦୧ (ନି.ପ୍ର): ଫୁଲବାଣୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଜିଲ୍ଲା ପରିଷଦ କନ୍ଧମାଳଙ୍କ ମିଳିତ ସହଯୋଗ ଓ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଏବଂ ପଂଚାୟତି ରାଜ ବିଭାଗ ଓଡ଼ିଶାଙ୍କ ସହାୟତାରେ ଏବଂ ଜିଲ୍ଲା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପରିଚାଳକ ମନୋଜ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବନ୍ଧଗଡ଼ ଠାରେ ଥିବା ତାଲିମ୍ କେନ୍ଦ୍ରରେ(୩୦ ଜାନୁଆରୀରୁ ୦୧ ଫେବ୍ରୁଆରୀ) ତିନଦିନିଆ ୱାର୍ଡ ସଭ୍ୟ ଓ ସଭ୍ୟାମାନଙ୍କ ପ୍ରଶିକ୍ଷଣ ତାଲିମ ଆରମ୍ଭ ହୋଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱର୍ଗତ ନବ କିଶୋର ଦାସଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ କରାଯାଇଥିଲା, ଏହି ସଭାରେ ଶର୍ଶ୍ମିତା କହଁର, ଫୁଲବାଣୀ ପଂଚାୟତ ସମିତ ଅଧକ୍ଷା, ପ୍ରତାପ ଚନ୍ଦ୍ର କହଁର, ସରପଂଚ, ଗୁମାଗଡ଼ ଓ ସ୍ୱାତୀର କାର୍ଯ୍ୟ ପରିଚାଳକ ବିଶ୍ୱରଞ୍ଜନ କହଁର ଯୋଗଦେଇଥିବା ସ୍ଥଳେ, ଆସିଥିବା ଅଂଶଗ୍ରହଣ କାରି ପଂଚାୟତିରାଜ ପ୍ରତିନିଧିମାନେ ସଭାରେ ଯୋଗଦେଇଥିଲେ । ଏହି ତାଲିମର ମୁଖ୍ୟ ଉଦେଶ୍ୟ ଶସକ୍ତ ଓ ମୋ ସ୍ୱପ୍ନର ପଂଚାୟତ ଗଢ଼ିବା ପାଇଁ ଗ୍ରାମ ପଂଚାୟତ ସହ ମିଶି, ଗ୍ରାମ ସ୍ତରରୁ ଏକ ସଠିକ ଯୋଜନା ପ୍ରସ୍ତୁତ କରି ଜନସାଧାରଣଙ୍କ ପାଖରେ ସୁବିଧା ସୁଯୋଗ ପହଂଚାଇବା । ଅନୁଷ୍ଠାନର ସଂପାଦକ ଇଂ. ହରିଶଙ୍କର ରାଉତ ପ୍ରଶିକ୍ଷଣର ରୂପରେଖ ପ୍ରତି ଆନ୍ତରିକତା ସହ ଯୋଡ଼ିରହିବା ପାଇଁ ଜନପ୍ରତିନିଧିମାନଙ୍କ ସହଯୋଗ ଲୋଡ଼ିଥିଲେ । ଏହି ପ୍ରଶିକ୍ଷଣରୁ କିଛି ଅନୁଭୁତି ନେଇ ଗ୍ରାମପଂଚାୟତକୁ ଏକ ସ୍ୱଚ୍ଛ ଓ ସୁନ୍ଦର କରିଗଢ଼ିତୋଳିବା ପାଇଁ ଆଜିଠାରୁ ଚେଷ୍ଟା କରିବାକୁ ଅନୁରୋଧ କରିଥିଲେ । ଉକ୍ତ ତାଲିମ୍ କାର୍ଯ୍ୟକ୍ରମରେ ଫୁଲବାଣୀର ୩ ଗୋଟି ପଂଚୟାତ ଯଥା ଗୁଞ୍ଜିବାଡି, ବିଶିପଡ଼ା ଓ ଆଲାମି ଓ ବାଦ ପଡ଼ିଥିବା ସଭ୍ୟ ସଭ୍ୟାଙ୍କୁ ମିଶାଇ ୪୩ରୁ ଉର୍ଦ୍ଧ୍ୱ ୱାର୍ଡ଼ ସଭ୍ୟ ଓ ସଭ୍ୟାମାନେ ଉପସ୍ଥିତ ହୋଇଥିବାବେଳେ ତାଲିମଦାତା ଭାବେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଦ୍ୱାରା ତାଲିମ ପ୍ରାପ୍ତ ମନୋଜ କୁମାର ପଟ୍ଟନାୟକ ଓ କୈଳାଶ ଚନ୍ଦ୍ର ପାଢି ଯୋଗ ଦେଇଥିଲେ । ଆଜି ପର୍ଯ୍ୟନ୍ତ ଫିରିଙ୍ଗିଆ, ଫୁଲବାଣୀ ଓ ଖଜୁରିପଡ଼ା ପଂଚାୟତ ସମିତିର ୪୯ ଗୋଟି ପଂଚାୟତରୁ ୩୫ ଗୋଟି ପଂଚାୟତର ସମସ୍ତ ୱାର୍ଡ଼ମେମ୍ବର ପ୍ରଶିକ୍ଷଣ ଦିଆ ସରିଥିବାବେଳେ, ପର୍ଯ୍ୟାୟ କ୍ରମେ ଏହି ଖଜୁରିପଡ଼ା ବ୍ଲକର ୧୪ ଗୋଟି ପଂଚାୟତର ସଭ୍ୟ ଓ ସଭ୍ୟାଙ୍କୁ ଆଗାମି ଫେବ୍ରୁଆରି ମାସ ପ୍ରଶିକ୍ଷଣ ଦବାର ଯୋଯନା କରାଯାଇଛି ବୋଲି ସ୍ୱାତୀର ବରିଷ୍ଠ କର୍ମୀ ବିଶ୍ୱରଞ୍ଜନ କର କହିଥିଲେ ।

# ଏକ ଯୁଦ୍ଧମୁକ୍ତ ପୃଥିବୀ ପାଇଁ ଗାନ୍ଧୀ ବିଚାରର ଆବଶ୍ୟକତା ରହିଛି

ବଲାଙ୍ଗୀର, ୩୧/୦୧ (ନି.ପ୍ର): ଏକ ଯୁଦ୍ଧମୁକ୍ତ ପୃଥିବୀ ଏବଂ ଏକ ଶାନ୍ତ ଓ ସ୍ୱଚ୍ଛ ପୃଥିବୀ ପାଇଁ ଗାନ୍ଧୀଙ୍କ ଦର୍ଶନ ହିଁ ଏକମାତ୍ର ପଥ ବୋଲି ଗାନ୍ଧୀଙ୍କ ତିରୋଧାନ ଦିବସରେ ସ୍ଥାନୀୟ ଗାନ୍ଧୀ ଭବନ ସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତି ଠାରେ ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ଗାନ୍ଧୀଜୀଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ବକ୍ତାମାନେ ମତପ୍ରକାଶ କରିଥିଲେ । ଏହି ଅବସରରେ ସାମ୍ବାଦିକ ଯୁଧିଷ୍ଠିର ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଠାରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ ସାମୂହିକ ରାମଧୂନ ଗାନ କରାଯାଇଥିଲା । ଏକ ଅଶାନ୍ତ ପୃଥିବୀରେ ଶାନ୍ତିର ବାର୍ତ୍ତାବହ ଥିଲେ ଗାନ୍ଧୀଜୀ ଏବଂ ଅହିଂସାତ୍ମକ ଆନ୍ଦୋଳନର ଉଦ୍ଭାବକ ଥିଲେ । ସମଗ୍ର ପୃଥିବୀରେ ପୂଜା ପାଉଥିବା ଅନେକ ମହାମନିଷୀ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଥିଲେବୋଲି ବରିଷ୍ଠ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା କହିଥିଲେ । ଡିଜିଟାଲ ଯୁଗରେ ଯୁବ ସମାଜ ଅନାବଶ୍ୟକ ଭାବେ ଦୀର୍ଘ ସମୟ ଧରି ବ୍ୟବହାର କରୁଥିବା ଇଂଟରନେଟରୁ ଦୂରେଇ ରହି କିଛି ସମୟ ପାଇଁ ଇଂଟରନେଟ ଉପବାସ କରିବା ସାମ୍ପ୍ରତିକ ସମାଜରେ ଗାନ୍ଧୀଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବବୋଲି ବରିଷ୍ଠ ସମ୍ବାଦିକ ବୀରେନ୍ଦ୍ର ଝାଙ୍କର ପ୍ରକାଶ କରିଥିଲେ । ଗାନ୍ଧୀଙ୍କ ଜୀବନାଦର୍ଶ ସାମାଜିକ ସହାବସ୍ଥାନ ସହ ବିଶ୍ୱ ଭାତୃତ୍ୱଭାବ ବାର୍ତ୍ତା ବହନ କରେ ବୋଲି ଅନ୍ୟତମ ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା ପ୍ରକାଶ କରିଥିଲେ । ଶ୍ରଦ୍ଧାଞ୍ଜଳୀ ସଭା ପ୍ରାରମ୍ଭରେ ସ୍ମୃତି କମିଟୀର ବରିଷ୍ଠ ସଭ୍ୟ ମନୋରଞ୍ଜନ ପୁରୋହିତ ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

# ଗର୍ଭାବସ୍ଥାରେ ମଧୁମେହ

କେତେକ ମହିଳାଙ୍କ ଠାରେ ଗର୍ଭାବସ୍ଥାରେ ମଧୁମେହ ବା ଡାଇବେଟିସ ଦେଖାଯାଏ । ପୂର୍ବରୁ ଡାଇବେଟିସ ନଥିଲେ ମଧ୍ୟ ଏହି ସମୟରେ ଦେଖାଯାଏ । ଏଥିପାଇଁ ଏହାକୁ ଗର୍ଭକାଳୀନ ମଧୁମେହ ବୋଲି କୁହାଯାଏ । ଜୀବନଶୈଳୀରେ ବିଭିନ୍ନ ପ୍ରକାର ପରିବର୍ତ୍ତନ ହେତୁ ମହିଳାମାନେ ଗର୍ଭବତୀ ସମୟରେ ଡାଇବେଟିସର ଶିକାର ହେଉଛନ୍ତି । ଏହି ସମୟରେ ଡାଇବେଟିସ୍‌କୁ ଅବହେଳା କଲେ ଗର୍ଭାବସ୍ଥା ପରେ ମହିଳା ଜଣକ ଟାଇପ୍-୨ ଡାଇବେଟିସ୍‌ରେ ଶିକାର ହୋଇଥାଏ । ଯାହାକି ଜୀବନସାାରା ଭୋଗିବାକୁ ପଡ଼ିଥାଏ । ଏମିତି ବି ହୋଇପାରେ ଗର୍ଭାବସ୍ଥାରେ ହୋଇଥିବା ଡାଇବେଟିସ ସ୍ଥାୟୀ ଭାବେ ରହେନାହିଁ । ଏହା କିନ୍ତୁ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ । ଏଣୁ ଗର୍ଭଧାରଣ କରିଥିବା ପ୍ରତ୍ୟେକ ମହିଳା ଶୁଗାର ସ୍ତର ପରୀକ୍ଷା କରିବା ଦରକାର । ଏହାର ଶିକାର ହେବା ଦ୍ୱାରା ଉଭୟ ମା' ଓ ପିଲା ପ୍ରଭାବିତ ହୋଇଥାନ୍ତି । ଗର୍ଭକାଳୀନ ମଧୁମେହ ଯୋଗୁଁ ମା' ଓ ପିଲା ଉଭୟଙ୍କ ପାଇଁ ଶରୀରରୁ ଆବଶ୍ୟକ ଇନସୁଲିନ ନିର୍ଗତ ହୋଇପାରେ ନାହିଁ । ଫଳରେ ମା' ଓ ପିଲା ଅସୁସ୍ଥ ହୋଇଥାନ୍ତି । ପିଲାଜନ୍ମ ହେବା ପରେ ମା' ଠାରେ ଡାଇବେଟିସ୍ ରହିନପାରେ । ହେଲେ ଏହା ଗର୍ଭାବସ୍ଥାରେ ଦେଖାଯାଏ । ତେବେ ଗର୍ଭାବସ୍ଥରେ ମଧୁମେହ ହେବାର କାଣଣ କ'ଣ ହୋଇପାରେ ।

**କାରଣ :** ଯଦିଓ ଗର୍ଭକାଳୀନ ଡାଇବେଟିସ ବଂଶଗତ ନୁହେଁ, ଏହା ଗର୍ଭବତୀ ମହିଳାଙ୍କୁ ବିଭିନ୍ନ କାରଣରୁ ପ୍ରଭାବିତ କରିଥାଏ ।

♦ ଗର୍ଭାବସ୍ଥାରେ ଡାଇବେଟିସ୍ ହେବାର ବିଭିନ୍ନ କାରଣ ମଧ୍ୟରୁ ପ୍ରଥମ ମୁଖ୍ୟ କାରଣ ହେଉଛି ଅଧିକ ଓଜନ । ମେଦବହୁଳ ଓ ଅଧିକ ଓଜନ ହୋଇଥିବା ମହିଳାମାନେ ଗର୍ଭାବସ୍ଥାରେ ଡାଇବେଟିସ୍‌ର ଶିକାର ହୋଇଥାନ୍ତି । ଏଣୁ ଏପରି ମହିଳାମାନେ ଗର୍ଭବତୀ ପୂର୍ବରୁ ଡାକ୍ତରଙ୍କ ପରାମର୍ଶରେ ରୁହନ୍ତୁ ।

♦ ଦ୍ୱିତୀୟତଃ ଯଦି ବଂଶରେ କାହାର ଡାଇବେଟିସ୍ ହେବାର ଆଶଙ୍କା ଥାଏ ।

♦ ତୃତୀୟରେ ଯଦି ଆପଣ ଡାଇବେଟିସ୍‌ର



ଶିକାର ହୋଇନଥାନ୍ତି, କିନ୍ତ ରକ୍ତରେ ସୁଗାର ସ୍ତର ଅଧିକ ରହିଛି, ତାହେଲେ ଗର୍ଭାବସ୍ଥାରେ ଡାଇବେଟିସ୍ ହୋଇଥାଏ ।

♦ ଚତୁର୍ଥରେ ପ୍ରଥମ ସନ୍ତାନ ସମୟରେ ଯଦି ଡାଇବେଟିସ୍ ନଥାଏ, ହେଲେ ଆପଣଙ୍କର ପ୍ରସବ ପିଲାର ଓଜନ ୪ କେଜି ଉପରକୁ ଥିଲେ ଦ୍ୱିତୀୟ ଥର ଗର୍ଭାବସ୍ଥାରେ ଡାଇବେଟିସ୍‌ର ଆଶଙ୍କା ଅଧିକ ବଢ଼ିଯାଏ ।

♦ ଶେଷରେ, ୨୫ବର୍ଷରୁ ଉର୍ଦ୍ଧ୍ୱ ବୟସରେ ଗର୍ଭବତୀ ହେଲେ ଗର୍ଭାବସ୍ଥାରେ ଡାଇବେଟିସ୍‌ର ଆଶଙ୍କା ବଢ଼ିଯାଏ । ଅନ୍ୟପକ୍ଷରେ ପିସିଓଡି (ପଲିସିଷ୍ଟକ ଓଭରିଆନ ଡିଜିଜ୍), ପିସିଓଡି ଯୋଗୁଁ ରକ୍ତରେ ଉଚ୍ଚ ଶୁଗାର ସ୍ତର ଆଦି ଥିଲେ ଗର୍ଭାବସ୍ଥାରେ ଡାଇବେଟିସ୍‌ର ଆାଶଙ୍କା ବଢ଼ିଯାଏ ।

**ଲକ୍ଷଣ :** ଗର୍ଭାବସ୍ଥାରେ ଡାଇବେଟିସ୍ ଗର୍ଭଧାରଣର ୨୪ସପ୍ତାହ ପରେ ଶୁଗାର ପରୀକ୍ଷାରୁ ଜଣାପଡ଼େ । ଏହି ଡାଇବେଟିସ୍‌ର ଲକ୍ଷଣ ଖୁବ କମ୍ ଦେଖାଯାଏ । ଏଣୁ ଏହାକୁ ଚିହ୍ନଟ କରିବା ସହଜ ହୋଇନଥାଏ ।

♦ ଗର୍ଭଧାରଣର ମାସେ ଭିତରେ ଯଦି ଦୁର୍ବଳ ଲାଗୁଥାଏ, ପାଟି ଶୁଖିଯାଉଥାଏ, ତାହେଲେ ରକ୍ତର ଶୁଗାର ସ୍ତର ପରୀକ୍ଷା କରିବା ଦରକାର । ଏହି ପରୀକ୍ଷା ବିଳମ୍ବ କରିବା ଅନୁଚିତ୍ ।

♦ ଗର୍ଭାବସ୍ଥା ସମୟରେ ବାରମ୍ବାର ପରିସ୍ରା ଲାଗୁଥିଲେ, ଏ ବିଷୟରେ ଡାକ୍ତରଙ୍କୁ ନିଶ୍ଚିତ ଜଣାନ୍ତୁ । ବାରମ୍ବାର ଶୋଷ ହେଉଥିଲେ ଅବା ତଣ୍ଟି ଶୁଖିଯାଉଥିଲେ ଡାକ୍ତରଙ୍କୁ ଜଣାନ୍ତୁ । କାରଣ ଏହା ମଧ୍ୟ ଗର୍ଭାବସ୍ଥାରେ ଡାଇବେଟିସ୍‌ର ସୂକ୍ଷ୍ମ ଲକ୍ଷଣ ।

♦ ଯଦି ରକ୍ତରେ ଶୁଗାର ସ୍ତର ଅସାମାନ୍ୟ ହୋଇଥାଏ, ଡାକ୍ତରଙ୍କୁ ଜଣାନ୍ତୁ । କାରଣ ଅନ୍ୟାନ୍ୟ ଦିନ ଅପେକ୍ଷା ଏହି ସମୟରେ ଅଧିକ ଖାଦ୍ୟ ଗ୍ରହଣ କରୁଥିବାରୁ ଶୁଗାର ସ୍ତର ବଢ଼ିଯାଏ । ଶୁଗାର ସ୍ତର ବଢ଼ିବା ହେତୁ ଥକ୍କା ଲାଗେ, ପରିସ୍ରା ଅଧିକ ଲାଗେ ଓ ଶୋଷ ଅଧିକ ଲାଗେ ।

♦ ଗର୍ଭାବସ୍ଥାରେ ମଧୁମେହ ବିଭିନ୍ନ ପ୍ରକାର କାରଣ ହେତୁ ହୋଇଥାଏ, ସେହିପରି ଏହା ଲକ୍ଷଣ ମଧ୍ୟ ବିଭିନ୍ନ ପ୍ରକାର ଦେଖାଯାଇଥାଏ । ଏଣୁ ଗର୍ଭାବସ୍ଥାରେ ସୁରକ୍ଷିତ ରହିବା ପାଇଁ ସମସ୍ତ ପ୍ରକାର ପରୀକ୍ଷା କରି ଡାକ୍ତରଙ୍କ ପରାମର୍ଶରେ ରୁହନ୍ତୁ ।



**ପ୍ରତିକାର :**

♦ ଗର୍ଭାବସ୍ଥାରେ ମଧୁମେହଠୁ ଦୂରେଇ ରହିବା ପାଇଁ ପ୍ରଥମତଃ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଡାଏଟ୍ ଚାର୍ଟ କରନ୍ତୁ । ସୁସ୍ଥ ଖାଦ୍ୟ ଖାଆନ୍ତୁ । ପ୍ରତିଦିନ ୩ଥର ମଧ୍ୟମ ଧରଣର ଭୋଜନ କରନ୍ତୁ । ଦୁଇଥରରୁ ଅଧିକ ଜଳଖିଆ କରନ୍ତୁ ନାହିଁ । ମିଠା ପାନୀୟ, ମିଠାଫଳ ଜୁସ ଆଦି ଠାରୁ ଦୂରେଇ ରହନ୍ତୁ । ପ୍ରୋଟିନ ଜାତୀୟ ଖାଦ୍ୟ ଖାଆନ୍ତୁ । ଦୁଗ୍ଧ ଜାତୀୟ ଖାଦ୍ୟ ଖାଆନ୍ତୁ । ତନ୍ତୁ ଜାତୀୟ ଖାଦ୍ୟ ମଧ୍ୟ ସାମିଲ କରନ୍ତୁ ।

♦ ଆଜିକାଲି ଏପରି ହେଲାଣି ଗର୍ଭାବସ୍ଥାରେ ଡାଇବେଟିସ ରୋକିବାକୁ ବହୁ କଷ୍ଟସାଧ୍ୟ । କାରଣ ଯାହା ବି ପନିପରିବାା ଖାଉଛେ, ସେଥିରେ କୀଟନାଶକ ଔଷଧ ଓ ରଙ୍ଗମିଶା ଯାଉଛି, ଯାହା ରକ୍ତରେ ଶୁଗାର ସ୍ତର ବଢ଼ାଇବାରେ ସହାୟକ ହୋଇଥାଏ । ଏଣୁ ଆମକୁ ସୁସ୍ଥ ଓ ସକ୍ରିୟ ଜୀବନଶୈଳୀ ପାଳନ କରିବା ଦରକାର । ଏଣୁ ଖାଦ୍ୟପେୟ ପ୍ରତି ଟିକେ ସଚେତନ ହେବା ସହ ଡାକ୍ତରଙ୍କ ପରାମର୍ଶ ରହିବା ଦରକାର ।

♦ ଗର୍ଭାବସ୍ଥା ସମୟରେ ସକାରାତ୍ମକ ପରୀକ୍ଷଣ ପରେ ଉଚିତ ଆହାର ଓ ବ୍ୟାୟାମ କରିବା ଦରକାର । କେତେକ ମହିଳା ବ୍ୟାୟାମ କରିବା ବନ୍ଦ କରିଦିଅନ୍ତି । ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତି ନାହିଁ । ଫଳରେ ୨୪ ସପ୍ତାହ ବେଳକୁ ଗର୍ଭବତୀ ମଧୁମେହର ଶିକାର ହୋଇଥାଏ । ଏଣୁ ଖାଦ୍ୟପେୟ ଓ ବ୍ୟାୟାମ ଦିଗ ପ୍ରତି ସର୍ବଦା ସତର୍କ ରହିବା ଦରକାର । କାରଣ ମା' ସୁସ୍ଥ ରହିଲେ ହିଁ ଶିଶୁ ସୁସ୍ଥ ରହିପାରିବ ।

♦ ଯଦି ପୂର୍ବରୁ କେବେ ବ୍ୟାୟାମ କରିନାହାଁନ୍ତି, ତେବେ ଏହି ସମୟରେ ସକାଳୁ ଉଠି ୩୦/୪୫ମିନିଟ୍ ବ୍ୟାୟାମ କରନ୍ତୁ । ଅତିକମରେ ସପ୍ତାହରେ ୩ଦିନ କରନ୍ତୁ ।

♦ ଗହମରୁ ପ୍ରସ୍ତୁତ ରୋଟି, ତନ୍ତୁଜାତୀୟ ଖାଦ୍ୟ, ପ୍ରୋଟିନ ଯୁକ୍ତ ଖାଦ୍ୟ ଖାଆନ୍ତୁ । ଯାହା ରକ୍ତରେ ଶୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୁଏ । ବ୍ୟାୟାମ ସହିତ ଶରୀରକୁ ଆବଶ୍ୟକୀୟ ଖାଦ୍ୟ ଖାଆନ୍ତୁ ।

# ଚାପ କମ୍ କରେ ଫୁଲ



ମାନସିକ ଚାପକୁ କମ୍ କରିବାକୁ ଚାହୁଁଥିଲେ ରଙ୍ଗବେରଙ୍ଗର ଫୁଲ ଦେଖିଲେ ଯେତିକି ଆତ୍ମସନ୍ତୋଷ ମିଳେ, ତାହାର ମଧୁର ବାସ୍ନା ପ୍ରଭାବ ମଧ କିଛି କମ୍ ନୁହେଁ ବୋଲି ଅନୁସନ୍ଧାନରୁ ଜଣାପଡିଛି । ଜାପାନର ଶିତୋମୀ ସହର ନିବାସୀ ହୁଙ୍ଗ୍ ଜିଓନ୍ ଓ ତାଙ୍କ ପତ୍ନୀ ଶିନ୍ତାଓ ଏହାର ସୁନ୍ଦର ଉହଦାରଣଟିଏ । ସାଧାରଣ ଜୀବନଯାପନ କରୁଥିବା ଏଇ ଦମ୍ପତି କିଛି ବର୍ଷ ତଳେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଏଥିରେ ଶିନ୍ତାଓ ସବୁଦିନ ପାଇଁ ଦୃଷ୍ଟିଶକ୍ତି ହରାଇଥିଲେ । ଦେଖିନପାରିବା କାରଣରୁ ଶିନ୍ତାଓ ଖୁବ୍ ଚିଡଚିଡା ସ୍ୱାଭାବର ହୋଇଗଲେ । ସାମାନ୍ୟ କଥାରେ ବିରକ୍ତ ପ୍ରକାଶ କରିବା ସହି ତାଙ୍କ ମାନସିକ ସ୍ଥିତି ମଧ ଠିକ୍ ରହିଲାନାହିଁ । ସ୍ୱାମୀ ହୁଙ୍ଗ୍ ଏସବୁ ଦେଖି ବ୍ୟତିବ୍ୟସ୍ତ ହେଲେ, କିନ୍ତୁ ସେ ମଧ ନିରୁପାୟ ଥିଲେ । କ'ଣ ବା କରିପାରିବେ ? ନିୟମିତ ଭାବେ ପତ୍ନୀଙ୍କୁ ପାର୍କ ନେଇଗଲେ । ହୁଙ୍ଗ୍ ଲକ୍ଷ୍ୟ କଲେ ପାର୍କରେ ଯେଉଁ ସବୁ ସ୍ଥାନରେ ସୁଗନ୍ଧିତ ଗଛ ଥିଲା, ସେ ସ୍ଥାନରେ ଶିନ୍ତାଓ ଅଧିକ ସମୟ ଅତିବାହିତ କରିବାକୁ ଚାହୁଁଥିଲେ । ପତ୍ନୀଙ୍କୁ ହାବଭାବ ଦେଖି ସେ ନିଜ ଘର ପାଖ ଜମିରେ ଫୁଲଚାଷ ଆରମ୍ଭ କରିଦେଲେ । ଦିନକେଇଟାରେ ରଙ୍ଗବେରଙ୍ଗ ତଥା ସୁଗନ୍ଧିତ ଫୁଲରେ ଚତୁର୍ଦ୍ଦିଗ ମହକି ଉଠିଲା । ସ୍ୱାମୀ-ସ୍ତ୍ରୀ ଦୁହେଁ ଦିନର ଅଧିକାଂଶ ସମୟ ଏଠି ଅତିବାହିତ କରିଥାନ୍ତି । ହୁଙ୍ଗ୍‌ଙ୍କର ଏଭଳି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳର ଲୋକେ ପ୍ରଶଂସା କରିବା ସହ ଏହା ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳରେ ପରିଣତ ମଧ ହୋଇଛି । ଗବେଷକଦଳ ସ୍ପଷ୍ଟ କରିଛନ୍ତି, ଫୁଲର ବାସ୍ନା ମାନସିକ ଚାପକୁ ଅନେକାଂଶରେ ନିୟନ୍ତ୍ରିତ କରିଥାଏ ।

# ମେରୁଦଣ୍ଡ ଯକ୍ଷ୍ମା

ମେରୁଦଣ୍ଡ ଯକ୍ଷ୍ମା ଏକ ମାରାତ୍ମକ ରୋଗ । ସିଟି ସ୍କାନ୍, ଏମବଆରଆଇ ଆଦି ପରୀକ୍ଷା ଦ୍ୱାରା ଏହି ରୋଗ ଚିହ୍ନଟ ହୁଏ । ମେରୁଦଣ୍ଡରେ କଷ୍ଟ ହେବା ସାଧାରଣ ଲକ୍ଷଣ । ଯକ୍ଷ୍ମା ଜୀବାଣୁ ମେରୁଦଣ୍ଡର ଅସ୍ଥି ସଙ୍କୁଚିତ କରାଏ । ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବାବେଳେ ମଣିଷକୁ ଆକ୍ରାନ୍ତ କରିଥାଏ । ଏହି ଜୀବାଣୁ ରକ୍ତରେ ରହି ନାନା ସମସ୍ୟା ସୃଷ୍ଟି କରାଏ । ମେରୁଦଣ୍ଡ ଅସ୍ଥି ସଂକୁଚିତ ହେଲେ ସ୍ନାୟବିକ ସମସ୍ୟା ହୁଏ । ଚିକିତ୍ସା କରାନଗଲେ ମେରୁଦଣ୍ଡ ସବୁ ଦିନପାଇଁ ବିକୃତ ହୋଇଯାଇପାରେ । ବାରକ୍ୟୁଲାର କେମୋଥେରାପି ଦ୍ୱାରା ଏହା ଚିକିତ୍ସା କରାଯାଉଛି । ଏହି ଚିକିତ୍ସା ସୁବିଧା ଅଧିକାଂଶ ସରକାରୀ ଚିକିତ୍ସାଳୟରେ ମାଗଣାରେ ମିଳୁଛି । ଠିକ୍ ସମୟରେ ଚିକିତ୍ସା କଲେ, ରୋଗରୁ ସଂପୂର୍ଣ୍ଣ ମୁକ୍ତି ପାଇବା ସଂଭବ ।

# ଚିନାବାଦାମ

ଚିନାବାଦାମ ମଣିଷ ପାଇଁ ଈଶ୍ୱରଙ୍କ ବରଦାନ ସ୍ୱରୂପ । ଏଥିରେ ପ୍ରୋଟିନ ସହିତ ବିଭିନ୍ନ ପ୍ରକାର ଭିଟାମିନ ଓ ଖଣିଜ ପ୍ରଚୁର ମାତ୍ରାରେ ରହିଥାଏ । ଏହା ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ବିଭିନ୍ନ ପ୍ରକାର ବିଷାକ୍ତ ପ୍ରତିକ୍ରିୟାରୁ ଦେହକୁ ରକ୍ଷା କରିଥାଏ । ଏଥିରେ ଲୌହ , କ୍ୟାଲିସିୟମ, ଜିଙ୍କ, ମ୍ୟାଗ୍ନେସିୟମ, ପୋଟାସିୟମ , ସେଲେନିୟମ, ମାଙ୍ଗାନିଜ ଓ କପର ପ୍ରଭୃତି ଭରପୂର ପରିମାଣରେ ରହିଥାଏ ।



ଚିନାବାଦାମରେ ଥିବା 'ନିଆସିନ' ଆଲାଜାଇମର ପରି ରୋଗର ଏକ ଉତ୍ତମ ପ୍ରତିରୋଧକ । ଏହା ମସ୍ତିଷ୍କରେ ରକ୍ତ ପ୍ରବାହ ବୃଦ୍ଧି କରି ଆଲାଜାଇମର ଆଶଙ୍କାକୁ ଦୂରକରେ । ଏଥିରେ ଥିବା ଭିଟାମିନ ଇ ତ୍ୱଚାକୁ ସ୍ନିଗ୍ଧ ଓ କୋମଳ କରିବା ସହ ଚମକ ବୃଦ୍ଧି କରେ । ତା ସହିତ ବୟସର ପ୍ରଭାବକୁ ମଧ ହ୍ରାସ କରେ ।

♦ ଚିନାବାଦାମରେ ଭିଟାମିନ ଏତ ମଧ ରହିଛି । ଏଥିରେ ଥିବା 'ବାୟୋଟିନ' ବଳ ଓ ନଖ ପାଇଁ ଅତ୍ୟନ୍ତ ଉପଯୋଗୀ ।

♦ ଶିଶୁ ଓ କିଶୋର/ କିଶୋରୀଙ୍କ ପାଇଁ ଚିନାବାଦାମ ଏକ ଉତ୍ତମ ଖାଦ୍ୟ । ଏହା ସେମାନଙ୍କ ଶରୀରିକ ଓ ମାନସିକ ବିକାଶକୁ ତ୍ୱରାନ୍ୱିତ କରେ ।

♦ ଚିନାବାଦାମ ନିୟମିତ ଶଖଇଲେ ମଧୁମେହ ଆଶଙ୍କା ପ୍ରତିତ ଦୂର ହୁଏ ।

♦ ରକ୍ତରେ ଶର୍କରା ସ୍ତରକୁ ନିୟମନ୍ତ୍ରଣ କରେ । ଶରୀରରେ ଥିବା କ୍ୟାଲସିୟମର ଅବଶୋଷଣ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ପାକଶକ୍ତିକୁ ଦୃଢ଼ କରେ ।

♦ ଏଥିରେ ଥିବା 'ଟ୍ରିପଟୋଫୋନ' ନାମକ ଆମିନୋଏସିଡ ମାନସିକ ସ୍ଥିରତା ପ୍ରଦାନ କରିବା ସହ ଚାପ ଦୂର କରେ ।

♦ ଖରାପ କୋଲେଷ୍ଟାରଲ ନାଶ କରିବା ସହ ଭଲ କୋଲେଷ୍ଟରଲ ବୃଦ୍ଧି କରି ହୃଦରୋଗ ଆଶଙ୍କା ଦୂର କରେ ।

♦ ପେଟ କ୍ୟାନସର, ବ୍ରେଷ୍ଟ କ୍ୟାନସର ଓ ଫଙ୍ଗାଲ ଇନଫେକ୍ସନର ଉତ୍ତମ ପ୍ରତିରୋଧକ ।



# ଅମୃତଭଣ୍ଡାର ଉପକାରିତା

ଅମୃତ ଭଣ୍ଡାରେ ଅନେକ ପ୍ରକାରର ଭିଟାମିନ ସହିତ ରୋଗପ୍ରତିରୋଧକ ଶକ୍ତି ମଧ ରହିଛି । ପାଚିଲା ଅମୃତଭଣ୍ଡା ସାଙ୍ଗରେ ବଟୁରା ହୋଇଥିବା କିସମିସ ଏବଂ ମହୁ ମିଶାଇ ପ୍ରତିଦିନ ସକାଳୁ ଖାଇଲେ ଯକୃତ କ୍ରିୟା ଠିକ୍ ହୋଇଥାଏ । ମୁହଁରେ କଳାଦାଗ ହେଲେ କିଛି ଦିନ ନିୟମିତ, ପାଚିଲା ଅମୃତଭଣ୍ଡାକୁ ମୁହଁରେ ଲଗାଇ କିଛି ସମୟ ପରେ ଧୋଇଲେ କଳାଦାଗ ନିଶ୍ଚିହ୍ନ ହୋଇଯାଏ ଓ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧିପାଏ ।



ପାଚିଲା ଅମୃତଭଣ୍ଡାରେ କିସମିସ୍, କ୍ଷୀର ଏବଂ ଚିନି ମିଶାଇ ଖାଇଲେ ମଳ ପରିଷ୍କାର ହୁଏ । କେବଳ ପାଚିଲା ଅମୃତଭର୍ଡା ନିୟମିତ ଖାଇଲେ କୋଷ୍ଠବଦ୍ଧତା ରୋଗରଉପକାର ମିଳେ ।

ପ୍ରତିଦିନ କଞ୍ଚା ଅମୃତଭଣ୍ଡା ଚୋବାଇ ଖାଇଲେ ଅର୍ଶ ରୋଘୀ ଖୁବ୍ ବେଶୀ ଉପକାର ପାଇପାରିବେ । ସ୍ତ୍ରୀମାନଙ୍କର କ୍ଷୀର ନ ହେଉଥିଲେ ଅମୃତଭଣ୍ଡା ତରକାରୀ ବିଶେଷ ଉପକାରୀ ହୋଇଥାଏ ।

# ଅଫିସିଆଲ୍ ୱାର୍କ ପାଇଁ ପ୍ୟାଣ୍ଟସୁଟ୍

ଅଫିସିଆଲ ୱାର୍କ ପାଇଁ ହୋଇଥିବା ପ୍ୟାଣ୍ଟସୁଟ୍ କେବଳ ବୋର୍ଡରୁମ୍ ମଧ୍ୟରେ ସୀମିତ ହୋଇ ରହିନାହିଁ । ଏବେ ଏହାକୁ ଅପ୍‌ଗ୍ରେଡ କରି ଫ୍ୟାସନେବଲ କରିଦିଆଯାଇଛି । ଏହାକୁ ରନ୍‌ୱେ ଠାରୁ ଆରମ୍ଭ କରି ରେଡ କାର୍ପେଟ ପର୍ଯ୍ୟନ୍ତ ପିନ୍ଧାଯାଇ ପାରିବ । ପ୍ୟାଣ୍ଟସୁଟ୍ ଲଗାତାର ବାକ୍ସି ଡିଜାଇନ ଓ ଓଭର ସାଇଜରୁ ଆରମ୍ଭ କରି ବ୍ରାଇଟ୍ କଲର୍ ଓ ଏମ୍ବେଲିଶ୍‌ଡ ପାୱାରସୁଟ୍ ପର୍ଯ୍ୟନ୍ତ ଅପଗ୍ରେଡ୍ ହୋଇଛି । ନିକଟ ଅତୀତରେ ଏହାର ନୂଆ ଡିକନ୍‌ଷ୍ଟ୍ରଡ୍ ଷ୍ଟାଇଲ୍ ମଧ ଦେଖିବାକୁ ମିଳିଲା । ଯାହାକୁ ବଲିଉଡ ଅଭିନେତ୍ରୀମାନେ ମଧ ବହୁତ ପସନ୍ଦ କରୁଛନ୍ତି । ଡିକନଷ୍ଟ୍ରେକ୍ଟେଡ ପ୍ୟାଣ୍ଟସୁଟ୍‌ରେ ଏସେମେଟ୍ରିକଲ ଫ୍ରମ ବ୍ୟାକସାଇଡ, କ୍ରାପ୍‌ଡ ଫ୍ରାମ୍ ଫ୍ରଣ୍ଟ, ୱାନ ଅଫ୍ ସୋଲଡର ଓ ମିଡିରିକ କଟଆଉଟ ଭର୍ଜନ ଏବେ ଟ୍ରେଣ୍ଡରେ ଅଛି । ଏହାକୁ ଅଲଗା ଅଲଗା ଡିଜାଇନରମାନେ ପ୍ରସ୍ତୁତ କରିଛନ୍ତି । ବିଭିନ୍ନ ଡିକନ୍‌ଷ୍ଟ୍ରକ୍ଟେଡ ପ୍ୟାଣ୍ଟ ସୁଟ୍ ରହିଛି ଯାହାକୁ ଆପଣ ନିଜ ଷ୍ଟାଇଲ୍‌ରେ ସାମିଲ କରି ପାରିବେ ।





♦ ପାଉଡର ବ୍ଲୁ ପ୍ୟାଣ୍ଟ ସୁଟ୍‌କୁ ଆପଣ ବହୁତ ଅବାକାରୀ ସହିତ କ୍ୟାରୀ କରିପାରିବେ । ଏପରି ପ୍ୟାଣ୍ଟସୁଟ୍, ପାର୍ଟି ଓ ଆଉଟ୍ରିଙ୍ଗ ପାଇଁ ଟ୍ରାଏ କରି ପାରିବେ ।

♦ ପ୍ୟାଣ୍ଟସୁଟ୍‌କୁ କ୍ୟାରୀ କରି ପାରିବେ । ଏହା ଆପଣଙ୍କୁ ଆକର୍ଷଣୀୟ ଲୁକ୍ ଦେବ ।

♦ ନିଜର ଲୁକ୍‌କୁ ଅଧିକ ଫ୍ରେସ୍ ଓ ଆକର୍ଷଣୀୟ କରିବା ପିଇଁ ଆପଣ ନିୟନ କ୍ରାଫ୍‌ଡ ପ୍ୟାଣ୍ଟସୁଟ୍ ସହିତ ଟାଇଅପ୍ କରି ପିଙ୍କ୍ ହିଲ୍‌ସ ପିନ୍ଧିପାରିବେ ।

♦ ଅନ୍‌କଣ୍ଡିସନାଲ ଜମ୍ପସୁଟ୍ ବା ପ୍ୟାଣ୍ଟସୁଟ୍ ହାଇବ୍ରିଡ ଆଉଟ୍‌ଫିଟ୍‌ରେ ଆପଣ ଭିଡ ଭିତରେ ଅଲଗା ଦେଖାଯିବେ ।

♦ କ୍ରାଫ୍‌ଡ ପ୍ୟାଣ୍ଟ ଓ ପବନରେ ଉଡୁଥିବା କେପକୁ ଦେଖି ଏହାକୁ କେହି ବି ପ୍ୟାଣ୍ଟସୁଟ୍ କହିବେ । କିନ୍ତୁ ଏହି ପ୍ୟାଣ୍ଟସୁଟ୍‌କୁ ନିକଟରେ ଷ୍ଟାଇଲ୍ କରାଯାଇଛି ।

♦ ପ୍ରିଣ୍ଟେଡ ଏସେମେଟ୍ରିକଲ ପ୍ୟାଣ୍ଟ ସୁଟ୍ ଓ ପଫ୍ ସ୍ଲିଭ୍‌ସ ବାଲା ମୋନୋଟୋନ ପ୍ୟାଣ୍ଟସୁଟ୍ ଆପଣଙ୍କୁ ସକରାତ୍ମକ ଅନୁଭବ କରାଇବ । ଏହି ଲୁକ୍ ଅଫିସ୍ ଲୁକ୍ ସହିତ ସାଙ୍ଗାମାନଙ୍କ ସହିତ ପାର୍ଟିରେ ମଧ ଫରଫେକ୍ଟ ରହିବ ।

# ପିଲାଙ୍କ ଖାଦ୍ୟପେୟ ସମ୍ପର୍କିତ ନୂତନ ତଥ୍ୟ



ପ୍ରତ୍ୟେକ ଅଭିଭାବକ ନିଜ ପିଲାଙ୍କ ଖାଦ୍ୟପେୟ ନେଇ ଖୁବ୍ ଯତ୍ନଶୀଳ । ପିଲାମାନେ ଖାଦ୍ୟପେୟରେ ହେଳା କରିବା ମାତ୍ରେ ପିତାମାତାଙ୍କ ଚିନ୍ତାନ୍ତ ବଢ଼ିଯାଏ । ଗଠେବଷକଦଳ ପିଲାଙ୍କ ଉପରେ ଗବେଷଣା କରିବା ସମୟରେ ଏକ ରୋଚକ ତଥ୍ୟ ପ୍ରକାଶ କରିଛନ୍ତି । ସେମାନେ କହିଛନ୍ତି ପ୍ରାୟ ୪୫%ରୁ ଅଧିକ ପିଲା ଖାଇବା ପିଇବାରେ ଖୁବ୍ ହଇରାଣ କରନ୍ତି । ଏହି ପ୍ରବୃତ୍ତି ସେମାନେ ନିଜ ପିତାମାତା, ଜେଜେବାପା, ଜେଜେ ମାଙ୍କ ଠାରୁ ଗ୍ରହଣ କରିଥାନ୍ତି । ଦେଢ଼ ବର୍ଷରୁ ୧୦ବର୍ଷ ବୟସର ପିଲାମାନେ ନିୟମିତ ଭାବରେ ଅନ୍ୟମାନଙ୍କ ଖାଦ୍ୟପେୟକୁ ନିରୀକ୍ଷଣ କରନ୍ତି । ବଡ଼ମାନେ ଯେଉଁଖାଦ୍ୟକୁ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରନ୍ତି, ପରବର୍ତ୍ତୀ ସମୟରେ ପିଲାମାନେ ମଧ ସେହି ପଥରେ ପରିଚାଳିତ ହୋଇଥାନ୍ତି । ଗବେଷକଙ୍କ ମତରେ ନିଜ ପିଲାଙ୍କ ସୁସ୍ଥତା ପାଇଁ ପ୍ରଥମେ ଅଭିଭାବକଙ୍କୁ ସଚେତନ ହେବାକୁ ପଡ଼ିବ ।

# ମିଠା ବିସ୍କୁଟଠାରୁ ଦୂରେଇ ରୁହନ୍ତୁ

ଆଜିକାଲି ବଜାରରେ ବିଭିନ୍ନ ନାମୀ କମ୍ପାନୀର ଭିନ୍ନଭିନ୍ନ ସ୍ୱାଦର ବିସ୍କୁଟମାନ ଉପଲବ୍ଧ ହେଉଛି । ଲୁଣି, ମିଠା, ଖଟା-ମିଠା, ସାମାନ୍ୟ ଭାଗ ସ୍ୱାଦର ବିସ୍କୁଟ ବଜାରରେ ମିଳୁଛି । ଏ ଦିଗରେ ଖାଦ୍ୟ ବିଶେଷଜ୍ଞଙ୍କ ମତ ହେଉଛି ମିଠା ସୁଆଦର ବିସ୍କୁଟ ସ୍ୱାସ୍ଥ୍ୟ ଖୁବ୍ କ୍ଷତିକାରକ । ଦିନକୁ ୫-୬ ଟିରୁ ଅଧିକ ମିଠା ବିସ୍କୁଟ ଖାଇବା ହାନିକାରକ ବୋଲି ପରୀକ୍ଷାରୁ ପ୍ରମାଣିତ ହୋଇଛି । ମିଠା ବିସ୍କୁଟରେ ଥିବା ଟ୍ରାନ୍ସଫ୍ୟାଟ୍ ଆମ ସ୍ମୃତିଶକ୍ତି ପ୍ରଭାବିତ ହୋଇଥାଏ ନିୟମିତ ଭାବେ ଏଇ ବିସ୍କୁଟ୍ ଖାଉଥିଲେ ଏ ଅଭ୍ୟାସକୁ ବନ୍ଦ କରନ୍ତୁ । ଅଧିକ ମିଠା ବିସ୍କୁଟ ଏହା ଖାଇଲେ ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହୋଇଥାଏ । ବୋଲି ବିଶେଷଜ୍ଞଙ୍କ ମତ । ଶରୀରର ପୋଷକତ୍ତ୍ୱ ମଧ ଏହା କାରଣରୁ ପ୍ରଭାବିତ ହୋଇଥାଏ । ଏଇ ବିସ୍କୁଟରେ ଥିବା ଫ୍ୟାଟ୍ସ କାରଣରୁ ଶରୀରର ମେଦ ମଧ ବଢ଼େ । ହୃଦରୋଗୀମାନେ ମିଠା ବିସ୍କୁଟ୍ ନଖାଇବା ଭଲ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ସ୍ୱାସ୍ଥ୍ୟ ସେବା ଓ ମାନସିକ ସ୍ୱାସ୍ଥ୍ୟ...

ଦେଶ ସ୍ୱାଧୀନ ହେବାର ସାତ ଦଶନ୍ଧିରୁ ଅଧିକ ସମୟ ବିତି ସାରିଲାଣି, କିନ୍ତୁ ବିଭିନ୍ନ ରୋଗର ଶିକାର ହୋଇ ଲୋକଙ୍କର ମୃତ୍ୟୁବରଣ କରିବା ଏବଂ ଶିଶୁ ମୃତ୍ୟୁହାର ଦେଶରେ ଏବେ ସୁଦ୍ଧା ଢେର୍ ଅଧିକ ରହିଛି । ଏହା ଅତ୍ୟନ୍ତ ପରିତାପର ବିଷୟ । ଅନେକ ଲୋକ ଜୀବନ ପ୍ରତି ବିପଦ ବହନ କରୁଥିବା ରୋଗ ଯଥା ଯକ୍ଷ୍ମା, କ୍ୟାନ୍ସର, ହୃଦ୍‌ରୋଗ ଇତ୍ୟାଦିରେ ପୀଡ଼ିତ, କିନ୍ତୁ ଏଭଳି ରୋଗଗୁଡ଼ିକର ଚିକିତ୍ସା ଅତ୍ୟନ୍ତ ବ୍ୟୟ ବହୁଳ ହୋଇଥିବାରୁ ସେମାନେ ଚିକିତ୍ସା କରିବାକୁ ଅକ୍ଷମ ହୋଇଥାନ୍ତି । ଏସବୁ ତ ଶାରୀରିକ ରୋଗର କଥା; ମାନସିକ ରୋଗରେ ଆକ୍ରାନ୍ତ ଲୋକମାନେ କେମିତି ଜୀବନ ବିତାଉଥିବେ, ତାହା ସହଜରେ ନୁମେୟ । ଇତିହାସ ସାକ୍ଷୀ, ଯେକୌଣସି ସମାଜରେ ସାମନିକ ରୋଗରେ ଆକାନ୍ତ ଲୋକମାନେ ସବୁବେଳେ ପକ୍ଷପାତିତା ଓ ହେୟଜ୍ଞାନର ଶିକାର ହୋଇ ଆସିଛନ୍ତି । ଲୋକମାନଙ୍କ ଭିତରେ ଏଭଳି ମନୋଭାବ ଭର୍ତ୍ତି ହୋଇ ରହିବାର ଏକ ସ୍ପଷ୍ଟ ଉଦାହରଣ ହେଉଛି ଆନୁଷ୍ଠାନିକ ଉଦାସୀନତା । ସରକାରଙ୍କ ଦ୍ୱାରା ବିଧିବଦ୍ଧ ପଦକ୍ଷେପ ନିଆଯିବା ହିଁ ମାନସିକ ଅସୁସ୍ଥତା ବିରୁଦ୍ଧରେ ସଂଗ୍ରାମ କରୁଥିବା ଲୋକମାନଙ୍କ ପ୍ରତି ରହିଥିବା ସାମାଜିକ ଭାବନାକୁ ଦୂର କରି ପାରିବ । ଉଦାହରଣ ସ୍ୱରୂପ, ବ୍ରିଟେନ୍‌ରେ ଅଷ୍ଟାଦଶ ଶତାବ୍ଦୀରେ ମାନସିକ ରୋଗୀମାନଙ୍କ ନିମନ୍ତେ ରହିଥିବା ଚିକିତ୍ସା କେନ୍ଦ୍ର ବା ଆସାଇଲମ୍‌ଗୁଡ଼ିକ ତତ୍କାଳୀନ ସମାଜର ବିଶ୍ୱାସ ଯୋଗୁଁ ଦଣ୍ଡ ଭୋଗିବା କେନ୍ଦ୍ରଗୁଡ଼ିକ ଭାବରେ କାର୍ଯ୍ୟ କରୁଥିଲା । ଏଗୁଡ଼ିକ ପାଗଳଖାନା ଭାବରେ ନାମିତ କରାଯାଉଥିଲା । ଏହାର କାରଣ ସେ ସମୟରେ ଯେଉଁମାନେ ମାନସକ ବିକାରର ଶିକାର ହେଉଥିଲେ, ସେମାନଙ୍କୁ ଅପରାଧୀ ଭାବରେ ବିବେଚନା କରା ଯାଉଥିଲା । ଚିକିତ୍ସା ବିଜ୍ଞାନର ଅଗ୍ରଗତି ହେବା ପରେ ଏପରି ନାକକରଣରେ ଅବଶ୍ୟ ପରିବର୍ତ୍ତନ ଘଟିଲା- ପାଗଳମାନଙ୍କ ଚିକିତ୍ସା କେନ୍ଦ୍ରର ନାମକୁ ପରିବର୍ତ୍ତନ କରାଯାଇ 'ମାନସିକ ଚିକିତ୍ସାଳୟ' ବା ମେଣ୍ଟାଲ ହସ୍‌ପିଟାଲ ରଖାଗଲା, ଯାହା ସାମ୍ପ୍ରତିକ ସମୟରେ 'ମାନସିକ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ' ନାମରେ ନାମିତ ହୋଇଛି । ତେବେ ଏହି ଚିକିତ୍ସା କେନ୍ଦ୍ରଗୁଡ଼ିକ ଏବେ ସୁଦ୍ଧା ମାନସିକ ରୋଗରେ ଆକ୍ରାନ୍ତ ରୋଗୀମାନଙ୍କ ସମ୍ବନ୍ଧରେ ସମାଜରେ ରହିଥିବା ଭ୍ରାନ୍ତ ଧାରଣାକୁ ଦୂଣ କରିବାରେ ବିଫଳ ହୋଇଛନ୍ତି । ଏହାର ଏକ ବଡ଼ ନମୁନା ହେଉଛି ଭାରତର ମନସ୍ତାତ୍ତ୍ୱିକ ଅନୁଷ୍ଠାନଗୁଡ଼ିକରେ ମାନସିକ ଅସୁସ୍ଥ ବ୍ୟକ୍ତିମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରାଯିବା । ବସ୍ତୁତଃ, ରାଞ୍ଚିସ୍ଥିତ କେନ୍ଦ୍ରୀୟ ମନସ୍ତତ୍ତ୍ୱ ଅନୁଷ୍ଠାନର ୧୯୮୨ ମସିହାର ଏକ ରିପୋର୍ଟ ଏଠାରେ ଚିକିତ୍ସିତ ହେଉଥିବା ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଚମକାଇ ଦେବା ଭଳି ମାନବିକ ଅଧିକାରର ଉଲ୍ଲଙ୍ଘନ ହେଉଥିବା ସମ୍ପର୍କରେ ଉଲ୍ଲେଖ କରିଥିଲା ରୋଗୀମାନଙ୍କୁ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ କରାଯାଉଥିଲା, ସେମାନଙ୍କୁ ଭଲ ଭାବରେ ରନ୍ଧା ଯାଇ ନଥିବା ଖାଦ୍ୟ ପ୍ରଦାନ କରାଯାଉଥିଲା ଏବଂ ସ୍ୱଚ୍ଛନ୍ଦରେ ବାୟୁ ଚଳାଚଳ କରୁ ନଥିବା ତଥା ଭଲ ଭାବରେ ଆଲୋକିତ ହେଉ ନଥିବା କୋଠରୀମାନଙ୍କରେ ରଖାଯାଉଥିଲା । ପରିତାପର ବିଷୟ, ଏ ବାବଦରେ ଏବେ ସୁଦ୍ଧା ସେପରି କିଛି ବିଶେଷ ଉନ୍ନତି ଘଟିନାହିଁ । ନିକଟରେ ଜାତୀୟ ମାନବିକ ଅଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଦର୍ଶାଇଛି ଯେ ଉପରୋକ୍ତ ଅବସ୍ଥା ଦେଶରେ ଥିବା ପ୍ରାୟ ସମସ୍ତ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସାଳୟଗୁଡ଼ିକରେ ବଜାୟ ରହିଛି । ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ଅନୁସାରେ ବର୍ତ୍ତମାନ ସମୟରେ ଦେଶରେ ଥିବା ସମସ୍ତ ୪୬ଟି ଯାକ ମାନସିକ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଏମିତି ଏକ ପରିବେଶ ଉପସ୍ଥାପିତ କରନ୍ତି, ଯାହା ଏଠାରେ ରହୁଥିବା ସମସ୍ତ ଅନ୍ତେବାସୀଙ୍କ ସୁସ୍ଥତା ଏବଂ ମର୍ଯ୍ୟାଦାରର ପରିପନ୍ଥୀ କହିଲେ ଅତ୍ୟୁକ୍ତି ହେବନାହିଁ । ଏହା କେବଳ ଭାତହାଣ୍ଡିରୁ ଗୋଟିଏ । ଦେଶର ଜନସଂଖ୍ୟା ଅନୁସାରେ ମାନସିକ ସ୍ୱାସ୍ଥ୍ୟସେବା ପେସାଦାରମାନଙ୍କ ଅନୁପାତ ଅତ୍ୟନ୍ତ ନଗଣ୍ୟ । ମାନସିକ ସ୍ୱାସ୍ଥ୍ୟସେବା ଅନୁଷ୍ଠାନମାନଙ୍କରେ କାମ କରୁଥିବା କର୍ମଚାରୀମାନଙ୍କ ମଧ୍ୟରୁ ଅଧିକାଂଶଙ୍କ କ୍ଷେତ୍ରରେ ମୌଳିକ ପ୍ରଶିକ୍ଷଣ ପ୍ରାପ୍ତିର ଅଭାବ ରହିଥିବା ଯୋଗୁଁ ତାହା ପ୍ରାୟତଃ ରୋଗୀମାନଙ୍କ ଉପଯୁକ୍ତ ଚିକିତ୍ସା କ୍ଷେତ୍ରରେ ବାଧକ ସାଜୁଛି । ସମାଜରେ ରହିଥିବା ଭ୍ରାନ୍ତ ଧାରଣା ହେତୁ ମାନସିକ ଅସୁସ୍ଥତାର ଶିକାର ବ୍ୟକ୍ତିମାନେ ଅରୋଗ୍ୟ ଲାଭ କରିବା ପରେ ସେମାନଙ୍କର ସମାଜୀୟ ପୁନର୍ବାସର ସୁଯୋଗ ସୀମିତ । ଫଳରେ, ଯେଉଁମାନେ ବି ଚିକିତ୍ସା କେନ୍ଦ୍ରଗୁଡ଼ିକରୁ ମୁକ୍ତି ପାଇ ସାଧାରଣ ଜନଜୀବନକୁ ଫେରିବା ଯୋଗ୍ୟ, ସେମାନେ ଏକ ବନ୍ଦୀ ବା ନିଃସଙ୍ଗ ଜୀବନ ଅତିବାହିତ କରିବାକୁ ବାଧ୍ୟ ହେଉଛନ୍ତି । ମହାମାରୀ କୋଭିଡ୍‌ର ଦେଶକୁ ଆଗମନ ଘଟିବାର ଚାରିବର୍ଷ ପୂର୍ବରୁ କରାଯାଇଥିବା ଏକ ରାଷ୍ଟ୍ରୀୟ ମାନସିକ ସ୍ୱାସ୍ଥ୍ୟ ସର୍ଭେ ଉଲ୍ଲେଖ କରିଥିଲା ଯେ ମାନସିକ ବିକାରର ଶିକାର ହୋଇଥିବା ଭାରତୀୟମାନଙ୍କ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ଲୋକଙ୍କ କ୍ଷେତ୍ରରେ ଆବଶ୍ୟକୀୟ ଯତ୍ନର ଉପଲବ୍ଧତା ନଥିଲା । ଏହା ଏକ ସ୍ୱାଭାବିକ କଥା ଭାବରେ ଗ୍ରହଣ କରାଯାଇପାରେ, କାରଣ ଏକ ସର୍ଭେ ଅନୁସାରେ ଯେଉଁଠି ୧ଲକ୍ଷ ଲୋକରେ ମାତ୍ର ୦.୮ ପ୍ରତିଶତ ମନୋଚିକିତ୍ସା ହସ୍‌ପିଟାଲ ଶଯ୍ୟା ରହିଛି, ସେଠାରେ ଆଉ କିଭଳି ପରିସ୍ଥିତି ଦେଖାଯିବ ! ଉପରୋକ୍ତ ସମସ୍ତ ତଥ୍ୟ ସାଂଘାତିକ, ବିଶେଷକରି ଏହି ପରିପ୍ରେକ୍ଷୀରେ ଯେ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି କି ନିକଟ ଭବିଷ୍ୟତରେ ଭାରତ ମାନସିକ ଅସୁସ୍ଥତାର ଏକ ଆଶ୍ଚର୍ଯ୍ୟଚକିତ କରିଦେବା ଭଳି ସଂକଟର ସମ୍ମୁଖୀନ ହେବାକୁ ଯାଉଛି । ସୂଚନାଯୋଗ୍ୟ ଯେ ମହାମାରୀ କୋଭିଡ୍ ବିଭିନ୍ନ କାରଣରୁ ଦେଶର ଅନେକ ଲୋକଙ୍କ ମାନସିକ ସ୍ତର ପ୍ରତି ବଡ଼ ଧରଣର ଆଘାତମାନ ପହଞ୍ଚାଇଛି । ତଥାପି ୨୦୧୭ର ମାନସିକ ସ୍ୱାସ୍ଥ୍ୟସେବା ଆଇନର ବ୍ୟବସ୍ଥାଗୁଡ଼ିକ ସବୁ ରାଜ୍ୟରେ ସମାନ ଭାବରେ କାର୍ଯ୍ୟକାରୀ ହୋଇନାହିଁ । ମାନସିକ ସ୍ୱାସ୍ଥ୍ୟସେବା ବାବଦରେ ବଜେଟ୍‌ରେ ମଧ ଖୁବ୍ କମ୍ ପରିମାଣ- ମାତ୍ର ୦.୮ ପ୍ରତିଶତ ବ୍ୟବସ୍ଥା କରାଯାଉଥିବା ବେଳେ ମାନସିକ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଅନୁଷ୍ଠାନମାନଙ୍କ ନିମନ୍ତେ ଜିଡିପିର କେବଳ ୩ ପ୍ରତିଶତ ଅର୍ଥ ବ୍ୟବସ୍ଥା କରାଯାଉଛି । ଆଗାମୀ ବଜେଟ୍ ଏ ବାବଦରେ ରହିଥିବା ଅନ୍ତରକୁ ଦୂର କରିବା ଆଶା କରାଯାଇ ପାରିବ କି ?

କବିତା କୋଣାର୍କ



## ଗୋଟେ କପ ଚା

### କାଦମ୍ବିନୀ ବେଶ୍ରା

ସୁନେଲି ସକାଳ ର ଆରମ୍ଭ
କେବଳ ତା ପାଖରେ....
ଦିନତମାମର ଯନ୍ତ୍ରଣା ଲାଘବ ହୁଏ
ଗୋଧୂଳିର ଆଶ୍ୱସ୍ତିରେ....
ମୋ ଏକଲାପଣର ଆଘାତରୁ
ସତେଜ କରେ ତା ମିଠା ସ୍ପର୍ଶରେ....
କେବେ ସାଜେ ଅତିଥିଙ୍କ
ପ୍ରଥମ ପସନ୍ଦ
ପୁଣି କେବେ ମିଳନର
ବାହାନାଟେ ଦୁଇଟି ହୃଦୟର....
ଅଜବ ତା ନିଶା ନିଆରା ତା ଛୁଆଁ
ତା ସ୍ପର୍ଶରେ ଓଠ ସତେଜ
ହୋଇଯାଏ
ସଭିଙ୍କର ପ୍ରିୟ ସେ
ଶୀତର କମ୍ପନରେ
ବର୍ଷାର କୋହଲା ପାଗରେ
ଗ୍ରୀଷ୍ମର ଉତ୍ତାପରେ ବି
ଜୀବନ୍ତ କରେ ତା ଉଷୁମ ସ୍ପର୍ଶରେ....
କଡା ମିଠା ଅଦା ମିଶା
ତା ସ୍ୱାଦରେ ମହକାଇ ଦିଏ
ମୋ ସକାଳର ଆରମ୍ଭ
କେବଳ ତା ପାଖରେ....
'ଗୋଟେ କପ ଚା'ରୁ ହିଁ ହୁଏ ।

ଚନ୍ଦାହାଣ୍ଡି, ନବରଙ୍ଗପୁର

# ବିମାତା, କୁମାତା ନୁହେଁ



### ଶ୍ରୀମତୀ ଲକ୍ଷ୍ମୀ ପଟ୍ଟନାୟକ

ସାମାଜିକ ଚଳଣି ଭିତରେ ମାଆ ଚରିତ୍ରକୁ ନେଇ ଏବେବି ମତଭେଦ ରହିଛି । ମା' ଓ ସାବତମାଆର ଭୂମିକାକୁ ସମଭାବରେ ଗ୍ରହଣ କରିପାରୁନାହିଁ ସମାଜ । ପୌରାଣିକ ଯୁଗରୁ ସାବତ ମା'କାହାଣୀ ମନଗଢ଼ା ହେଲେ ବି ଲୋକ ଚକ୍ଷୁରେ ଏହା ଜୀବନ୍ତ ଥିବା ଲକ୍ଷ୍ୟ କରାଯାଏ । ସାବତମାଆ ଯେ ମାଆର ସ୍ନେହ, ମମତାଠାରୁ ସନ୍ତାନମାନଙ୍କୁ କମ୍ ସ୍ନେହ ଦିଏନାହିଁ, ତାହା ଅନେକ କ୍ଷେତ୍ରରେ ଉପଲବ୍ଧି କରାଯାଉଥିଲେ ମଧ୍ୟ ପ୍ରଚଳିତ ବ୍ୟବସ୍ଥା ଓ ପାରିପାର୍ଶ୍ୱିକ ଅବସ୍ଥା ଏହି ସାବତ ମାଆର ଚିତ୍ରକୁ ବଦଳାଇବାରେ ସକ୍ଷମ ହୋଇପାରିନାହିଁ । ଛୋଟ ଛୋଟ ଶିଶୁ ସନ୍ତାନଙ୍କ ଲାଳନପାଳନର ଆବଶ୍ୟକତା ପୂରଣ କରିବା ପାଇଁ ପରିବାରର ଚାପରେ ଅନେକ ଦ୍ୱିତୀୟ ବିବାହ କରିବାକୁ ବାଧ୍ୟ ହୁଅନ୍ତି । ନବବଧୂଟି ପରିବାରକୁ ଆସିବା ପରେ ପିଲାଙ୍କୁ ଯେତେ ସ୍ନେହ ମମତା ଅଜାଡ଼ି ଦେଲେବି ସାହି ପଡ଼ୋଶୀ ତା'ର ଆତ୍ମୀୟତାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ । ମାଆର ଆକଟ ହିଁ ଦୁର୍ବିସହ ହୋଇପଡ଼େ ଅନ୍ୟମାନଙ୍କ ପାଇଁ । ସାବତ ମାଆର ଚରିତ୍ର ମୃତ୍ୟୁ ପର୍ଯ୍ୟନ୍ତ ନଭେଇବାକୁ ପଡ଼ିଥାଏ ତାକୁ ।

ପ୍ରାଚୀନ କାଳରେ ପତ୍ନୀ ଥାଇ ମଧ୍ୟ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବା ସଂଭ୍ରାନ୍ତ ପରିବାରର ଏକ ପରମ୍ପରା ଥିଲା । ପ୍ରଥମ ପତ୍ନୀର ସନ୍ତାନଙ୍କୁ ନିଜ ସନ୍ତାନ ସଦୃଶ ଦେଖୁଥିଲେ ମଧ୍ୟ ଦୁଇ ପତ୍ନୀଙ୍କ ପାରିବାରିକ କଳହ ଓ ଉଭୟଙ୍କ ମନାନ୍ତର ବହୁ ପରିମାଣରେ ପ୍ରଭାବିତ କରୁଥିଲାପିଲାମାନଙ୍କୁ । ସେମାନଙ୍କ କୋମଳ ମନ ଭିତରେ ସାବତମାଆର କାହାଣୀକୁ ଜୋରଜବରଦସ୍ତ ଲଦି ଦେଉଥିଲାଜ । ଅତ୍ୟାଧୁନିକ ସମାଜରେ ସାବତମାଆର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ପିଲାଙ୍କ ଲାଳନପାଳନ, ଶିକ୍ଷାଦାନ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ମାଆ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଛି । ଅଧିକ ପରିଶ୍ରମ ମଧ କରିବାକୁ ହେଉଛି ସେମାନଙ୍କୁ । ମାଆ ଭୂମିକାରେ ଥିବା ସାବତମାଆ ମଧ୍ୟ ଏଥିରୁ ନିଜକୁ ନିବୃତ୍ତ ରଖିପାରୁନାହାନ୍ତି । ସାବତମାଆର ଲାଳନ ପାଳନ ସ୍ନେହ, ଶ୍ରଦ୍ଧା ଅନେକ ମାତୃହୀନ ନବଜାତଙ୍କୁ ମଣିଷ କରି ଗଢ଼ି ତୋଳିବାରେ ସହାୟକ ହୋଇ ପାରିଛି ।

ଯେଉଁଠି ମାଆ ଥାଇ ସାବତ ମାଆ ଆସୁଛି ସେ ପରିବାରରେ ଦୁଇ ମହିଳାଙ୍କ ମଧ୍ୟରେ ମନାନ୍ତର ଦେଖାଯାଉଛି । ପିଲାମାନେ ଉଭୟ ମାଆଙ୍କ ସାନିଧ୍ୟ ଲାଭ କରୁଛନ୍ତି । କୌଣସି ମହିଳା ସନ୍ତାନମାନଙ୍କ ପ୍ରତି ଅସୂୟା ମନୋଭାବ ରଖିବା ଦେଖାଯାଏ ନାହିଁ । ପ୍ରାଚୀନକାଳର କିଛି କାହାଣୀ ଓ ପରମ୍ପରା ସାବତ ମାଆ ଚରିତ୍ରକୁ ବିଶୃଙ୍ଖଳିତ ବ୍ୟବସ୍ଥା ଭିତରକୁ ନେଇ ଆସିଛି।ହା ଏବେବି ଲୋକଙ୍କ ମନଭିତରୁ ସେ ବ୍ୟକ୍ତିତ୍ୱ ବାହାରି ଆସିପାରୁନାହିଁ । ଗାଁ ଗହଳିରେ ସାବତମାଆ, ମାଆଠାରୁ ଅଧିକ ମମତା ଦେଇଥାଏ । ଲୋକକଥା ଓ ପଡ଼ୋଶୀଙ୍କ ଈର୍ଷାଭାବ ହିଁ ତାକୁ ବାଧ୍ୟ କରିଥାଏ ପିଲାମାନଙ୍କର ଠିକ୍‌ଭାବେ ଯତ୍ନନେବା ପାଇଁ । ସହରାଞ୍ଚଳରେ ଅତ୍ୟାଧୁନିକ ଚାଲି ଚଳଣି ଭିତରେ ସାବତମାଆର ଆତ୍ମୀୟତା ପିଲାମାନଙ୍କ ଉପରୁ ଊଣାହେବା ଦେଖାଯାଏ ନାହିଁ । ସାବତମାଆଟିଏ ସବୁବେଳେ ମାନସିକ ଚାପର ବଶବର୍ତ୍ତୀ ହୋଇଥାଏ । ସବୁ ସମୟରେ ତାକୁ ଯେଉଁ ସମ୍ବୋଧନ କରାଯାଇଥାଏ ତାହା ତା ମନଭିତରେ ଗଭୀର ଆଘାତ ସୃଷ୍ଟି କରିଥାଏ । ବିଳାସ ବ୍ୟସନରେ ରହୁଥିବା ଧନାଢ଼୍ୟ ପରିବାରରେ ପିଲାମାନେ ମାଆ ଓ ସାବତମାଆର ପାର୍ଥକ୍ୟ ସେଭଳି ଅନୁଭବ କରନ୍ତି ନାହିଁ । ସେମାନେ ଯେଉଁ ଧାରାରେ ପ୍ରତିପାଳିତ ହୋଇଥାଆନ୍ତି ସେଥିରୁ ଅଚାନକ ବିଚ୍ୟୁତ ଘଟିଲେ ମାନସିକ ଆଘାତ ପାଆନ୍ତି । ମାଆ ସହ ସେମାନଙ୍କର ଥିବା ସମ୍ପର୍କର ରଜ୍ଜୁ ବିଚ୍ଛିନ୍ନ ହେଲେ ମମତାରେ ଏକ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଥାଏ । ଜନ୍ମରୁ ଯେଉଁ ଆତ୍ମୀୟତା ସେମାନଙ୍କ କଅଁଳ ମନକୁ ବାନ୍ଧି ରଖିଥାଏ ସେଥିରେ ପରିବର୍ତ୍ତନ, ସ୍ୱାଭାବିକଭାବେ ସେମାନଙ୍କୁ ଆଘାତ ଦେଇଥାଏ । ସହଜରେ ସେମାନେ ଆଉଜଣେ ମାଆର ଆତ୍ମୀୟତାକୁ ଗ୍ରହଣ କରିପାରିନଥାନ୍ତି । ସମୟକ୍ରମେ ଅଭ୍ୟସ୍ତ ହୋଇପଡ଼ିଲେ ଏହି ବ୍ୟବଧାନ ଦୂରେଇ ଯାଇଥାଏ । ଅନ୍ୟମାନଙ୍କ ଆଖିରେ ସାବତମାଆ ସବୁବେଳେ ସାବତମାଆର ପାରମ୍ପରିକ ଚରିତ୍ର ହୋଇ ରହିବା ଦେଖାଯାଏ ଯାହା ବାସ୍ତବ କ୍ଷେତ୍ରରେ ଯଥେଷ୍ଟ ପରିବର୍ତ୍ତନ ଆଣିଥାଏସେ କଥା କେହି ସହଜରେ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ ।

ସମାଜରେ ଅନେକ ସାବତମାଆ ଅଛନ୍ତି ଯେଉଁମାନଙ୍କ ଜୀବନ ପିଲାଙ୍କ ପାଇଁ ସମର୍ପିତ । ସନ୍ତାନପ୍ରସବ କ୍ଷମତା ଉପରେ ସ୍ୱଇଚ୍ଛାରେ ସେମାନେ ପ୍ରତିବନ୍ଧକ ଲଗାଉଥିବା ଦେଖାଯାଏ । ନିଜ ସନ୍ତାନ ପାଇଁ ବ୍ୟାକୁଳତା ପ୍ରକାଶ କରନ୍ତି ନାହିଁ; ଛୋଟ ଛୋଟ ପିଲାଙ୍କୁ ଛାଡ଼ି ଇହଲୀଳା ସମ୍ବରଣ କରୁଥିବା ମହିଳାଙ୍କ ପ୍ରତି ଏମାନଙ୍କ ମନୋଭାବ ସ୍ୱତଃ ଏକ ନୂଆ ଚେତନା ଆଣିଦେଇଥାଏ । ଯେଉଁ ପରିବାରରେ ପିଲାମାନେ ବଡ଼ ହେବାପରେ ପୁରୁଷଟିଏ ଦ୍ୱିତୀୟ ବିବାହ କରେ, ସେଠି ପିଲାମାନେ ବାପା, ମାଆଙ୍କ ସ୍ନେହଠାରୁ ନିଜକୁ ଦୂରେଇ ରଖନ୍ତି । ସାବତମାଆ ଯେତେ ଚେଷ୍ଟା କଲେବି ସେମାନଙ୍କ ମନରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୁଏନାହିଁ । ମାଆ ଓ ସନ୍ତାନଙ୍କ ବୟସର ତାରତମ୍ୟ, ସ୍ନେହ ଶ୍ରଦ୍ଧା ଅପେକ୍ଷା ଈର୍ଷା ଓ ଅସ୍ପଷ୍ଟ ମନୋଭାବ ସୃଷ୍ଟି କରିଥାଏ । ଅନେକ କ୍ଷେତ୍ରରେ ପୁଅ ଝିଅଙ୍କ ବିବାହ ପରେ ବି ଅସହାୟ ବୟସ୍କ ବାପାମାନେ ଦ୍ୱିତୀୟ ବିବାହକୁ ବାଛି ନେଇଥାଆନ୍ତି । ଏଭଳି କ୍ଷେତ୍ରରେ ସାବତମାଆଙ୍କଠାରୁ ସେଭଳି ସ୍ନେହ ମିଳିନଥାଏ । ପିଲାମାନେ ସବୁବେଳେ ଏହି ପାରିବାରିକ ବଳୟ ଭିତରୁ ନିଜକୁ ଦୂରେଇ ରଖିଥାଆନ୍ତି । ଯେଉଁଠି ଆତ୍ମୀୟତା ସେମାନଙ୍କୁ ସ୍ପର୍ଶ କରିଥାଏ ସେ କ୍ଷେତ୍ରରେ ସାବତମାଆ ହୋଇପଡ଼େ ମାଆଠାରୁ ଅଧିକ ମମତା ପ୍ରଦାୟିନୀ । ଏବେ ମାଆ ଥିଲେ ସାବତମାଆ ଘରକୁ ଆସିବା ପରମ୍ପରା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । ସାବତମାଆ ଅପେକ୍ଷା ଅତ୍ୟାଧୁନିକ ସମାଜରେ ରକ୍ଷିତାମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଗୋଟିଏ ପରିବାରରେ ପତ୍ନୀ ଓ ଦ୍ୱିତୀୟ ପତ୍ନୀଙ୍କୁ ରଖିବା ବ୍ୟବସ୍ଥାଠାରୁ ଦୂରେଇ ରହୁଛନ୍ତି ପୁରୁଷମାନେ । ପରିବାର ବାହାରେ ରକ୍ଷିତାମାନଙ୍କ ପାଇଁ ସ୍ଥାନ ବାଛୁଛନ୍ତି । ଘରଭିତରେ ଦୁଇ ମହିଳାଙ୍କ ବିବାଦର ଆଶଙ୍କା ଓ ଲୋକଲାଜକୁ ଭୟକରି ଅନେକ ଶିକ୍ଷିତ ବ୍ୟକ୍ତି, ରକ୍ଷିତାକୁ ସମ୍ପର୍କୀୟ ମାନଙ୍କଠାରୁ ଦୂରରେ ରଖୁଛନ୍ତି । ନାରୀ ସ୍ୱାଧୀନତା ସାବତମାଆ ପରମ୍ପରାରେ ଘୋର ପ୍ରତିବନ୍ଧକ ସୃଷ୍ଟି କରିଛି । ସାବତମାଆର ସ୍ୱଭାବ ଓ ମାନସିକତାକୁ ନେଇ ଯେଉଁସବୁ ଚର୍ଚ୍ଚା ଏବେବି ସାମାଜକ ଚଳଣି ଭିତରେ ପରମ୍ପରା ହୋଇ ରହିଯାଇଛି, ତାହା ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସାବତମାଆ କୋଳରେ ବଢ଼ିଥିବା ପିଲାମାନେ ଜୀବନସାରା ଏଇ ମାଆମାନଙ୍କୁ ଭୁଲିପାରନ୍ତି ନାହିଁ । ନାରୀ ମାନସିକତା ଭିତରେ ଯେଉଁ ମାଆର ହୃଦୟ ରହିଛି, ତାହା ଜନ୍ମିତ ମାଆଠାରୁ ଯେତିକି ପରିମାଣରେ ମିଳିଥାଏ ଠିକ୍ ସେତିକି ମିଳେ ସାବତମାଆଠାରୁ । ଭୁଲ ବୁଝାମଣା, ଅସୂୟା ମନୋଭାବ ରଖୁଥିବା ମହିଳାଙ୍କ ଆଲୋଚନା ଏବଂ ସାଧାରଣ ତ୍ରୁଟି ବିଚ୍ୟୁତିକୁ ନେଇ ସାବତମାଆ ଉପରେ ଯେଉଁ ଧାରଣା ତିଆରି କରାଯାଇଛି ସେସବୁ ଠିକ୍ ନୁହେଁ ପ୍ରମାଣିତ କରିଛନ୍ତି ସାବତମାଆମାନେ । ଏହି ବ୍ୟବସ୍ଥା ଏବେବି ପ୍ରଚଳିତ ଅଛି । ମାଆ ଓ ସାବତମାଆ ଚରିତ୍ରକୁ ନେଇ ରହିଛି ଭିନ୍ନମତ ।

ଶିକ୍ଷୟିତ୍ରୀ, ଖଇରମାଳ, ଉପ୍ରା ବିଦ୍ୟାଳୟ, କୁରମେଲ ଗ୍ରାମାପଞ୍ଚାୟତ, ନର୍ଲା, କଳାହାଣ୍ଡି

# ଇଚ୍ଛାମୃତ୍ୟୁ



### ବସନ୍ତ କୁମାର ପଣ୍ଡା

ଯଦିଓ ମୃତ୍ୟୁ ସତ୍ୟ କିନ୍ତୁ ଏହି ଜୀବ ଜଗତରେ ଥିବା ଜୀବସତ୍ତା ତାହା ପ୍ରାଣୀ ହେଉ କି ଉଦ୍ଭିଦ, କେହି କେବେ ମୃତ୍ୟୁକୁ ବରଣ କରିବାକୁ ଚାହିଁ ନଥାଏ । ଜୀବନ ପଥରେ ଯେତେ ଯାହା ବିଷମ ପରିସ୍ଥିତି ଅଛି ତାହା ସହ ଲଢ଼େଇ କରି ସମସ୍ତେ ଚାହାନ୍ତି ବଞ୍ଚିବାକୁ । ପ୍ରଖର ବୁଦ୍ଧି ଓ ବିବେକ ସମ୍ପନ୍ନ ପ୍ରାଣୀ, 'ମଣିଷ' କ୍ଷେତ୍ରରେ ବେଳେ ବେଳେ ଏହାର ବ୍ୟତିକ୍ରମ ଦେଖାଯାଏ ।ସାମାଜିକ ବା ପାରିବାରିକ କ୍ଷେତ୍ରରେ କୌଣସି ଅପ୍ରୀତିକର ପରିସ୍ଥିତି ହେଉ କିମ୍ବା କୌଣସି ଅର୍ଥନୈତିକ କ୍ଷେତ୍ରରେ ଜଟିଳ ପରିସ୍ଥିତି ହେଉ ସବୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା ନକରି ପାରିବା ଯୋଗୁଁ ମାନସିକ ଭାରସାମ୍ୟ ହରାଇ ବିଭିନ୍ନ ଉପାୟ ଆପଣେଇ ମଣିଷ ନିଜର ମୃତ୍ୟୁକୁ ବରଣ କରି ନିଏ । ଏହାକୁ ଆମେ ଆତ୍ମ ହତ୍ୟା ବୋଲି କହିଥାଉ । ଆମ ଦେଶର ସମ୍ବିଧାନ ଏହାକୁ ନିସିଦ୍ଧ କରିଥିବାବେଳେ ଏପରି ଅବୈଧ କାର୍ଯ୍ୟ ପାଇଁ ସଂଶ୍ଳିଷ୍ଟ ସମସ୍ତ ବ୍ୟକ୍ତିଙ୍କୁ ଅପରାଧୀ ଘୋଷଣା କରିଥାଏ ।ଏହା କେବଳ ଆମ ସମ୍ବିଧାନ କାହିଁକି ଆମ ସଂସ୍କୃତି ଏବଂ ପରମ୍ପରା ମଧ ଏପରି କାର୍ଯ୍ୟକୁ ଅନ୍ୟାୟ ବା ମାହାପାପ ଭାବରେ ବିବେଚନା କରେ । କିନ୍ତୁ ଏଠାରେ ଆଲୋଚ୍ୟ ବିଷୟ 'ଇଚ୍ଛା ମୃତ୍ୟୁ' ।ଯଦିଓ ଆତ୍ମହତ୍ୟା ବିକଟ ମାନସିକ ଉତ୍ତେଜନା ଯୋଗୁଁ ଇଚ୍ଛାକୃତ ଭାବରେ ସ୍ୱୟଂ ବ୍ୟକ୍ତି ଘଟେଇ ଥାଏ ତଥାପି ଏହାକୁ ଇଚ୍ଛା ମୃତ୍ୟୁ କୁହା ଯାଇ ପାରିବ ନାହିଁ । ଇଚ୍ଛା ମୃତ୍ୟୁ ଆଇନିର ସମସ୍ତ ସର୍ତ୍ତକୁ ପୂରଣ କରିଥାଏ ।କିନ୍ତୁ ଆତ୍ମହତ୍ୟା ଆଇନିର କୌଣସି ସର୍ତ୍ତ ପ୍ରତି ଧ୍ୟାନ ନଦେଇ ଅମାନସିକ ଭାବରେ ଘଟିଥାଏ ।

ଭାରତୀୟ ପରମ୍ପରାରେ ସର୍ବପ୍ରଥମେ ପିତାମହ ଭୀଷ୍ମଙ୍କ ଠାରୁ ଇଚ୍ଛା ମୃତ୍ୟୁ ବିଷୟରେ ହିଁ ଆମେ ଜାଣିବାକୁ ପାଇଲେ ।ଏହାଛଡା ଜୈନ ଧର୍ମାବଲମ୍ବୀର ମୁନୀ-ଋଷି ମାନେ ସନ୍ଥରା ପ୍ରଥା ମାଧମରେ ମଧ ଇଚ୍ଛା ମୃତ୍ୟୁ ବରଣ କରିଥା'ନ୍ତି । କିନ୍ତୁ ଆଧୁନିକ ଭାରତର ସମ୍ବିଧାନ ଏହି 'ଇଚ୍ଛା ମୃତ୍ୟୁ'କୁ ମଞ୍ଜୁରୀ ଦେଇ ନଥିବାରୁ ଏହା ଉପରେ ବହୁ ତର୍କ ବିତର୍କ ଜାରୀଅଛି ।ଗମ୍ଭୀର ରୋଗରେ ପୀଡିତ ବ୍ୟକ୍ତିଙ୍କୁ ଜୀବନ ରକ୍ଷକ ପଦ୍ଧତି ଅବଲମ୍ବନ କରି ଅଚେତନ ଅବସ୍ଥାରେ ତାଡନା ଦେବା ଅପେକ୍ଷା ନିଷ୍କ୍ରିୟ ଇଚ୍ଛା ମୃତ୍ୟୁ ପ୍ରଦାନ କରି ଚିର ଶାନ୍ତି ପ୍ରଦାନ ସପକ୍ଷରେ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୁକ୍ତି ବାଢୁଥିବା ବେଳେ ମାନବ ଅଧିକାର, କେତେକ ଚିକିତ୍ସା ବିଜ୍ଞାନୀ ଏବଂ କେତେକ ସାମାଜିକ ଅନୁଷ୍ଠାନ ଗୁଡିକ ଇଚ୍ଛା ମର୍ତ୍ତ୍ୟୁର ବୈଧତାକୁ ଦୃଢ଼ ଭାବରେ ବିରୋଧ କରି ଆସୁଛନ୍ତି । ସେମାନଙ୍କ ମତରେ ଯଦି ଇଚ୍ଛା ମୃତ୍ୟୁ ବୈଧ ଘୋଷଣା କରାଯାଏ ତେବେ ଏହାର ଦୁରୂପଯୋଗ ବହୁଳ ଭାବରେ ହେବ । ଏହା ଉପରେ ବିଚାର ବିମର୍ଶ କେବଳ ଆମ ଭାରତ ବର୍ଷରେ ହେଉଛି ତାହା ନୁହଁ ବରଂ ସାରା ବିଶ୍ୱରେ ଏହାପ୍ରତି ବିଶେଷ ତର୍କ ବିତର୍କ ହେଉଛି । ସାରା ବିଶ୍ୱରେ କେବଳ ଗୋଟିଏ ମାତ୍ର ଦେଶ ସୁଇଜରଲାଣ୍ଡରେ କେତେକ ଆଇନିଗତ ସର୍ତ୍ତ ପୂରା କରିବା ପରେ ହିଁ ଇଚ୍ଛା-ମୃତ୍ୟୁକୁ ମଞ୍ଜୁରୀ ମିଳିଥାଏ ।

ଇଚ୍ଛା-ମୃତ୍ୟୁ ଉପରେ ଆମ ଦେଶରେ ସେତେବେଳେ ଅଧିକ ଚର୍ଚ୍ଚା ହୋଇଥିଲା ଯେତେବେଳେ ୧୯୭୩ ମସିହାରୁ ଅରୁଣା ସାନବାଗ ନାମକ ଜଣେ ନର୍ସ ଦୁଷ୍କର୍ମ ପରେ ହତ୍ୟା ଉଦ୍ୟମରେ ଗମ୍ଭୀର ରୂପରେ ପୀଡିତ ହୋଇ ୪୨ ବର୍ଷ କାଳ ଜୀବନ ରକ୍ଷକ ପଦ୍ଧତିରେ ଦୟନୀୟ ଜୀବନ ବିତାଇବା ପରେ ୨୦୦୯ ମସିହାରେ ତାଙ୍କର ଜଣେ ସାଙ୍ଗଙ୍କ ଦ୍ୱାରା ସୁପ୍ରିମ କୋର୍ଟରେ ଦୟାମୃତ୍ୟୁ ପାଇଁ ଆବେଦନ କରାଯାଇଥିଲା । ଏହି ଆବେଦନ ଉପରେ ନ୍ୟାୟିକ ତର୍କ ୨୦୧୧ ମସିହା ଯାଏ ଚାଲୁ ରହିଲା ପରେ ସର୍ବଶେଷରେ ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶ ଜଷ୍ଟିସ ମାର୍କଣ୍ଡେୟ କାଟଜୁ ଅଧକ୍ଷତାରେ ଏକ ଖଣ୍ଡପୀଠ ଏହାକୁ ଆଇନି ଓ ସମ୍ବିଧାନର ବିରୋଧ କହି ଖାରଜ କରିଦେଇଥିଲେ । ତାଙ୍କ ଦ୍ୱାରା ଦିଆଯାଇଥିବା ଦଲିଲିରେ ଉଲ୍ଲେଖ ଥିଲାକି, ଅସାମାନ୍ୟ ପରିସ୍ଥିତିରେ ନିଷ୍କ୍ରିୟ ବ୍ୟକ୍ତିଙ୍କୁ ଇଚ୍ଛା ମୃତ୍ୟୁ ପାଇଁ ଅନୁମତି ଦିଆଯାଇ ପାରିବ । କିନ୍ତୁ ଯେତେବେଳ ଯାଏ ସଂସଦରେ ଏହା ଉପରେ କୌଣସି ଆଇନି ପ୍ରଣୟନ କରାଯାଇନାହିଁ ସେତେବେଳ ଯାଏ ସକ୍ରିୟ ଓ ନିଷ୍କ୍ରିୟ ଉଭୟ ଇଚ୍ଛା ମୃତ୍ୟୁକୁ ଅସମ୍ବିଧାନିକ ବୋଲି ମାନିବାକୁ ହେବ ।ସମ୍ବିଧାନର ଅନୁଚ୍ଛେଦ-୨୧ କୌଣସି ବ୍ୟକ୍ତିକୁ ଗରୀମାମୟ ଜୀବନ ବଞ୍ଚିବାର ଅଧିକାର ଦେଉଥିବା ବେଳେ ଗରୀମାମୟ ମରଣ କଥା ଉଲ୍ଲେଖ ନାହିଁ । ପୂନର୍ବାର ୨୦୧୮ରେ ଏହା ଉପରେ ଏକ ଜନହିତ ଯାଚିକାର ଶୁଣାଣି କରି ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଜଷ୍ଟିସ ଦୀପକ ମିଶ୍ରଙ୍କ ଅଧକ୍ଷତାରେ ଏକ ଖଣ୍ଡପୀଠ ବିଚାର କରି ଏକ ଐତିହାସିକ ଫଇସଲା ଦେବାକୁ ଯାଇ କହିଥିଲେ; କୌଣସି ବ୍ୟକ୍ତି ଗରୀମାମୟ ଭାବରେ ମୃତ୍ୟୁ ବରଣ କରିପାରିବେ ଯେଉଁମାନେ କୌଣସି ଗମ୍ଭୀର ରୋଗରେ ପୀଡିତ ଥିବେ ଏବଂ ସେ ପୂର୍ବରୁ ଲିଭିଙ୍ଗ ବିଲ(ଇଚ୍ଛା-ପତ୍ର) ତିଆରି କରି ସାରିଥିବେ ।

ଇଚ୍ଛା-ମୃତ୍ୟୁ ଏପରି ଏକ ସମ୍ବେଦନଶୀଳ ବିଷୟ ଯାହାକି ଆମର ଧର୍ମ, ସଂସ୍କୃତି, ପରମ୍ପରା, ଦର୍ଶନ ଏବଂ ନୈତିକତା ସହିତ ଅଙ୍ଗାଅଙ୍ଗୀ ଭାବେ ଜଡିତ । ତେଣୁ ନ୍ୟାୟାଳୟ ପାଇଁ ଏପରି ଯାଚିକା ଉପରେ ରାୟଦେବା ଜଟିଳ ଥିଲା । ଏହି ସମସ୍ୟା ଉପରେ ୨୦୦୯ ଠାରୁ ୨୦୧୮ ପର୍ଯ୍ୟନ୍ତ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ରାୟ ଗୁଡିକ ପୀଡିତ ବ୍ୟକ୍ତି ବା ପୀଡିତଙ୍କର ପରିବାର ବର୍ଗଙ୍କୁ ଅପର୍ଯ୍ୟାପ୍ତ ସନ୍ତୁଷ୍ଟ କରି ପାରିନଥିଲା । ଆଜିକାଲି ଆଧୁନିକ ଚିକିତ୍ସା ଉପକରଣ ଦ୍ୱାରା ଜୀବନ ରକ୍ଷାର ପ୍ରଣାଳୀ ଅଧିକ ସୁଦୃଢ ହେବା ତଥା ଚିକିତ୍ସା ବ୍ୟବସ୍ଥା ଗୁଡିକ ଅଧିକ ନିଜିକରଣ ହୋଇଛି । ଯାହା ଦ୍ୱାରା ଗମ୍ଭୀର ରୋଗରେ ପ୍ରଭାବିତ ରୋଗୀ ମାନଙ୍କୁ ଅଚେତ ଅବସ୍ଥାରେ ଦୀର୍ଘଦିନ ଯାଏ ଜୀବିତ ରଖାଯାଇ ପାରୁଛି । କିନ୍ତୁ ପିଡ଼ିତଙ୍କୁ ପ୍ରକୃତିସ୍ଥ କରିବାର ସଫଳତା ବିରଳ ହେଉଥିବା ବେଳେ ଲୋକେ ଖର୍ଚ୍ଚାନ୍ତ ହୋଇ କାଙ୍ଗାଳ ହୋଇ ଯାଉଛନ୍ତି । ତା'ଛଡା ଚିକିତ୍ସା ବ୍ୟବସ୍ଥାରେ ଅସାଧୁତା ଲୋକ ମାନଙ୍କୁ ଅଧିକ ଦୟନୀୟ ଅବସ୍ଥାକୁ ଠେଲି ଦେଉଥିବା ବେଳେ ଉଚ୍ଚତମ ନ୍ୟାୟାଳୟରେ 'ଦ ଇଣ୍ଡିଆନ ସୋସାଇଟି ଫର କ୍ରିଟିକଲ କେୟାର' ଦ୍ୱାରା ଆବେଦିତ ଏକ ଯାଚୀକା ଉପରେ ବିଚାର କରି ନ୍ୟାୟମୂର୍ତ୍ତି ଜଷ୍ଟିସ ଏମ ଜୋସେଫଙ୍କ ଅଧକ୍ଷତାରେ ଗଠିତ ପାଞ୍ଚ ଜଣିଆ ଖଣ୍ଡପୀଠ ୨୦୧୮ ମସିହାରେ ସୁପ୍ରିମ କୋର୍ଟ ଦ୍ୱାରା ଦିଆଯାଇଥିବା ଐତିହାସିକ ରାୟକୁ ସଂଶୋଧନ କରିବାକୁ ସହମତି ପ୍ରକାଶ କରିଛନ୍ତି । ତାଙ୍କ ରାୟରେ କହିଛନ୍ତି ଯେ; ଯେଉଁ ଲୋକ ଗମ୍ଭୀର ରୂପରେ ପୀଡିତ ଏବଂ ଲିଭିଙ୍ଗ ୱିଲ (ଇଛା-ପତ୍ର)ପ୍ରାପ୍ତ କରି ସାରିଛନ୍ତି ସେମାନଙ୍କୁ ସମ୍ମାନର ସହିତ ମୃତ୍ୟୁ ବରଣର ଅଧିକାର ଅଛି । ଏଣୁ ସେମାନଙ୍କୁ କାନୁନି ପେଞ୍ଚରେ ଫସାଇବା ଉଚିତ ନୁହଁ । ଚିକିତ୍ସା ବିଶେଷଜ୍ଞ ମାନେ ମଧ ଏହି ଗମ୍ଭୀର ସମସ୍ୟାକୁ ନିଜ ସଂଜ୍ଞାନରେ ନେବା ଆବଶ୍ୟକ । ଅତଏବ ନ୍ୟାୟାଳୟଙ୍କ ରାୟର ନିଷ୍କର୍ସ; କୌଣସି ବ୍ୟକ୍ତି ନିଜ ପାଇଁ ଚିକିତ୍ସା ଉପଚାର ବନ୍ଦ କରିବାକୁ ଚାହାନ୍ତି ତେବେ ତାଙ୍କୁ ଅନୁମତି ଦେବାକୁ ନିୟମ ହେବା ଉଚିତ ।

ବଇଁଚା,ଇରମ,ଭଦ୍ରକ
ମୋ:୮୯୭୯୪୪୭୦୩୬

## ଲୁହ

### ବିଷ୍ଣୁ ପ୍ରସାଦ ଦାସ

ଫୁଟପାଥରେ ଜନ୍ମ, ଫୁଟପାଥରେ ଆରମ୍ଭ ହୁଏ ଜୀବନ
କୁକୁରିଆ ପ୍ରେମରୁ ଜନ୍ମ ହୁଅନ୍ତି ଏଠାରେ ଜାରଜ ସନ୍ତାନ
ପଶୁ ପରି ଶୈଶବ କଟାଏ, ଅଠର ବର୍ଷରେ ଭୋଟ ଦିଏ,
ନେତାଏ ଆସନ୍ତି, ସ୍ୱପ୍ନ ଦେଖାନ୍ତି,
ଭୋଟନେଇ ଚାଲିଯାନ୍ତି ।

ଗରିବ କଲ୍ୟାଣ ଯୋଜନା ଆଜି ଏକ ପ୍ରହସନ ପାଲଟିଛି
ରାଜନୀତି ପଶା ପାଲିରେ ଏହା କେତେ ସୁଫଳ ଦେଉଛି ?
ଉପଦେଶ ଦେବା ସହଜ ଭାଇ,
କାର୍ଯ୍ୟ କରିବା ଖୁବ କଷ୍ଟ,
ନେତୃତ୍ୱ ନେଇ ଦେଖାଇ ଦିଅ ତୁମେ ନ' କରି ସମୟ ନଷ୍ଟ ।

ସତ୍ୟ ଠାରୁ ଦୂରେଇ ଯାଇ ତୁମେ କର ନିଖୁଣ ଅଭିନୟ,
ନିଜ କର୍ମଫଳ ନେଇ ନିଜେ ଆଜି ହେଉଛ ଅସହାୟ ।

ଚନ୍ଦ୍ରରେ କଳଙ୍କ ଅଛି, କିନ୍ତୁ ସେ କଳଙ୍କରେ ନାହିଁ ପାପ,
ତୁମ ପାପ, କଳଙ୍କ, ଯେତେ ସେଥିରେ ଲାଗିଛି ଛାପ ।
ଏ ଯୁଗର ଗରିବ ସବୁ ଶୁଣିବ, ସହିବ ନିର୍ଯାତିତ ହେବ,
ଅସହ୍ୟ ହେଲେ ନିଜ କପାଳକୁ ନିଜେ ଦୋଷ ଦେବ ।
ଅନେକ ଅସହାୟ ସନ୍ତାନ ଫୁଟପାଥରେ ଜନ୍ମ ନେଉଛନ୍ତି ,
ଉଡ଼ା ଚଢ଼େଇ ପରି
ଏ ଡାଳରୁ ସେ ଡାଳ ଉଡ଼ି ବୁଲୁଛନ୍ତି ।

ଫୁଟପାଥରେ ଜାତି ଧର୍ମ ବର୍ଣ୍ଣର ନ'ଥାଏ କୌଣସି ବନ୍ଧନ,
ବଂଚିବାର ସଂଗ୍ରାମରେ ଚାଲୁଥାଏ ଖାଲି ହୃଦୟର ସ୍ପନ୍ଦନ,
ସମାଜ ଆଖିରେ ଘୃଣ୍ୟ ଏହି ମନୁଷ୍ୟ ରୂପୀ ଜୀବ ମାନ,
ମାନବ ହୋଇବି
ଜୀବନ ବିତାଉଛନ୍ତି ପଶୁର ସମାନ ।

ବଡ ବଡ ବାବୁଙ୍କ କୁକୁର ରହୁଛନ୍ତି ବତାନୁକୁଳିତ ଘରେ,
ବଜାର ବୁଲି ଯାଉଛନ୍ତି ମାଲିକର ମୋଟର ଗାଡ଼ିରେରେ,
ପୋଷା କୁକୁର ଖାଦ୍ୟର ଏକ ଭାଗ
ଯଦି ମିଳନ୍ତା ଗରିବଙ୍କୁ,
କ୍ଷୁଧାରୁ କିଞ୍ଚିତ ଉପଶମ ମିଳାନ୍ତା ଫୁଟପାଥ ବାସୀଙ୍କୁ ।

ବାପା ନାହିଁ, ମା' ନାହିଁ, ନାହିଁ ତା'ଙ୍କ ପାଇଁ ସରକାର,
ଏହି ସମ୍ପ୍ରଦାୟ ହରାଇଛି ତା'ଙ୍କ ମାନବିକ ଅଧିକାର ।
ଭୋଟ ବେଳେ ଏମାନେ ଖୁବ୍ ଦରକାରୀ ମନେ ହୁଅନ୍ତି,
ରାତି ଅଧରେ ନେତା ଆସି ଦୁଃଖ ସୁଖ ବୁଝି ଥାଆନ୍ତି ।

ଭୋଟ ବେଳେ ପାଟି ମଦ, ମାଂସର ସ୍ୱାଦ ଚାଖି ଥାଏ,
ନେତାଙ୍କ ମିଥ୍ୟା ଆଶ୍ୱାସନାରେ ଦିବା ସ୍ୱପ୍ନ ଦେଖୁ ଥାଏ,
ସ୍ୱପ୍ନ ବିକା ନେତାଙ୍କ ଗାଡ଼ିରେ ଜାତୀୟ ପତାକା ଉଡ଼ିଲା,
ଫୁଟପାଥ ବାସୀଙ୍କ ଘର ପାଇଁ ଆଶା ଆଶାରେ ରହିଲା ।

ଗରିବ ହଟାଓ କାର୍ଯ୍ୟକ୍ରମରେ ତା'ଙ୍କ କୁଡିଆ ଭାଙ୍ଗିଲା,
ବିରୋଧ କରିବାରୁ ପୋଲିସ ହାଡ ଗୋଡ ଜଖମ କଲା,
ଏଇତ ଦୁନିଆ ! ଏଇ ତା'ଙ୍କ ଜୀବନର କରୁଣ କାହାଣୀ
କୁହତ ଜନତା, ଶୁଖିଲା ପଥରରୁ କ'ଣ ବାହାରିବ ପାଣି ?

ଗଣତନ୍ତ୍ର ଦେଶରେ ଗରିବ ଶବ୍ଦ ଥିଲା, ଅଛି, ଥିବ ମଧ,
କ୍ଷୁଧା, ବାସସ୍ଥାନ, ମାନବିକ ଅଧିକାର
ପାଇଁ ଲାଗୁଥିବ ଯୁଦ୍ଧ,

ସମୟଚକ୍ରରେ ହୁଏତ ବଦଳି ଯିବ ପ୍ରଶାସନର
ମାନସିକତା,
ରାମରାଜ୍ୟ ପାଲଟିବ ଦେଶ,
ଗରିବ ପାଇବେ ସମାନତା ।

ସ୍ନେହ କୁଟୀର , ଝାଞ୍ଜିରୀ ମଙ୍ଗଳା, କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

## ପ୍ରେମ

### ଦିନେଶ ମେହେର

ତମେ ଏମିତି ଏକ ରହସ୍ୟ
ଯାହାକୁ ଶୁଣି ହୁଏ
ହେଲେ କେବେ ଶୁଣେଇ ହୁଏ ନା,

ସେଦିନ,
ମୁଁ ବି ତ ବେଶ୍ ଖୁସି ଥିଲି
ତମକୁ ଦେଖି,
ତମ ସହ ବନ୍ଧୁତା କରି,
ହେଲେ ତମେ
ଏଇମିତି ଏକ ବନ୍ଧନ
ଯାହାକୁ ଫିଟେଇ ହୁଏ,
ହେଲେ କେବେ ବାନ୍ଧି ହୁଏନା ।

ଥରେ ଚେଷ୍ଟା କରିଥିଲି
ମୋ କ୍ୟାନଭାସ୍ ତୂଳୀରେ
ତୁମକୁ ବାନ୍ଧିବା ପାଇଁ !
ମାନେ, ଅଙ୍କିଥିଲି
ତୁମର ଗୋଟେ ପ୍ରତିଛବି,
ବେଶ୍ ସୁନ୍ଦର ଲାଗୁଥିଲ
ନାଲି ନେଳୀ ରଙ୍ଗରେ,
ହେଲେ ତମେ
ଏଇମିତି କାଉଁରୀ ବିଦ୍ୟା କଲ ଯେ
କୁଆଡେ ଥିଲା କେଜାଣି
କଳା ବାଦଲ ଆସି ମୋ ଉପରେ
ବର୍ଷି ଗଲା,
ନା ରହିଲା କ୍ୟାନଭାସ୍
ନା ତମ ପ୍ରତିଛବି ।

ଭାବିଲି ତମକୁ ଲେଖିବି,
ସାଇତି ରଖିବି ମୋ ଡାଏରୀ
ଭିତରେ,
ହେଲେ ତମେ ଏଇମିତି ଏକ
ଅସମ୍ପୂର୍ଣ୍ଣ କବିତା ଟିଏ,
ଯାହାକୁ ଲେଖି ହୁଏ ହେଲେ
କେବେ ନିର୍ଭୁଲ ଭାବେ ଲେଖି
ହୁଏନା ।

ଜୁନାଗଡ଼, କଳାହାଣ୍ଡି

## କଳ୍ପିଲେ କଳ୍ପି ହୁଏନା

### ପ୍ରଶ୍ନ କୁମାର ଶତପଥୀ

ଅତି ଉଜ୍ଜ୍ୱଳ ତାରା ସବୁ
ସୁଖର ଆକାଶେ
ବୁଣି ପଡ଼ିଛନ୍ତି
କଳପିଲେ କଳପି ହେଉନାହିଁ
ଅମୃତ ଭରୁଥିବା
ପୁରତଟୀର ପ୍ରାଙ୍ଗଣେ
ଯାହା ରଜନୀ
ନିଦର ଗ୍ରାସରେ
ଚେତାଶୂନ୍ୟ ହୋଇ ପଡ଼ିଛି
ନିବିଡ଼ ଭାବରେ
ନିଦର ଅଳଙ୍କାରରେ ।

ଦୁମାଡ଼ିହି,ଜାମଦା,
ମୟୂରଭଞ୍ଜ

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ବୁଧବାର, ୧ ଫେବୃଆରୀ ୨୦୨୩

# ହାତ କଳା ପଡ଼ିବ ନାହିଁ

**ଏବେ ଯେଉଁ ଋତୁ ହୋଇଥିଲେ ଖରା ଖୁବ୍ ଟାଣ ଲାଗୁଛି । ଗ୍ଲୋଭ୍ସ ନପିନ୍ଧି ଯିବା ଆସିବା କଲେ ହାତ କଳାପଡ଼ିଯାଉଛି । ବିଶେଷକରି ସାଇକଲ କିମ୍ବା ଗାଡ଼ି ଚଳାଉଥିଲେ ହାତ କଳା ପଡ଼ିବା ସ୍ୱାଭାବିକ । ଯୁବତୀମାନଙ୍କର ଏହା ଏକ ବଡ଼ ସମସ୍ୟା ।**






- ରାତିରେ ଶୋଇବା ପୂର୍ବରୁ କ୍ଷୀର ସରରେ ଅଳ୍ପ ଲେମ୍ବୁରସ ଏବଂ କେଇ ଟୋପା ଗ୍ଲିସେରିନ୍ ମିଶାଇ ହାତରେ ଘଷନ୍ତୁ ।
- ୨ ଚାମଚ ବାଦାମ ରୋଗନ୍, ଗୋଟିଏ ଅଣ୍ଡାର କେଶର, ଚା'ଚାମଚରେ ୧ ଚାମଚ ମହୁ ନେଇ ଭଲଭାବେ ମିଶାନ୍ତୁ । ଏହାକୁ ହାତରେ ଭଲଭାବେ ଘଷି ସୁତା କପଡ଼ାର ଗ୍ଲୋଭ୍ସ ପିନ୍ଧିଦେବେ । ଅଧଘଣ୍ଟା ପରେ ଗ୍ଲୋଭ୍ସ ବାହାର କରି ପାଣିରେ କିଛି ଭିନେଗାର ମିଶାଇ ହାତ ଧୋଇନିଅନ୍ତୁ । ବଳକା ମିଶ୍ରଣ ବୋତଲରେ ଭର୍ତ୍ତିକରି ଫ୍ରିଜ୍‌ରେ ରଖିଦେବେ । ଏହା ଦୁଇସପ୍ତାହ ଯାଏ ଖରାପ ହୁଏନି । ଦିନକୁ ଦୁଇଥର ଏହି ମିଶ୍ରଣ ବ୍ୟବହାର କରିପାରିବେ ।
- ଛୋଟ ଚାମଚରେ ୧ ଚାମଚ କ୍ଷୀର ନେଇ ସେଥିରେ କିଛି ବାଦାମ ବଟା, ଟୋପାଏ ଲେମ୍ବୁରସ, ଦୁଇଟୋପା ଗ୍ଲିସେରିନ୍ ଏବଂ ଦୁଇଟୋପା ଗୋଲାପ ଜଳ ମିଶାଇ ରାତିରେ ଶୋଇବା ପୂର୍ବରୁ ହାତରେ ଲଗାନ୍ତୁ । ସକାଳେ ବେସନ ଏବଂ ପାଣିରେ ଏହାକୁ ଧୋଇଦେବେ ।
- ଦେଢ଼ ଲିଟର ପାଣିରେ ଫାଳେ ଲେମ୍ବୁର ରସ ମିଶାଇ ଏଥିରେ ୫ ମିନିଟ୍ ହାତ ବୁଡ଼ାଇ ରଖନ୍ତୁ । ଏହାପରେ ପୋଛିଦେବେ ।
- ଅଧା ଚାମଚ ସୈନ୍ଧବ ଲବଣ, ୫-୬ ଟୋପା ଲେମ୍ବୁ ରସ, ଅଧା ଚାମଚ ଅଲିଭ୍ ତେଲ ନେଇ ଭଲଭାବେ ମିଶାଇ ହାତରେ ଗୋଲ୍‌ଗୋଲ୍ କରି ମାଲିସ୍ କରନ୍ତୁ । ଏହା ମୃତ ତ୍ୱଚା ବାହାର କରି ହାତକୁ ଗୋରା କରିଦେବ ।



# ଖାଦ୍ୟ ପ୍ରତି ହୁଅନ୍ତୁ ସତର୍କ

- ଆବଶ୍ୟକତାଠାରୁ ଅଧିକ ପରିମାଣରେ ମିଠା ଖାଇଲେ ତ୍ୱଚାରେ ଗ୍ଲାଏସେସନ ନାମକ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଏହି କାରଣରୁ ତ୍ୱଚାରେ ଭାଙ୍ଗ ପଡ଼ିଥାଏ ।
- କଫିରେ କେଫିନ ପରିମାଣ ଅଧିକ ଥିବାରୁ ଏହାକୁ ଯଥାସମ୍ଭବ କମ ପିଇବା ଉଚିତ । ଏହାକୁ ପିଇଲେ ଅନିଦ୍ରା ରୋଗ ହେବା ସହ ଆଖି ତଳେ କଳାଦାଗ ତ୍ୱଚାରେ ଭାଙ୍ଗ ପଡ଼େ ।
- ଯୁବତୀ ଓ ମହିଳାମାନେ ଆଚାର କମ ପରିମାଣରେ ଖାଇବା ଭଲ । ଏଥିରେ ଅଧିକ ପରିମାଣରେ ତେଲ ଓ ଲୁଣ ବ୍ୟବହାର ହେଉଥିବାରୁ ହାଡ଼ ଦୁର୍ବଳ ହେବା ସହ ତ୍ୱଚା ଉପରେ କୁପ୍ରଭାବ ପକାଇଥାଏ ।




- ଟମାଟୋ ସସ ମଧ୍ୟ ନ ଖାଇବା ଉଚିତ । ଏଥିରେ ଥିବା ଚିନି, ଲୁଣ ଓ ଅନ୍ୟାନ୍ୟ ସାମଗ୍ରୀ ତ୍ୱଚା ଉପରେ କୁପ୍ରଭାବ ପକାଏ ।








- ମୃଦୁପାନୀୟ ପିଇବା ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଭଲ । ଏହା ଉଭୟ ତ୍ୱଚା ସ କେଶ ଉପରେ କୁପ୍ରଭାବ ପକାଏ ।
- ପ୍ୟାକେଟରେ ଥିବା ଖାଦ୍ୟ ମଧ୍ୟ ନ ଖାଇବା ଉଚିତ । ଏହା ତ୍ୱଚାରେ ବୟସର ଛାପ ପକାଇଥାଏ ।
- ଫାଷ୍ଟଫୁଡରେ ବ୍ୟବହୃତ ହେଉଥିବା ଅଜିନୋମୋଟୋ ମଧ୍ୟ ତ୍ୱଚା ପାଇଁ କ୍ଷତିକାରକ ବୋଲି ଜଣାପଡ଼ିଛି ।

# ମହିଳାମାନଙ୍କୁ ବାରଣ

ବିଶ୍ୱର ପ୍ରାୟତଃ ସବୁ ଦେଶରେ କେତେ ପ୍ରକାରର ନିୟମ ତିଆରି ହୋଇଛି । ଅନେକ ସ୍ଥାନରେ ପୁରୁଷ ଓ ମହିଳାମାନଙ୍କୁ ସମାନ ଅଧିକାର ଦିଆଯାଇଥାଏ । ଅନେକ ସ୍ଥାନରେ ମଧ୍ୟ ଅନ୍ତର ଦେଖାଯାଇଥାଏ । କିନ୍ତୁ ଜାପାନରେ ଏପରି ଏକ ସ୍ଥାନ ରହିଛି ଯେଉଁଠାରେ ମହିଳା ମାନଙ୍କୁ ଯିବାପାଇଁ ବାରଣ କରାଯାଏ ଓ ପୁରୁଷମାନଙ୍କ ପାଇଁ କଡ଼ା ନିୟମ ତିଆରି ହୋଇଛି । ଜାପାନରେ ଥିବା ଏହି ସ୍ଥାନକୁ ଓକିନୋଶିମା ଆଇଲ୍ୟାଣ୍ଡ ଭାବରେ ସମସ୍ତେ ଜାଣନ୍ତି । ଏହି ଆଇଲ୍ୟାରଣ୍ଡକୁ ଧାର୍ମିକ ସ୍ଥାନ ଭାବରେ ସମସ୍ତେ ମାନିଥାନ୍ତି । ତେଣୁ ପୁରାତନ ସମୟରୁ ସେଠାରେ ଧାର୍ମିକ ପାବନ୍ଧି ରହିଆସିଛି । ସେହି ଆଇଲ୍ୟାଣ୍ଡରେ ମୁନାକାତା ତାଇଶା ଓକିତସ୍କୁ ମନ୍ଦିର ଅବସ୍ଥିତ ଓ ସେଠାରେ ସମୁଦ୍ର ଦେବୀଙ୍କୁ ପୂଜା କରାଯାଏ । ସେଠାକୁ ଯିବାକୁ ହେଲେ ପୁରୁଷମାନଙ୍କୁ ନିବସ୍ତ୍ର ହୋଇ ସ୍ନାନ କରିବାକୁ ପଡ଼େ ।




# ପରିବା ସୁପ୍

**ଆବଶ୍ୟକ ସାମଗ୍ରୀ :**

ଛୋଟ ଛୋଟ କଟାଯାଇଥିବା ମଧ୍ୟମ ଆକାରର ଏକ ଗାଜର, ଏକ ଚତୁର୍ଥାଂଶ ଫୁଲକୋବି ଏବଂ ଶିମଳା ଲଙ୍କା (ମଞ୍ଜି କଢାଯାଇଥିବା), ଗ୍ରୀନ୍ ମଟର ଦାନା- ଅଧା ତାଟିଆ, ୧ ଇଞ୍ଚ ଅଦା କୋରା ହୋଇଥିବ କିମ୍ବା ପେଷ୍ଟ କରାଯାଇଥିବ, ବଡ଼ ଚାମଚରେ ୧ ଚାମଚ କର୍ନଫ୍ଲୋର, ୨ ଚାମଚ ବଟର ଏବଂ ୧ ଚାମଚ ଚିଲି ସସ୍, ଛୋଟ ଚାମଚରେ ଅଧା ଚାମଚ ଲେଖାଏଁ ଗୋଲମରିଚ ଗୁଣ୍ଡ ଏବଂ ଧଳା ମରିଚ ଗୁଣ୍ଡ, ସ୍ୱାଦାନୁସାରେ ଲୁଣ, ଫାଳେ ଲେମ୍ବୁ, କିଛି କଟା ଧନିଆ ପତ୍ର ।

**ପ୍ରସ୍ତୁତି :**

ପୂର୍ବରୁ ପରିବଗୁଡ଼ିକୁ ଧୋଇ କାଟି ଦିଆଯାଇଥିବ । ଏବେ ବଡ଼ ଚାମଚରେ ୨ ଚାମଚ ପାଣି ନେଇ ସେଥିରେ କର୍ନଫ୍ଲୋର ଭଲ କରି ଗୋଳାଇ ଦିଅନ୍ତୁ । ଏକ କଡ଼େଇ କିମ୍ବା ଡେକ୍‌ଚି ଚୁଲିରେ ବସାଇ ବଟର ପକାଇ ଗରମ କରିବା ପରେ ଅଦା ପେଷ୍ଟ ଏବଂ ସମସ୍ତ ପରିବା ପକାଇ ୨ ମିନିଟ୍ ଧିମା ଆଞ୍ଚରେ ଭାଜନ୍ତୁ । ଏହାପରେ ଘୋଡ଼ାଇ ୨ ମିନିଟ୍ ସିଝିବାକୁ ଛାଡ଼ିଦେବେ । ପରେ ୬୦୦ ମିଲି ପାଣି, ଗୋଳା ଯାଇଥିବା କର୍ନଫ୍ଲୋର, ଗୋଲମରିଚ ଗୁଣ୍ଡ, ଧଳା ମରିଚ ଗୁଣ୍ଡ, ଚିଲି ସସ୍ ଏବଂ ଲୁଣ ପକାଇ ସୁପ୍ ଫୁଟିବା ପର୍ଯ୍ୟନ୍ତ ଗୋଳାନ୍ତୁ । ଫୁଟିଆସିବା ପରେ ୩-୪ ମିନିଟ୍ ହାଲ୍‌କା ଆଞ୍ଚରେ ବସାଇ ରଖିବେ । ଏବେ ଗ୍ୟାସ୍ ବନ୍ଦ କରି ସୁପ୍‌ରେ ସ୍ୱାଦ ଅନୁସାରେ ଲେମ୍ବୁ ରସ, କଟା ଧନିଆ ପତ୍ର ଏବଂ ଅଳ୍ପ ବଟର ପକାଇ ଗୋଳାଇ ଦିଅନ୍ତୁ । ଗରମ ଗରମ ପରଷି ଦେବାକୁ ପରିବା ସୁପ୍ ପ୍ରସ୍ତୁତ ହୋଇଗଲା ।



# ପିଲାଙ୍କୁ କରାନ୍ତୁ ଦାୟିତ୍ୱବାନ୍

**ମା'ଗର୍ଭରୁ ପିଲା କିଛି ଶିଖି ଆସିନଥାନ୍ତି । ବରଂ ତା' ଲାଳନପାଳନରେ ଉଭୟ ମା' ଓ ବାପା ପ୍ରମୁଖ ଭୂମିକା ଗ୍ରହଣ କରିବା ଉଚିତ । ଶିକ୍ଷାର ଆମ ଦୈନନ୍ଦିନ ଜୀବନରେ ଆବଶ୍ୟକତା କେତେ, ତାହା ପିଲା ବିଦ୍ୟାଳୟ ଯିବା ପରେ ହିଁ ବିଭିନ୍ନ ଉଦାହରଣ ଦେଇ ହୃଦୟଙ୍ଗମ କରନ୍ତୁ । ପରିବାରଲୋକଙ୍କ ସହ ବାର୍ତ୍ତାଳାପ ଓ ଅତିଥି ଆସିଲେ ସେମାନଙ୍କ ବ୍ୟବହାର କିପରି ହେବା ଉଚିତ, ଏ ବାବଦରେ ମଧ୍ୟ ପିଲାଙ୍କୁ ବୁଝାନ୍ତୁ । ଅନେକଙ୍କ ପରିବାରରେ ବଡମାନେ ଅନେକ ପ୍ରସଙ୍ଗରେ କହିଦିଅନ୍ତି, ପିଲା ବଡ ହେଲେ ଆପେଆପେ ସବୁ ଶିଖିଯିବ । ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍, କାରଣ ଯାହା ସେ ପିଲାଦିନେ ଶିଖେନାହିଁ, ବଡ ହେଲେ ମଧ୍ୟ ଗ୍ରହଣ କରିବନାହିଁ ।**





- ↔ ପିଲାଙ୍କୁ ମାଡ ନଦେଇ ବରଂ ଆକଟ କରନ୍ତୁ । ଏହି କାମକୁ ମା' ମାନେ ବେଶ୍ ଭଲଭାବେ ତୁଲାଇପାରିବେ । ସେମାନେ କୌଣସି କଥାକୁ ନେଇ ଜିଦ୍ କଲାବେପଲେ ଅନ୍ୟ କଥା କହି ଭୁଲାଇ ଦିଅନ୍ତୁ । ଜିଦ୍ ଥରେ ପୂରଣ କଲେ ପିଲା ପରେ ଅଧିକ ଜିଦ୍ କରିବା ଥୟ ।
- ↔ ପିଲାଙ୍କ ବନ୍ଧୁ ହେବାକୁ ଚେଷ୍ଟା କରନ୍ତୁ । ଆଉ ମନେରଖନ୍ତୁ, ବନ୍ଧୁ ହେବା ପରେ ଆପଣଙ୍କ ପିଲା ଯେପରି କଥା ମାନିବାକୁ ଭୁଲିନଯାଏ ।
- ↔ ଟିଭି ଦେଖିବା ଓ ପାଠ ପଢା ସବୁର ଏକ ନିର୍ଦ୍ଦିଷ୍ଟ ସମୟ ରଖନ୍ତୁ । ଛୋଟ ପିଲାଙ୍କୁ ଅତିବେଶୀରେ ୨ ଘଣ୍ଟା ପାଠ ପଢାଇବାର ସମୟ ରଖନ୍ତୁ ।
- ↔ ଅଭିଭାବକ ମନେରଖନ୍ତୁ, ଶିକ୍ଷା ନିତାନ୍ତ ଜରୁରୀ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେ ଶ୍ରେଣୀରେ ପ୍ରଥମ ହେବା ପ୍ରମୁଖ ଆବଶ୍ୟକତା ।
- ↔ ଯଦି କୌଣସି ପରିସ୍ଥିତିରେ ପରିବାରର କୌଣସି ସଦସ୍ୟ ପିଲାର ଭୁଲ୍ ଦେଖି ତାକୁ ବୁଝାଉଛନ୍ତି କିମ୍ବା ବିରକ୍ତ ପ୍ରକାଶ କରୁଛନ୍ତି, ସେଭଳି ପରିସ୍ଥିତିରେ ଆପଣ ପିଲାର ସପକ୍ଷ ନ ନେଇ ବରଂ ସେଇ ସ୍ଥାନରୁ ଚାଲିଯିବା ଉଚିତ । ପରେ ଘଟଣାର ତର୍ଜମା କରିନେବେ ।

# ନେଲପଲିସ୍ ଲଗାଇବାର ସହଜ ଉପାୟ



ନେଲପଲିସ୍ ଲଗାଇବାରେ ଏତେ ସମୟ ଖର୍ଚ୍ଚ କରିବା ପରେ ମଧ୍ୟ ଓ ପାର୍ଲରରେ ଟଙ୍କା ଖର୍ଚ୍ଚ କରିବା ସତ୍ତ୍ୱେ ଆମେ କରିଥିବା ମାନିକ୍ୟୋର ଖରାପ ହୋଇଯାଏ । ତେବେ କେତୋଟି ସହଜ ଉପାୟରେ ଆପଣ ଆପଣଙ୍କର ମାନିକ୍ୟୋରକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ରଖିପାରିବେ । ଆପଣ ଯଦି କୌଣସି ପ୍ରଫେସନାଲ ଠାରୁ ନେଲ୍ ପଲିସ୍ ଲଗାଉଛନ୍ତି ତେବେ ସେ ପ୍ରଥମେ ଆପଣଙ୍କ ନଖ ସଫା କରୁଥିବେ । ନେଲ୍‌ପଲିସ୍ ଲଗାନଯାଇଥିଲେ ମଧ୍ୟ ନେଲ୍‌ପଲିସ ରିମୁଭର ନିଶ୍ଚୟ ଲଗାଉଥିବେ । ସେଥିପାଇଁ ନେଲପଲିସ୍ ଲଗାଇବା ପୂର୍ବରୁ ଭଲ କ୍ୱାଲିଟିର ନେଲ୍‌ପଲିସ ରିମୁଭର ଦ୍ୱାରା ନଖ ସଫା କରନ୍ତୁ । ନଖ ସଫା କରିବା ପୂର୍ବରୁ ନଖକୁ ବେସ୍ କୋଟ ସାହାଯ୍ୟରେ ପ୍ରସ୍ତୁତ କରନ୍ତୁ ।

ଜାଣିବାକୁ ଅଜବ ଲାଗୁଥିଲେ ମଧ୍ୟ ଏହା ସତ ଯେ ପତଳା କୋଟ୍‌ସ ଡେରିରେ ଉଠିଥାଏ । ସେଥିପାଇଁ ଦୁଇଟି ମୋଟା କୋଟ୍ ବଦଳରେ ତିନୋଟି ପତଳା କୋଟ୍‌ସ ଲଗାନ୍ତୁ । ସେଥିରେ ଦୁଇଟି କୋଟସ୍ କମ୍ ସମୟ ମଧ୍ୟରେ ଶୁଖିଯିବ ଓ ନେଲ୍ ପଲିସ୍ ଲଗାଇବା ସମୟରେ ବବଲ୍ସ ଉଠିବାର ଆଶଙ୍କା ମଧ୍ୟ ରହିବନି । ନେଲ୍ ପଲିସ୍ ଭଲ କ୍ୱାଲିଟିର ହେବା ଆବଶ୍ୟକ । ନେଲ୍ ପଲିସ୍ ଲଗାଇବା ପୂର୍ବରୁ ଟିପ୍‌କୁ ପଲିସ୍ କରିବାକୁ ଭୁଲନ୍ତୁ ନାହିଁ । ଏଥିରେ ମଧ୍ୟ ନେଲ୍ ପଲିସ୍ ଉଠିବାର ଭୟ ରହିବ ନାହିଁ । ଯଦି ଅପାଣ ଶିମରର ବ୍ୟବହାର କରୁଛନ୍ତି ତେବେ ଟିପ୍‌ସରେ କିଛି ସ୍ୱାରକଲ୍ସ ଛିଡକାଇ ଦିଅନ୍ତୁ । ଟପ୍ କୋଟ୍ ସବୁବେଳେ ମାନୀକ୍ୟୋରର ଲାଇଫ୍ ବଢାଇଥାଏ । ଆପଣ ବେସ୍ କୋଟ୍‌କୁ ଟପ୍‌କୋଟ୍ ପରି ବ୍ୟବହାର କରିପାରିବେ । ନଖର ସାଇଡରେ ଓ ତା'ର ଚାରିପାଖ ଓ ଟପ୍‌କୋଟ୍‌କୁ ବ୍ରଶ କରିବାକୁ ଭୁଲନ୍ତୁ ନାହିଁ । ନଖକୁ ଶୁଖିବାକୁ ବହୁତ ସମୟ ଲାଗେ ଓ ନେଲପଲିସ୍ ଶୁଖିଯିବା ପରେ ନଖକୁ ଥଣ୍ଡା ପାଣିରେ ବୁଡାଇ ଦିଅନ୍ତୁ ଓ ଲେଶନ୍ ଲଗାନ୍ତୁ । ଏଥିରେ ନେଲ୍ ପଲିସ୍ ଚିକ୍‌କଣ ହୋଇଯିବ ।

# ଚୁଟି ଛିଡିବାର ବଡ କାରଣ ଭୁଲ୍ ଧାରାରେ ମୁଣ୍ଡ କୁଣ୍ଡାଇବା

ଭଲ ଏବଂ ଦାମୀ ସାମଗ୍ରୀ ବ୍ୟବହାର କରିବା ସତ୍ତ୍ୱେ ଅନେକ ସମୟରେ ଚୁଟି ଝଡିବା କମ୍ ହୋଇନଥାଏ । ବିଶେଷଜ୍ଞମାନଙ୍କ ମତରେ ଚୁଟି ଝଡିବାର ବଡ କାରଣ ମଧ୍ୟରୁ ଗୋଟିଏ ହେଉଛି ଭୁଲ୍ ଧାରାରେ ମୁଣ୍ଡ କୁଣ୍ଡାଇବା । ଏଥିପାଇଁ ସେମାନେ କିଛି ପରାମର୍ଶ ମଧ୍ୟ ଦେଇଛନ୍ତି ।

ଯଦି ଅଧିକାଂଶ ସମୟରେ ଚୁଟି ଅଡୁଆ ହୋଇରୁଛି ତେବେ ମୁଣ୍ଡ କୁଣ୍ଡାଇବା ସମୟରେ ମୂଳରୁ ନୁହେଁ ତଳ ଆଡୁ ପାନିଆରେ ଅଡୁଆ ଛଡାଇ ଧିରେଧିରେ ଉପରକୁ ଯିବା ଆବଶ୍ୟକ । ଯାହାଦ୍ୱାରା ମୁଣ୍ଡ କୁଣ୍ଡାଇବା ସହଜ ହୋଇଥାଏ ଏବଂ ଅଡୁଆ



ଚୁଟି ସଳଖ ହୋଇଥାଏ ।

ଯଦି ଆପଣଙ୍କ ଚୁଟି ଲମ୍ୱା ଏବଂ ଘନ, ତେବେ ଭଲ ହେବ ମୁଣ୍ଡ କୁଣ୍ଡାଇବା ସମୟରେ ଏକାଠି ସବୁ ଚୁଟି ନୁହେଁ ବରଂ ଅଳ୍ପ ଅଳ୍ପ ଚୁଟିକୁ ପାନିଆରେ କୁଣ୍ଡାନ୍ତୁ । ଏହା କରିବା ସମୟରେ ତରତର ହୁଅନ୍ତୁ ନାହିଁ । ସିରମ୍ ବ୍ୟବହାର କେବଳ ଚୁଟି ଧୋଇବା ସମୟରେ ନୁହେଁ ବରଂ ଯେତେବେଳେ ଶୁଖିଲା । ଥାଏ ସେତେବେଳେ ନିଜ ହାତରେ ସିରମ୍ ଲଗାଇ ପାନିଆ ବ୍ୟବହାର କରିବା ଉଚିତ୍ । ଏହାଦ୍ୱାରା ଚୁଟି ଛିଡିବା କମିଥାଏ ।

## ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ

ଜୟପୁର, ୩୧/୦୧ (ନି.ପ୍ର): ଜୟପୁର ସ୍ଥିତ ଜିଲା କଂଗ୍ରେସ ଭବନ ଠାରେ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଛି । କୋରାପୁଟ ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷି ବାହିନିପତି ଙ୍କ ଆହ୍ୱାନରେ ଅନୁଷ୍ଠିତ କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗଦେଇ ମହାତ୍ମାଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଶ୍ରଦ୍ଧାଂଜଳି ଜ୍ଞାପନ କରିବା ସହ ଗାନ୍ଧୀଙ୍କ ନିତି ଓ ଆଦର୍ଶରେ ଅନୁ ପ୍ରାଣିତ ହେବା ପାଇ ଆହ୍ୱାନ କରିଥିଲେ । ଏହି କାଯ୍ୟକ୍ରମରେ ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବିନୋଦ ମହାପାତ୍ର, କାନ୍ତ ପାଢୀ, ହସନ ମଦାନି, ଆଜିତ ସାମନ୍ତରାୟ, ନିବାହ ବିଷୋୟୀ, ରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଜୟପୁର ଶ୍ରମିକ କର୍ମଚାରି ଭବନ ଠାରେ ସିପିଆଇ ତରଫରୁ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଛି । ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି । ଏଠାରେ ସିପିଆଇର କର୍ମି ଓ ନେତା ଉପସ୍ଥିତ ରହି ମହାତ୍ମାଗାନ୍ଧୀଙ୍କ ଫଟୋ ଚିତ୍ରରୁ ପୁଷ୍ପ ମଲ୍ୟ ଅର୍ପଣ କରି ଶ୍ରଦ୍ଧାଂଜଳି ଜ୍ଞାପନ କରିବା ସହ ମହାତ୍ମାଗାନ୍ଧୀଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ ।

## ଲୋୟର ସୁକତେଲ ପ୍ରକଳ୍ପ ସ୍ତରୀୟ ଥଇଥାନ ଓ ପୁର୍ନବାସ ବୈଠକ

ବଲାଙ୍ଗୀର, ୩୧/୦୧ (ନି.ପ୍ର): ସ୍ଥାନୀୟ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ସ୍ତରୀୟ ଥଇଥାନ ଓ ପୁର୍ନର୍ବାସ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅନ୍ତପାଲି ଗ୍ରାମକୁ ନେଇ ଥଇଥାନ ଓ ପୁର୍ନବାସ ବୈଠକରେ କମିଟିର ଅଧକ୍ଷ ଜିଲ୍ଲାପାଳ ଚଂଚଳ ରାଣା, ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ଲୋକସଭା ସଦସ୍ୟାଙ୍କ ନୋମିନି ଦିନେଶ ଶର୍ମା, ଲୋଇସିଂହା, ପାଟଣାଗଡ ବିଧାୟକଙ୍କ ପ୍ରତିନିଧି, ଲୋୟର ସୁକତେଲ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଅଧିକ୍ଷଣ ଯନ୍ତ୍ରୀ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୁମାର ନାଗଭୂଷଣ, ଥଇଥାନ ଓ ପୁର୍ନବାସ ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର ମହାପାତ୍ର ଏବଂ ପ୍ରଭାବିତ ଅଂଚଳର ଜନ ପ୍ରତିନିଧି ଓ ମହିଳା ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଅନ୍ତପାଲି ଗାଁ ର ବିସ୍ଥାପିତଙ୍କ ସମସ୍ୟା ସେମାନଙ୍କୁ ଯେଉଁଠାରେ ଥଇଥାନ କରାଯାଉଛି ସେଠାକାର ମୌଳିକ ସୁବିଧା ତଥା ବିସ୍ଥାପନ ପରେ ଯେଉଁଠାରେ ସେମାନେ ଥଇଥାନ ହେଉଛନ୍ତି ସେଠାରେ ତାଙ୍କ ଜିବନ ଜିବିକା କୁ ନେଇ ପ୍ରଶାସନ ତରଫରୁ କରାଯାଇଥିବା ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା । ଆଲୋଚନା ବେଳେ ବିଧାୟକ ନରସିଂହ ମିଶ୍ର ପ୍ରକଳ୍ପ ଦ୍ୱାରା ଯେମିତି ଜଣେ ବି ଲୋକଙ୍କ କୌଣସି ପ୍ରକାର କ୍ଷତି ନହେଉ ସେ ଉପରେ ଧ୍ୟାନ ଦେବାକୁ ଅଧିକାରୀମାନଙ୍କୁ କହିଥିଲେ । ବିଜୁଳି, ଫଳନ୍ତି ବୃକ୍ଷର କ୍ଷତିପୁରଣ ତଥା କ୍ଷତିପୁରଣ ରାଶି ପ୍ରଦାନକୁ ନେଇ ପ୍ରତ୍ୟେହ ଅନେକ ସଂଖ୍ୟାରେ ଦରଖାସ୍ତ ଲୋକଙ୍କ ପାଖରୁ ତାଙ୍କ ପାଖକୁ ପହଂଚୁଥିବା ସେ ସୂଚନା ଦେବା ସହ ଏ ସବୁ କୁ ପ୍ରକଳ୍ପ ଅଧିକାରୀମାନେ ପୁଙ୍ଖାନୁପୁଙ୍ଖ ଭାବରେ ପରୀକ୍ଷା କରି ସେ ସବୁକୁ ସମାଧାନ କରନ୍ତୁ ବୋଲି କହିଥିଲେ । ପ୍ରକଳ୍ପକୁ ନେଇ ଆହୁରି ମଧ ସେ କହିଥିଲେ ଯେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାର ସମୟସୀମାକୁ ନେଇ ବିଭାଗୀୟ ମନ୍ତ୍ରୀ ଦେଇଥିବା ବୟାନ ଭୁଲ ପ୍ରମାଣିତ ହୋଇପାରେ । କାରଣ ଆଲୋଚନାରୁ ଜଣାଯାଉଛି ଯେ ୨୦୨୩ ଡିସେମ୍ବର ସୁଦ୍ଧା କୌଣସି ମତେ ବି ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ ତେଣୁ ଏପରି ଭିତିହିନ ମନ୍ତବ୍ୟ ଦେବାରୁ ସରକାର କିମ୍ବା ତାଙ୍କ ମନ୍ତ୍ରୀ ନିବୃତ ରହିବା ଉଚିତ ବୋଲି ବିଧାୟକ ଶ୍ରୀ ମିଶ୍ର କ୍ଷୋଭର ସହ କହିଥିଲେ । ଯଦିଓ ଏହି ବୈଠକ ପ୍ରକଳ୍ପସ୍ତରୀୟ ଶେଷ ବୈଠକ ତଥାପି ମଧ ଲୋକଙ୍କ ଅଭିଯୋଗ ଆକାରରେ ସେମାନଙ୍କର ସମସ୍ତ ପ୍ରକାର ସମସ୍ୟା ସମାଧାନ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ରାଣା ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ମହାପାତ୍ର ଉପସ୍ଥିତ ଥିବା ପ୍ରଭାବିତ ଅଂଚଳର ଜନ ପ୍ରତିନିଧିମାନଙ୍କୁ ପ୍ରତିଶୃତି ଦେଇଥିଲେ । ବିଶେଷ କରି ଆଗକୁ ଗ୍ରୀଷ୍ମମାସ ଆସୁଥିବାରୁ ନିଜେ ନିଜେ ବସତି ସ୍ଥାପନ କରିଥିବା ଏବଂ ସରକାର ତରଫରୁ ନିର୍ମାଣ ହୋଇଥିବା ପୁର୍ନବାସ କଲୋନିମାନଙ୍କରେ ପାନୀୟ ଜଳ ଓ ବିଜୁଳିର ଯେମିତି କୌଣସି ସମସ୍ୟା ନ ରହିବ ସେ ଉପରେ ନିଷ୍ପାରସହ ପଦକ୍ଷେପ ନିଅନ୍ତୁ ବୋଲି ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ଉପସ୍ଥିତ ଜନ ପ୍ରତିନିଧିମାନଙ୍କର ସମସ୍ତ ପ୍ରକାର ଅଭିଯୋଗ ର ପରୀକ୍ଷା କରି ସେ ସବୁ ଉପରେ ଉଚିତ ପଦକ୍ଷେପ ନିଆଯିବ ବୋଲି ନିଷ୍ପତି ହୋଇଥିଲା । ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇ ସଭା ଶେଷ ଘୋଷଣା କରିଥିଲେ ।

## ୩ ହଜାର ମସ୍ୟଜୀବୀ ପରିବାର ଭବିଷ୍ୟତ ଅନ୍ଧାର

ଧାମରା, ୩୧/୦୧ (ନି.ପ୍ର): ଖର୍ଚ୍ଚ ତୁଳନାରେ ଆୟ ହେଉନି । ଅସନ୍ତୁଳନ ପାଣିପାଗ, ଅତ୍ୟଧିକ ବୋଟ ଯୋଗୁ ବର୍ଷ ବର୍ଷ ଧରି ନିରାଶ ହେବାକୁ ପଡୁଛି ମସ୍ୟଜୀବୀଙ୍କୁ । ଧୀରେ ଧୀରେ ସମୁଦ୍ରରେ ମାଛ ସଂଖ୍ୟା କମି ଯାଉଥିବା ଯୋଗୁ ଆଶାତୀତ ମାଛ ପଡୁନଥିବାରୁ ଲକ୍ଷ ଲକ୍ଷ ଟଙ୍କା ଖଟାଇଥିବା ବୋଟ ମାଲିକ ବୋଟ ବିକ୍ରି କରିବା ଚିନ୍ତାରେ । ଏହି ଜୀବିକା ଉପରେ ନିର୍ଭର କରୁଥିବା ପ୍ରାୟ ୩ହଜାରୁ ଅଧିକ ମସ୍ୟଜୀବୀ ପରିବାରର ଭବିଷ୍ୟତ ଅନ୍ଧାକାର । ଉପକୂଳବର୍ତ୍ତୀ ଅଞ୍ଚଳର ଲୋକେ ସମୁଦ୍ରରୁ ମାଛ ମାରିବାକୁ ମୁଖ୍ୟ ଜୀବିକା ଭାବେ ବାଛି ନେଇଥିବା ବେଳେ ଏବେ ଏହି ଜୀବିକାରୁ ମୁହଁ ଫେରାଉଛନ୍ତି ଅନେକ ମସ୍ୟଜୀବୀ ଓ ବୋଟ ମାଲିକ । କିଛି ବର୍ଷ ଭିତରେ ଅନେକ ପ୍ରଜାତିର ମାଛ ସମୁଦ୍ରରେ ଦେଖିବାକୁ ମିଳୁନାହିଁ । ଅନ୍ୟପକ୍ଷରେ ଦିନକୁ ଦିନ ବୋଟ ପାଇଁ ଆବଶ୍ୟକ ପଡୁଥିବା ସମସ୍ତ ସାମଗ୍ରୀ ଯଥା. ବରଫ, ତେଲ, କର୍ମଚାରୀ ଦରମା, ଜାଲ ଓ ଅନ୍ୟାନ୍ୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ଯୋଗୁ ଗୋଟିଏ ବୋଟ ମାଛ ମାରିବାକୁ ବାହାରିଲେ ଅତିକମ୍‌ରେ ୫ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହେଉଛି । କିନ୍ତୁ ସେହି ତୁଳନାରେ ଜାଲରେ ମାଛ ପଡୁନାହିଁ । ମାଛ ଆମଦାନୀ କମିବା ଓ ମାଛର ବଜାର ଦର ପୂର୍ବଭଳି କମ୍ ଥିବା କାରଣରୁ ବୋଟ ମାଲିକମାନଙ୍କୁ କ୍ଷତି ପରେ କ୍ଷତି ସହିବାକୁ ପଡୁଛି । ସାମୁଦ୍ରିକ ମାଛମାନଙ୍କର ପ୍ରଜଜନ ଋତୁ ପାଇଁ ଏପ୍ରିଲ ୧୫ରୁ ଜୁନ ୧୫ ପର୍ଯ୍ୟନ୍ତ ଦୁଇ ମାସ ଥିବା କଟକଣା ହଟିବା ପରେ ସମୁଦ୍ରକୁ ମାଛ ମାରିବା ପାଇଁ ଯାଇଥିବା ବୋଟଗୁଡିକ ମଧ୍ୟରୁ କାଁ ଭାଁ ବୋଟଗୁଡିକ ମାଛ ମାରିଥିବା ବେଳେ ଅଧିକାଂଶ ବୋଟ ଆଜି ପର୍ଯ୍ୟନ୍ତ ସମୁଦ୍ରରେ ମାଛ ଅନ୍ୱେଷଣରେ ରହିଛନ୍ତି । ସେହିପରି ନଭେମ୍ବର ୧୫ରୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ବିରଳ ପ୍ରଜାତିର ଅଲିଭରିଡଲେ କଇଁଛଙ୍କ ଗଣଅଣ୍ଡାଦାନ ପର୍ବ ଆରମ୍ଭ ହେଉଥିବାରୁ ଏହି ସମୟରେ ସମୁଦ୍ରରେ ମାଛ ମାରିବା ମସ୍ୟଜୀବୀମାନଙ୍କ ପାଇଁ କଠିନ ବ୍ୟାପାର ହୋଇପଡୁଛି । ଗଭୀର ସମୁଦ୍ରରେ ମାଛ ମାରୁ ମାରୁ ଭୁଲ୍‌ବଶତଃ କଇଁଛଙ୍କ ଗଣ ଅଣ୍ଡାଦାନ ସ୍ଥାନ ଗହୀରମଥା ଅଭୟାରଣ୍ୟ ମଧ୍ୟକୁ ପଶିଗଲେ ଲକ୍ଷ୍ୟାଧିକ ଟଙ୍କା ଜରିମାନା ସହିତ ବୋଟଗୁଡିକ କୋଷ୍ଟଗାର୍ଡ ଓ ବନରକ୍ଷୀଙ୍କ ଦ୍ୱାରା ଜବତ ହୋଇ ମୁକୁଳିବାକୁ ବର୍ଷ ବର୍ଷ ଲାଗି ଯାଉଛି । ଏପ୍ରିଲ ୧୫ରୁ ଜୁନ ୧୫ ପର୍ଯ୍ୟନ୍ତ ପ୍ରଜଜନ ଋତୁ କଟକଣା ପରେ ବାକି ଯେତେ ସମୟ ମସ୍ୟଜୀବୀଙ୍କୁ ସମୁଦ୍ରରେ ମାଛ ମାରିବାକୁ ପଡୁଛି ସେହି ସମୟରେ ଲଘୁଚାପ, ବାତ୍ୟା ପାଇଁ ଅଧିକାଂଶ ସମୟରେ ବୋଟଗୁଡିକ ଜେଟିରେ ବନ୍ଧା ହୋଇ ରହିବା କାରଣରୁ ମସ୍ୟଜୀବୀଙ୍କୁ କ୍ଷତି ସହିବାକୁ ପଡୁଛି, ବୋଟ ମାଲିକ ବି ଖର୍ଚ୍ଚ ଭରଣା କରିବାକୁ ଚିନ୍ତାରେ ପଡୁଛନ୍ତି ।

## ଗାଡ଼ିରୁ ଚେୟାର ଟେବୁଲ ବୋହୁଛନ୍ତି ବିଦ୍ୟାଳୟ ଛାତ୍ର

ମାଲକାନଗିରି, ୩୧/୦୧ (ନି.ପ୍ର): ରାଜ୍ୟରେ ଶିକ୍ଷାର ବିକାଶ ନିମନ୍ତେ ରାଜ୍ୟ ସରକାର ମୋ ସ୍କୁଲ ଯୋଜନାରେ ରୂପାନ୍ତରିତ କରି ପର୍ଯ୍ୟାପ୍ତ ପରିମାଣର ଟଙ୍କା ବ୍ୟୟବରାଦ କରୁଛନ୍ତି । ଯାହାଫଳରେ ବିଦ୍ୟାଳୟ ଗୁଡିକ ଏବେ ସ୍ମାର୍ଟ ବିଦ୍ୟାଳୟରେ ପରିଣତ ହୋଇଅଛି । କିନ୍ତୁ, ମାଲକାନଗିରି ଜିଲ୍ଲାରେ ଶିକ୍ଷା ବିଭାଗରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ସାମ୍ନାକୁ ଆସିଛି । କାଲିମେଳା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅନ୍ତର୍ଗତ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ବେନିୟମ ଭାବେ ଛାତ୍ର ମାନଙ୍କୁ ବିଭିନ୍ନ କାମରେ ନିୟୋଜିତ କରାଇବା ପରିଲକ୍ଷିତ ହେଉଛି । ଏପରି ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କାଲିମେଳା ବ୍ଲକ ଅନ୍ତର୍ଗତ ଗମ୍ପାକୋଣ୍ଡା ଆଶ୍ରମ ବିଦ୍ୟାଳୟରେ ।

ଗତ ରବିବାର ଦିନ ଗମ୍ପାକୋଣ୍ଡା ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଚାଲିଥିବା ବେଳେ ନୂଆ ଚେୟାର, ଟେବୁଲ୍ ବୋଝେଇ ଏକ ଗାଡ଼ି ପହଂଚିଥିଲା । ସେ ଚେୟାର, ଟେବୁଲ୍ ଗୁଡ଼ିକୁ ଗାଡ଼ିରୁ ଓହ୍ଲାଇବା ପାଇଁ ଛାତ୍ରଙ୍କୁ ନିୟୋଜିତ କରାଯାଇଥିଲା । ଅଧ୍ୟୟନ କରିବାକୁ ଆସୁଥିବା ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ପରିବର୍ତ୍ତେ ଏପରି ବିଭିନ୍ନ କାମରେ ନିୟୋଜିତ କରୁଥିବା ଅଭିଯୋଗ ହେଉଛି ।

ଅପରପକ୍ଷରେ ଛାତ୍ର ଛାତ୍ରୀ ସଂଖ୍ୟା ଅନୁସାରେ କମ ଶିକ୍ଷକ, କେତେକ ସ୍ଥାନରେ ରାସ୍ତାଘାଟ ସମସ୍ୟାରୁ ଠିକ୍ ରେ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟକୁ ଆସିପାରୁ ନାହାଁନ୍ତି, କେତେକ ଶିକ୍ଷକ ଶିକ୍ଷୟିତ୍ରୀ ନିୟମିତ ବିଦ୍ୟାଳୟକୁ ଯାଉନଥିବା ଆଦିର ଏଠାରେ ନଜିର ରହିଛି । ଯାହାଫଳରେ ଶିକ୍ଷା ବ୍ୟବସ୍ଥା ଏଠାରେ ବିପର୍ଯ୍ୟସ୍ତ ହୋଇପଡିଥିବା ସମୟରେ ସଂପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଛାତ୍ର ଛାତ୍ରୀଙ୍କୁ ଗାଡ଼ିରୁ ଚେୟାର ଟେବୁଲ୍ ଅନଲୋଡ କରିବା କାମରେ ନିୟୋଜିତ କରିବା କେତେଦୂର ସମିଚୀନ । ତେଣୁ ଜିଲ୍ଲା ପ୍ରଶାସନ ଏବଂ ଲୋକ ପ୍ରତିନିଧି ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ରାଜ୍ୟସ୍ତରୀୟ ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବ

କେନ୍ଦ୍ରାପଡ଼ା, ୩୧/୦୧ (ନି.ପ୍ର): କେନ୍ଦ୍ରାପଡାରେ ବିଂଶତମ ରାଜ୍ୟ ସ୍ତରୀୟ ପୁସ୍ତକ ମେଳାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପ୍ରାବନ୍ଧିକ ଓ ଚିନ୍ତକ ଡ଼ଃ ପ୍ରଫୁଲ୍ଲ ମହାନ୍ତି ଯୋଗ ଦେଇ ପ୍ରୟୋଗାତ୍ମକ ସୃଜନକଳା ମାଧମରେ ଇଂଟରନେଟ୍ ର ବୌଦ୍ଧିକ ସତାକୁ ଅତିକ୍ରମ କରି ସାହିତ୍ୟ ରଚନା କଲେ ହିଁ ମୁଦ୍ରିତ ପୁସ୍ତକ ଏହାର ପୂର୍ବ ସ୍ଥିତି ବଜାୟ ରହିବ ବୋଲି ମତବ୍ୟକ୍ତ କରିଥିଲେ । କୋଭିଡ ମହାମାରୀ ପରେ ମୁଦ୍ରିତ ପୁସ୍ତକର ଲିଖନ, ପ୍ରକାଶନ ଓ ପଠନରେ ମନ୍ଥରତା ଲକ୍ଷ୍ୟ କରାଯାଉ ଥିବା ପ୍ରକାଶ କରିଛନ୍ତି । କେନ୍ଦ୍ରାପଡା ଇଭେଂଟ ମ୍ୟାନେଜର୍ସ(କେମ୍) ପକ୍ଷରୁ ଆୟୋଜିତ ଏହି ପୁସ୍ତକ ମେଳାରେ ରାଜ୍ୟ ସୂଚନା କମିଶନର ଦିଲିପ ବିଶୋଇ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କବି ନିରାକାର ଦାସ, ସାହିତ୍ୟ ତଥା ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୁଦନ ଦାସ ପ୍ରମୁଖ ଯୋଗ ଦେଇ ବହି ମେଳାକୁ ଜ୍ଞାନ ମନ୍ଦିର କହିବା ସହ ଏଥିରେ ଥିବା ପ୍ରତ୍ୟେକ ବହି ଭଗବାନ ବୋଲି କହିଥିଲେ । କେମ୍‌ର ସଭାପତି ଇଂ ଅକ୍ଷୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ନବଜ୍ୟୋତି ରାୟ ଅତିଥି ପରିଚୟ ପ୍ରଦାନ, ସଂପାଦକ ମହମ୍ମଦ ଜାହିର ଖାନ ସଂଗଠନ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ କବୟତ୍ରୀ ତଥା ଔପନାସିକା ସୁନନ୍ଦା ପ୍ରଧାନଙ୍କୁ ପୁସ୍ତକ ମେଳା ଯୁବ ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇ ଥିଲା । ଶେଷରେ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ମୁଖ୍ୟ ଉପଦେଷ୍ଟା ଡ଼ଃ ବିରଜା ରାଉତରାୟ, ଜ୍ୟୋତି ରଞ୍ଜନ ନାୟକ, ବଂଶୀଧର ମହାନ୍ତି, ପଦ୍ୟୁମ୍ନ ବେହୁରା, ଶିବ ଚରଣ ସାମଲ, ହିମାଂଶୁ ଦାସ, ସମ୍ବିତ୍ ଶ୍ରୀଚନ୍ଦନ, ଧର୍ମଦର୍ଶୀ କର, ସାନ୍ତନୁ ମଲିକ, ସନ୍ଦିପ ସାହୁ, ତାରିଣୀ ପାଟଜୋଶୀ, ଉମାକାନ୍ତ ଜେନା ପ୍ରମୁଖ ପରିଚାଳନାରେ ସହ ଯୋଗ କରିଥିଲେ ।

## ଘୁ.ଉଦୟଗିରିରେ ରାସ୍ତାକଡ଼ ପାଲଟିଛି ବସ୍ ରହଣିସ୍ଥଳ

ଘୁ.ଉଦୟଗିରି, ୩୧/୦୧ (ନି.ପ୍ର): ଦିନେ ନୁହେଁ କିମ୍ବା ଦୁଇଦିନ, ୨୪ ବର୍ଷ ହେଲାଣି ବସ୍‌ଷ୍ଟାଣ୍ଡ ନିର୍ମାଣ ଚାଲିଛି । ୮୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇସାରିଛି । ହେଲେ ନବନିର୍ମିତ ଏହି ବସ୍ ?ଷ୍ଟାଣ୍ଡର ଭାଗ୍ୟ ଉଦୟ ହେଉନାହିଁ । ଏବେ ସହରର ରାସ୍ତାକଡ଼ ପାଲଟିଛି ବସ୍ ରହଣିସ୍ଥଳ । ଘୁ.ଉଦୟଗିରି ଏନ୍‌ଏସିରେ ଏଭଳି ଅବ୍ୟବସ୍ଥା ଲାଗି ରହିଥିବା ବେଳେ ଏ ଭିତରେ ୪ଥର କାଉସିଲ୍ ନିର୍ବାଚନ ସରିବା ସହ ଚାରିଚାରି ଜଣ ଅଧକ୍ଷ ଦାୟିତ୍ୱ ନେଲେଣି । ହେଲେ ବସ୍‌ଷ୍ଟାଣ୍ଡର ଏହି ଅବ୍ୟବସ୍ଥା ପ୍ରତି କେହି ଧ୍ୟାନ ନଦେବା ପରିତାପର ବିଷୟ ହୋଇଛି । ବର୍ତ୍ତମାନର ଏନ୍‌ଏସି ଅଧକ୍ଷା ଭାନୁପ୍ରଭା ମିଶ୍ର ବସ୍‌ଷ୍ଟାଣ୍ଡକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ପାଇଁ ଚେଷ୍ଟା ଚାଲିଛି ଏବଂ ଖୁବ କମ୍ ଦିନ ଭିତରେ ଏହାକୁକୁ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି । ସୂଚନାଯୋଗ୍ୟ, ୨୦୦୦ ମସିହାରେ ୪ନଂ ୱାର୍ଡ ସ୍ଥିତ ଶ୍ରୀରାମପଦା ଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ନିମନ୍ତେ ଜମି ଚିହ୍ନଟ କରାଯାଇ କାମ ଆରମ୍ଭ ହୋଇଥିଲା । କିନ୍ତୁ ଜମି ଚିହ୍ନଟ ପରେ ଏଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣକୁ କିଛି ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ । ଚିହ୍ନଟ ଜମି ମୁଖ୍ୟରାସ୍ତା କଡ଼ରେ ନଥିବାରୁ ସେତେବେଳେ ଏନେଇ ପ୍ରତିବାଦ କରିଥିଲେ । କିନ୍ତୁ ବିରୋଧ ସତ୍ତ୍ୱେ ଏନ୍‌ଏସି କର୍ତ୍ତୃପକ୍ଷ ଏଠାରେ ବସ୍‌ଷ୍ଟାଣ୍ଡ କାମ ଆରମ୍ଭ କରିଥିଲେ । ଯାତ୍ରୀ ବିଶ୍ରାମ ଗୃହ ସହ ପାଚେରି ଏବଂ କିଛି ପ୍ଲାଟ୍‌ଫର୍ମ ନିର୍ମାଣ ହୋଇ ପୁଲିସ ସହାୟତାରେ ବସ୍ ଗୁଡ଼ିକୁ ବସ୍‌ଷ୍ଟାଣ୍ଡକୁ ଯିବାର ବ୍ୟବସ୍ଥା କରାଗଲା । ମାତ୍ର ଅଳ୍ପ କିଛିଦିନ ପରେ ବସ୍‌ଷ୍ଟାଣ୍ଡକୁ ଆଉ ଯାତ୍ରୀବାହୀ ବସ୍ ଗଲେନାହିଁ । ବିଭିନ୍ନ ସମସ୍ୟା ଆଳ ଦେଖାଇ ରାସ୍ତାକଡରେ ହିଁ ବସ୍ ରଖି ଯାତ୍ରୀଙ୍କୁ ଉଠାଇବା, ଓହ୍ଲାଇବା ଜାରି ରଖିଲେ । ବସ୍‌ଷ୍ଟାଣ୍ଟ ଅବ୍ୟବସ୍ଥା ଭିତରେ ପଡ଼ିରହିବାରୁ କିଛିବର୍ଷ ପରେ ଏଠାରେ ଥିବା ଯାତ୍ରୀ ବିଶ୍ରାମଗୃହ ଉଭେଇ ଯାଇଥିଲା । ପୁଣି ଏହାର ୮ ବର୍ଷ ପରେ ୨୦୦୮-୦୯ ଆର୍ଥିକ ବର୍ଷରେ ବସ୍‌ଷ୍ଟାଣ୍ଡ ଚାଲୁ କରିବା ନିମନ୍ତେ ମନ ବଳାଇଥିଲେ ଏନ୍‌ଏସି କର୍ତ୍ତୃପକ୍ଷ । ବସ୍‌ଷ୍ଟାଣ୍ଡର ପାଚେରି, ପ୍ଲାଟଫର୍ମ ସମେତ ଯାତ୍ରୀ ବିଶ୍ରାମଗୃହ ଓ ଦୋକାନ ଗୃହ ନିର୍ମାଣ କରାଗଲା । ଏହା ସତ୍ତ୍ୱେ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ କରା ଯାଇପାରି ନଥିଲା । ଏହାପରେ ପୁଣି ୨୦୧୫ରେ ଏଥିପ୍ରତି ଧ୍ୟାନ ଦେଲେ ଏନ୍‌ଏସି କର୍ତ୍ତୃପକ୍ଷ । ଲକ୍ଷାଧିକ ଟଙ୍କା ବ୍ୟୟରେ ହାଇମାଷ୍ଟ ଲାଇଟ୍ ଲଗାଗଲା । ପୁନର୍ବାର ୨୦୧୬-୧୭ରେ ୮ଟି ଦୋକାନ ଗୃହ, ପ୍ଲାଟଫର୍ମ, ପାଚେରି, ୨୦୧୭-୧୮ରେ ଶୌଚାଳୟ ନିର୍ମାଣ କରାଗଲା । କ୍ରମାନ୍ୱୟରେ ହିସାବ କଲେ ପ୍ରାୟ ୮୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଏ ଭିତରେ ବ୍ୟୟ କରାଗଲାଣି ।

## ଓମ୍‌ବାଡ୍‌ସି ବାଟବଣା : ରାଜ୍ୟ ପାଣ୍ଠିରେ ୨୦ ହଜାର କୋଟି, ଜିଲ୍ଲାକୁ ମିଳୁନି !

ସୁନ୍ଦରଗଡ, ୩୧/୦୧ (ନି.ପ୍ର): ଖଣି ପ୍ରଭାବିତ ଅଞ୍ଚଳ ଓ ଅଧିବାସୀଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ଗଠିତ ଓଡ଼ିଶା ଖଣି କ୍ଷେତ୍ର ବିକାଶ ନିଗମ (ଓମ୍‌ବାଡ୍‌ସି) ଅଧିକାରୀମାନଙ୍କ ମନମର୍ଜିରେ ଚାଲିଛି । ଓଡ଼ିଶା ଖଣି କ୍ଷେତ୍ର ବିକାଶ ନିଗମ ରାଜ୍ୟ ପାଣ୍ଠିରେ ୨୦,୧୧୦ କୋଟି ଟଙ୍କା ଜମା ରହିଥିବାବେଳେ ୨୦୨୨ ନଭେମ୍ବର ୩୦ ସୁଦ୍ଧା ୯ଟି ଜିଲ୍ଲାରେ ମାତ୍ର ୫,୪୮୬ କୋଟି ଖର୍ଚ୍ଚ କରାଯାଇଛି । ୧୭,୬୦୪ କୋଟିର ୫୩ଟି ପ୍ରକଳ୍ପ ନିର୍ଦ୍ଦେଶକ ପରିଷଦରେ ଅନୁମୋଦିତ ହୋଇଥିଲେ ମଧ ମାତ୍ର ୮,୪୯୨ କୋଟି ପ୍ରଦାନ କରାଯାଇଛି । ପ୍ରକଳ୍ପଗୁଡ଼ିକ ପାଇଁ ଅଧିକ ଅର୍ଥର ଆବଶ୍ୟକତା ରହିଛି । ଏହାସତ୍ତ୍ୱେ ମଧ ତାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ୨୦୧୪ ଡିସେମ୍ବର ୨ରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶକ୍ରମେ ସ୍ୱତନ୍ତ୍ର ଭାବେ ଖଣି ପ୍ରଭାବିତ ଅଞ୍ଚଳର ଆଦିବାସୀଙ୍କ କଲ୍ୟାଣ ପାଇଁ ଓମ୍‌ବାଡ୍‌ସି ଗଠନ କରାଯାଇଥିଲା । ଏଥିରେ ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ରାୟଗଡ଼ା, ସୁନ୍ଦରଗଡ଼ ଜିଲ୍ଲାର ପ୍ରଭାବିତ ଅଞ୍ଚଳ ପାଇଁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ, ଶିକ୍ଷା ତାଲିମ ଓ କୌଶଳ ବିକାଶ, ସ୍ୱାସ୍ଥ୍ୟ, ଅଙ୍ଗନବାଡ଼ି, ଜୀବିକା ପ୍ରୋତ୍ସାହନ, ଗ୍ରାମାଞ୍ଚଳ ସଡ଼କ ସଂଯୋଗ, ପରିବେଶ ସୁରକ୍ଷା, ପ୍ରଦୂଷଣ ନିୟନ୍ତ୍ରଣ, ଜଳ ସଂରକ୍ଷଣ, ଭୂତଳ ଜଳ ପରିଚାଳନା ଆଦି ପ୍ରକଳ୍ପ ବା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ରହିଛି । କିନ୍ତୁ, ଗୋଟିଏପଟେ ପାଣ୍ଠି ପ୍ରଦାନ କରା ନ ଯିବା ଓ ଅନ୍ୟପଟେ ଲାଭଖୋର ନିର୍ମାଣକାରୀ ସଂସ୍ଥା ସହ ଅସାଧୁ ଅଧିକାରୀଙ୍କ ଦୁର୍ନୀତି, ଅନିୟମିତତା ଯୋଗୁ ପ୍ରକଳ୍ପ କାମସବୁ ଅତି ନିମ୍ନମାନର ହେଉଛି । ଅନେକ ପ୍ରକଳ୍ପ ବର୍ଷ ବର୍ଷ ଧରି ଶେଷ ହେଉନାହିଁ । ପଛୁଆ ଆଦିବାସୀ ଅଧୁଷିତ ସୁନ୍ଦରଗଡ଼ ଜିଲ୍ଲାରେ ଓମ୍‌ବାଡ୍‌ସି ପାଣ୍ଠିରେ ନିର୍ମାଣ ହେଉଥିବା ବୃହତ୍ ପାନୀୟଜଳ ଯୋଗାଣ ପ୍ରକଳ୍ପକୁ ଉଦାହରଣ ଭାବେ ନିଆଯାଇପାରେ । ପଞ୍ଚାୟତିରାଜ ଓ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଓମ୍‌ବାଡ୍‌ସିର ୩୧୨ କୋଟି ବ୍ୟୟରେ ଜିଲ୍ଲାର ହେମଗିର, ଲେଫ୍ରିପଡ଼ାର ୧୧ ପଞ୍ଚାୟତ, କୁତ୍ରା ଓ ରାଜଗାଙ୍ଗପୁର ବ୍ଲକ୍‌ର ୭ଟି ପଞ୍ଚାୟତରେ ଏହି ପ୍ରକଳ୍ପ କାମ ଚାଲିଛି । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଲେଫ୍ରିପଡ଼ା(ଅଂଶ), ଟାଙ୍ଗରପାଲି, ବାଲିଶଙ୍କରା, ସବଡେଗା ଓ ବଡ଼ଗାଁ ବ୍ଲକ ପାଇଁ ଅର୍ଥ ଯୋଗାଇ ଦିଆଯାଇଛି । କିନ୍ତୁ, ପ୍ରଥମ ପର୍ଯ୍ୟାୟରେ ହେମଗିର, କୁତ୍ରା ଓ ରାଜଗାଙ୍ଗପୁର ବ୍ଲକ୍‌ରେ ଆରମ୍ଭ ହୋଇଥିବା ପାନୀୟଜଳ ପ୍ରକଳ୍ପ କାମ ଏ ଯାଏ ସରିନି । ୨୦୧୯ ଡିସେମ୍ବର ୧୭ରେ ଆରମ୍ଭ ହୋଇଥିବା କାମ ୨୦୨୧ ଡିସେମ୍ବରରେ ସରିବାକୁ ଥିଲା । କିନ୍ତୁ, ଅଢ଼େଇ ବର୍ଷ ପରେ ବି ପାଇପ୍ ପୋତା କାମ ଶେଷ ହୋଇପାରିନି । ବହୁ ଗାଁରେ ପାଇପ୍ ପୋତା କାମ ଅଧାରେ ରହିଛି । କାର୍ଯ୍ୟ ଅବଧିକୁ ୨୦୨୨ ଡିସେମ୍ବର ଯାଏ ବୃଦ୍ଧି କରାଯାଇଥିଲେ ମଧ ଆହୁରି ବହୁ କାମ ବାକି ରହିଛି । ଏଥିପାଇଁ ଆବଶ୍ୟକ ଶେଷ ପର୍ଯ୍ୟାୟ ଅର୍ଥ ରାଜ୍ୟ ପାଣ୍ଠି ପକାଇ ରଖିଥିବା ଅଭିଯୋଗ ହୋଇଛି । କେବଳ ଏହି ଗୋଟିଏ ପ୍ରକଳ୍ପ ନୁହେଁ, ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମର ମାତ୍ର ୪୪ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ ଶିକ୍ଷା କ୍ଷେତ୍ରରେ ଏସ୍‌ଟି/ଏସ୍‌ସି ଉନ୍ନୟନ ବିଭାଗ ଆଶ୍ରମ ସ୍କୁଲ ବାବଦକୁ ମାତ୍ର ୬୧ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି । ଅନ୍ୟପକ୍ଷରେ, ବହୁକୋଟିର ବୃହତ୍ ପ୍ରକଳ୍ପ ସବୁ ହାତକୁ ନିଆ ଯାଉଥିବାବେଳେ ତାହା ପ୍ରଭାବିତ ଅଧିବାସୀ ବା ଅଞ୍ଚଳର ବିକାଶ ପାଇଁ କେତେ ସହାୟକ ହେବ, ସେ ନେଇ କୌଣସି ତର୍ଜମା କରାଯାଉନାହିଁ । ଏହାଛଡ଼ା ପାଣ୍ଠି ପ୍ରଦାନରେ ମଧ ଅକାରଣ ବିଳମ୍ବ କରାଯାଉଛି । ସେଥିପାଇଁ ଖଣି ଅଞ୍ଚଳର ବିକାଶ ବାଟବଣା ହୋଇଯାଉଥିବା ଅଭିଯୋଗ ହୋଇଛି ।

## କଲିକତାର ବ୍ୟାଙ୍କରର୍ସ ଗ୍ରାମୀଣ ବିକାଶ ସଂସ୍ଥାନ ତରଫରୁ ତାଲିମ ପ୍ରଦାନ

କେନ୍ଦ୍ରାପଡ଼ା, ୩୧/୦୧ (ନି.ପ୍ର): କେନ୍ଦ୍ରାପଡ଼ାରେ ବ୍ୟାଙ୍କରର୍ସ ଗ୍ରାମୀଣ ବିକାଶ ସଂସ୍ଥାନ କଲିକତା ପକ୍ଷରୁ ଏକ ତିନିଦିନିଆ ତାଲିମ କର୍ମଶାଳା ନୂଆ ବସଷ୍ଟାଣ୍ଡ ଠାରେ ଅନୁଷ୍ଠିତ ହୋଇଯାଇଛି । ନାବାର୍ଡ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନାବାର୍ଡ ଅଧିକାରୀ ଅଶୋକ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପୋଗ୍ରାମ ନିର୍ଦ୍ଦେଶକ ଶ୍ରୀମତୀ ଭାବନା ପାଲ କଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସୂର୍ଯ୍ୟ ନାରାୟଣ ମିଶ୍ର, ଆତମାର ସହକାରୀ ନିର୍ଦ୍ଦେଶକ ମନୋରଞ୍ଜନ ରାଉଳ ପ୍ରମୁଖ ଯୋଗ ଦେଇ କୃଷକ ଉତ୍ପାଦନ କମ୍ପାନୀର ମୁଖ୍ୟ ନିର୍ବାହୀ ଅଧିକାରୀ ନିର୍ଦ୍ଦେଶକ ମଣ୍ଡଳ ମାନଙ୍କୁ ସମ୍ମନିତ କୃଷି ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ । ଅଳ୍ପ ଚାଷ ଜମିରେ କୃଷକମାନେ ସମ୍ମାନିତ ଚାଷକରି ଅଧିକ ଅର୍ଥ ଉପାର୍ଜନ କରିପାରିବେ ସେ ସଂପର୍କରେ ଚାଷୀମାନଙ୍କୁ ଏକକ ଜମିରେ ମାଛ, କୁକୁଡା, ପନିପରିବା ଏବଂ ଧାନଚାଷ କରି ଆର୍ଥିକ ଅବସ୍ଥା ସୁଧାରିବା ସହିତ ଆୟକୁ ଦୁଇଗୁଣ କରିବା ପାଇଁ ତାଲିମ ପ୍ରଦାନ କରାଯାଇ ଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏପିଓର ବିଓଡି ଏବଂ ସିଇଓମାନେ ଏହି ତାଲିମରେ ଉପସ୍ଥିତ ଥିଲେ ।

## ଫେବୃଆରୀ ୫ ରୁ ୯ ପର୍ଯ୍ୟନ୍ତ ପୁରୀରେ ଜାତୀୟ ସଫ୍ଟବଲ ଚମ୍ପିୟାନସିପ

ପୁରୀ, ୩୧/୦୧ (ନି.ପ୍ର): ଫେବୃଆରୀ ୫ ରୁ ୯ ତାରିଖ ପର୍ଯ୍ୟନ୍ତ ଜାତୀୟ ସଫ୍ଟବଲ ଚମ୍ପିୟାନସିପ ପୁରୀ ସ୍ପୋର୍ଟ କମ୍ପ୍ଲେକ୍ସ ଠାରେ ଅନୁଷ୍ଠିତ ହେବ । ଏହା ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସଫ୍ଟବଲ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବ । ଏ ସମ୍ପର୍କରେ ଏକ ବୈଠକ ଆଜି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା । ଏହାକୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଚମ୍ପିୟାନସିପ ୫ ଦିନ ଧରି ଚାଲିବ । ଏଥିରେ ଦେଶର ବିଭିନ୍ନ ରାଜ୍ୟର ୨୪ ଗୋଟି ମହିଳା ଓ ୨୬ ଗୋଟି ପୁରୁଷ ଦଳ ଅଂଶ ଗ୍ରହଣ କରିବେ । ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା, ଖାଦ୍ୟ, ପରିମଳ ବ୍ୟବସ୍ଥା, ଗମନାଗମନ, କ୍ରିଡାବିତ ଙ୍କ ସୁରକ୍ଷିତ ରହଣି, ସୁରକ୍ଷା ବ୍ୟବସ୍ଥା, ପ୍ରଚାର ପ୍ରସାର ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବା ସହ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଆଲୋଚନା କରା ଯାଇଥିଲା । ଏହି ବୈଠକରେ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଏ ଡି ଏମ ଓ ବିରଜା ଶଙ୍କର ରଥ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ ସାହୁ, ଆରଟିଓ ରବିନ ପଟ୍ଟନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀ, ଜିଲ୍ଲା କ୍ରିଡା ସଂସଦ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଓଡିଶା ମୋ ପରିବାର ର ସଂଯୋଜକ ଶୁଭାଶିଷ ଖୁଣ୍ଟିଆ, ସଫ୍ଟବଲ ସଂଘର ଯୁଗ୍ମ ସମ୍ପାଦକ ରାଜକିଶୋର ପଟ୍ଟନାୟକ, ସଦସ୍ୟ ସୌମିତ୍ର ହରିଚନ୍ଦନ, ଅରବିନ୍ଦ ଦାସ, ପ୍ରଶନ କୁମାର ରଥ, ଅନ୍ୟାନ୍ୟ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ ।

## ସାରସ୍ୱତ ସାଧକ ମାଧବାନନ୍ଦ ପଣ୍ଡାଙ୍କ ସ୍ମରଣିକା ଉନ୍ମୋଚନ

କେନ୍ଦ୍ରାପଡ଼ା, ୩୧/୦୧ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ପ୍ରାଧ୍ୟାପକ ତଥା ସାରସ୍ୱତ ସାଧକ ୰ମାଧବାନନ୍ଦ ପଣ୍ଡାଙ୍କ ପ୍ରଥମ ବାର୍ଷିକ ସ୍ମରଣିକା "ମାଧବ ମାଧୁରୀ" ଉନ୍ମୋଚିତ ହୋଇଯାଇଛି । କେନ୍ଦ୍ରାପଡାର ନୟନ ବିହାର ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା ସଭାପତିତ୍ୱ କରିଥିଲେ । ପ୍ରଖ୍ୟାତ କଥାକାର ତଥା ଓଡିଶା ସହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଡ଼ଃ ରାମଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ମରଣିକା ଉନ୍ମୋଚନ କରିଥିଲେ । ୰ ପଣ୍ଡାଙ୍କ ସହପାଠୀ ଅଧ୍ୟାପକ ଦୁର୍ଯ୍ୟୋଧନ ପରିଡା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ପ୍ରାଧ୍ୟାପକ ମୋହନ ଜେନା, ଡ଼ଃ ବିଜୟ ଦାସ, ଡ଼ଃ କାମଦେବ ପତି, ଡ଼ଃ ପ୍ରଦିପ ଦାସ, ଡ଼ଢ ମୌସୁମୀ କାକନୁଗୋ ଓ ଏଲଆଇସିର ଅଧିକାରୀ ନିମାଇଁ ଚରଣ ନାୟକ, ଅର୍ବାନ ବ୍ୟାଙ୍କ ର ପୂର୍ବତନ କାର୍ଯ୍ୟ ନିର୍ବାହୀ ସୁଶିଳ କୁମାର ସାମଲ ପ୍ରମୁଖ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ । ସାହିତ୍ୟିକ ଶତୃଘନ ପାଣ୍ଡବ, କୈଳାସ ଚନ୍ଦ୍ର ବରାଳ, ପ୍ରାଧ୍ୟାପକ ଭୀମସେନ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଅଧାପକ ତପନ କୁମାର ପତି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଅଧାପକ ସନ୍ତୋଷ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୁଶୁଡ଼ିଲା ଦୟା ନଦୀବନ୍ଧ : ଲୋକେ ଆତଙ୍କିତ

କଣାସ/ଗଡ଼ିଶାଗୋଦା : ଗତକାଲି ରାତିରେ କଣାସ ବ୍ଲକ୍‌ର ବସନ୍ତପୁର ନିକଟସ୍ଥ ଦୟା ନଦୀବନ୍ଧ ନଦୀ ଭିତରକୁ ଭୁଶୁଡ଼ି ପଡ଼ିବା ଓ ଲମ୍ବା ଫାଟ ସୃଷ୍ଟି ହେବା ନେଇ ସ୍ଥାନୀୟ ଲୋକେ ଆତଙ୍କିତ ହୋଇଛନ୍ତି । ଖବର ମୁତାବକ ଜଙ୍କିଆଠାରୁ ଗଡ଼ିଶାଗୋଦା ଦୟା ନଦୀବନ୍ଧ ରାସ୍ତା ଖରାପ ହୋଇଯିବାରୁ ଅଞ୍ଚଳବାସୀ ବାରମ୍ବାର ରାସ୍ତା ନିର୍ମାଣ ପାଇଁ ଦାବି କରିଆସୁଥିଲେ । ରାଜ୍ୟ ସରକାର ଗଡ଼ିଶାଗୋଦାଠାରୁ ଜଙ୍କିଆ ପର୍ଯ୍ୟନ୍ତ ଢଳାଇ ରାସ୍ତା ନିର୍ମାଣ କରିବାକୁ ଠିକାଦାର ନିଯୁକ୍ତି କରିଥିଲେ । ଠିକାଦାର ଗଡ଼ିଶାଗୋଦାଠାରୁ ପ୍ରାୟ ୧ କିଲୋମିଟରରୁ ଉର୍ଦ୍ଧ୍ୱ ଢଳାଇ ରାସ୍ତା ନିର୍ମାଣ କରି ସାରିଥିବା ବେଳେ ଢଳାଇ ଆଗକୁ ଗତକାଲି ରାତିରେ ହଠାତ୍ ବନ୍ଧ ଫାଟି ଯାଇ ନଦୀ ମଧ୍ୟକୁ ଭୁଶୁଡ଼ି ଯାଇଥିଲା । ଚଳିତ ବର୍ଷ ବନ୍ୟାରେ ବନ୍ଧ ଉପରେ ବନ୍ୟାପାଣି ଚାଲୁଥିବାରୁ ଏହାକୁ ବାଲିବସ୍ତା ଦେଇ ଅଟକ କରାଯାଇଥିଲା । କିନ୍ତୁ ବନ୍ଧର ତଳସ୍ତରରେ କିଛି ଫାଙ୍କ ରହିଯିବା ଫଳରେ ଏଭଳି ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି । ନୂତନ ବନ୍ଧ କାର୍ଯ୍ୟ ପାଇଁ ଗଦାଯାଇଥିବା ଗୋଡ଼ିର ଚାପ ଯୋଗୁ ଏଭଳି ହୋଇଥିବା ମଧ ଅନୁମାନ କରାଯାଉଛି । ଏହି ରାସ୍ତା ଉପରେ ୬ଟି ପଞ୍ଚାୟତର ୩୦ଟି ଗାଁ'ର ଲୋକ ନିର୍ଭର କରୁଥିବା ବେଳେ ବନ୍ଧ ଭୁଶୁଡ଼ିବା ଦ୍ୱାରା ଏହି ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି । ଖବର ପାଇ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି କାହିଁକି ନଦୀବନ୍ଧ ଭୁଶୁଡ଼ିଲା ସେନେଇ ଆକଳନ କରିଛନ୍ତି । ଆଜି ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ମକରା ବେହେରା, ସହକାରୀ ଯନ୍ତ୍ରୀ ତନୁଜ କିଶୋର ରାଉତ, ଏସ୍ ?ଇ ରତ୍ନାକର ଦଳାଇ ବନ୍ଧ ଭୁଶୁଡ଼ିବା ସ୍ଥାନରେ ପହଞ୍ଚି ତଦନ୍ତ କରି ଫେରିଥିବା ବେଳେ ଆସନ୍ତା କାଲି ମୁଖ୍ୟ ଯନ୍ତ୍ରୀ ପରିଦର୍ଶନ କରିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଶ୍ରୀ ବେହେରା ସୂଚନା ଦେଇଛନ୍ତି ।

## ବସ୍ତାରେ ନୂତନ ତହସିଲଦାରଙ୍କ ଯୋଗଦାନ



ବସ୍ତା,୩୧/୦୧ (ନି.ପ୍ର): ବାଲେଶ୍ୱର ଜିଲାର ବସ୍ତା ତହସିଲରେ ନୂତନ ତହସିଲଦାର ଭାବେ ବାଲେଶ୍ୱରର ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନ ମଙ୍ଗଳବାର ଯୋଗଦାନ କରିଛନ୍ତି। ଏଠାରେ ଥିବା ତହସିଲଦାର କାର୍ତ୍ତିକ କୁମାର ଦାଶ କଟକ ରେଭେନ୍ୟୁ ଡିଭିଜନାଲ କମିଶନର କାର୍ଯ୍ୟାଳୟ କୁ ବଦଳି ହୋଇଯାଇଛି।ଶ୍ରୀ ଦାଶ ଏଠାରେ ୩ ବର୍ଷରୁ ଉର୍ଦ୍ଧ୍ୱ କାଳ ତହସିଲଦାର ଭାବରେ କାର୍ଯ୍ୟ ସମ୍ପାଦନ କରିଛନ୍ତି।ତେବେ ନୂତନ ତହସିଲଦାରଙ୍କ ଠାରୁ ପୂର୍ବ ଭଳି ଲୋକେ ବିଭିନ୍ନ ସେବା ପାଇବେ ବୋଲି ଆଶା ପ୍ରକାଶ କରିଛନ୍ତି।

## ସବ୍ ପୋଷ୍ଟ ଅଫିସ ଖୋଲିବାରେ ଆଶା ଉଜ୍ଜୀବିତ

ନୀଳଗିରି,୩୧/୦୧ (ନି.ପ୍ର): ନୀଳଗିରି ବ୍ଲକ ଭଉଁରିଆବାଡ଼ ବ୍ରାଂଚ ପୋଷ୍ଟ ଅଫିସକୁ ସବ୍ ପୋଷ୍ଟ ଅଫିସ ମାନ୍ୟତା ଦେଇ ଅଯୋଧା ଗାଁରେ ମୁଖ୍ୟ ଶାଖା ଖୋଲିବା ସହ ଅଯୋଧା ସବ୍ ପୋଷ୍ଟ ଅଫିସ ନାମରେ ନାମିତ କରିବାକୁ ବାଲେଶ୍ୱର ସାଂସଦ ଗତ ୨୦୨୨ ମସିହା ନଭେମ୍ବର ୨୪ତାରିଖ ଦିନ କେନ୍ଦ୍ର ରେଳ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖିଥିଲେ । ଅଯୋଧା ଠାରେ ବିଭିନ୍ନ ସ୍କୁଲ, କଲେଜ, ହସପିଟାଲ , ପୋଲିସ ଫାଣ୍ଡି ସହିତ ବହୁ ସରକାରୀ ଦପ୍ତର ଥିବା ଚିଠିରେ ଉଲ୍ଲେଖ କରିଥିଲେ । ଏତଦ୍‌ବ୍ୟତିତ ଉଚ୍ଚଶିକ୍ଷିତ ଏହି ଗାଁରେ ଐତିହାସିକ ସ୍ଥଳ ଥିବା ବେଳେ ଏକ ସଂଗ୍ରାହଳୟ ମଧ ରହିଛି । ଉକ୍ତ ଗାଁରେ ବହୁ ପୁରାତନ ପଥର ମୂର୍ତି ମିଳୁଥିବା ବେଳେ ଆଖାପାଖ ଅଂଚଳରେ ମଧ ପୁରାତନ ପଥର ମୂର୍ତି ମିଳୁଥିବାର ନଜିର ରହିଛି ।ତେଣୁ ପ୍ରତିବର୍ଷ ଶହ ଶହ ପର୍ଯ୍ୟଟକ ଏହି ଗାଁକୁ ଆସୁଥିବା ବେଳେ ଗ୍ରାମର ପ୍ରତ୍ୟେକ୍ଷ ଦେବୀ ମା' ମାରିଚୀ ଦେବୀଙ୍କୁ ମଧ ଦର୍ଶନ କରିଥାନ୍ତି । ତେଣୁ ଭଉଁରିଆବାଡ଼ ବ୍ରାଂଚ ପୋଷ୍ଟଅଫିସକୁ ଅପ୍‌ଗ୍ରେଡେସନ କରାଯାଇ ଅଯୋଧା ରେ ସବ୍‌ପୋଷ୍ଟ ଅଫିସ କରିବାକୁ ଅଂଚଳବାସୀଙ୍କ ଦାବୀକୁ ସାଂସଦ ପ୍ରତାପ ଷଡ଼ଙ୍ଗୀ କେନ୍ଦ୍ର ମନ୍ତ୍ରୀଙ୍କ ଠାରେ ଦାବୀ ରଖିଥିଲେ । ଏହାର ଉତରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ ତଦନ୍ତ ଚାଲିଥିବା ନେଇ ସାଂସଦଙ୍କୁ ଚିଠି ଲେଖିଛନ୍ତି । ଫଳରେ ଅଯୋଧରେ ସବ୍‌ପୋଷ୍ଟଅଫିସ ଖୋଲିବାର ଆଶା ଉଜ୍ଜୀବିତ ହୋଇଛି ।

## ୫ଟି ସ୍କୁଲର ବିଭିନ୍ନ ସୁବିଧା ତଦାରଖ କଲେ ଜିଲ୍ଲାପାଳ

ଭଦ୍ରକ,୩୧/୦୧ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ନିର୍ଗୁଣ୍ଡି ପଞ୍ଚାୟତର ମହୁରା ଉନ୍ନିତ ଉଚ୍ଚବିଦ୍ୟାଳ, ସରସଦା ପଞ୍ଚାୟତର ସରସଦା ଉଚ୍ଚ ବିଦ୍ୟାଳୟ ଓ କୋରିଗାଁ ପଞ୍ଚାୟତର କଣ୍ଟି ହାଇସ୍କୁଲ ଓ କୋରିଗାଁ ହାଇସ୍କୁଲର ବାଳିକା ଓ ବାଳକ ଶୌଚାଳୟ ବ୍ୟବସ୍ଥା, ପ୍ରଥମ ଓ ଦ୍ୱିତୀୟ ସ୍ମାର୍ଟ କ୍ଲାସରୁମ୍, ବିଜ୍ଞାନ ପରୀକ୍ଷାଗାର, ଇ ଲାଇବ୍ରେରୀ ଓ ଶିକ୍ଷାଦାନ ଆଦି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ବିଡିଓ ଦେବଦତ୍ତ ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଙ୍କିତା ତ୍ରିପାଠୀ, କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ବାରିକ, ଶିକ୍ଷାବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ମହାମହିମ ରାଷ୍ଟ୍ରପତିଙ୍କୁ ଦାବି ପତ୍ର : ଦାବି ପୂରଣ ନହେଲେ ୧୧ ଫେବୃଆରୀରୁ ରେଲରୋକ

ବାରିପଦା, ୩୧/୦୧ (ନି.ପ୍ର): ଆଦିବାସୀ ସେଙ୍ଗେଲ ଅଭିଯାନର ରାଷ୍ଟ୍ରୀୟ ସଭାପତି ପୂର୍ବତନ ସାଂସଦ ସାଲଖାନ ମୁର୍ମୁଙ୍କ ନେତୃତ୍ୱରେ ମାରାଂ ବୁରୁକୁ ଆଦିବାସୀମାନଙ୍କୁ ଫେରାଇ ଦିଆଯିବା ଦାବିକୁ ପୂରଣ କରିବା ପାଇଁ ରାଷ୍ଟ୍ରୀୟ ଆଦିବାସୀ ବିଦ୍ରୋହ ଓଡିଶା ସମେତ ଝାରଖଣ୍ଡ, ବିହାର, ବେଙ୍ଗଲ, ଆସାମ ଆଦି ୫ଟି ପ୍ରଦେଶର ୫୦ ଜିଲ୍ଲାରେ ଆନ୍ଦୋଳନ ଜାରି ରହିଛି । ଆଦିବାସୀମାନଙ୍କୁ ତାଙ୍କର ଈଶ୍ୱର ମାରାଂ ବୁରୁକୁ ଜୈନ ମାନଙ୍କର ଜବର ଦଖଲରୁ ମୁକ୍ତ କରିବା ପାଇଁ ଏବଂ ସାର୍ନା ଧର୍ମ କୋଡ ମାନ୍ୟତା ଦେଇ ଜନଗଣନାରେ ସାମିଲ କରାଯିବା ଦାବିକୁ ପୁରଣ ପାଇଁ ଆଦିବାସୀ ସେଙ୍ଗେଲ ଅଭିଯାନ ବାରିପଦା ଜୋନାଲ କମିଟିର ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ଏକ ବିରାଟ ମଶାଲ ସଭାଯାତ୍ରା ବାରିପଦା ମଧୁବନ ପଡିଆରୁ ଆରମ୍ଭ ଭଂଜପୁର ଛକରେ ଅବସ୍ଥିତ ସୁନାରାମ




ସୋରେନ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇ ଜିଲାପାଳଙ୍କ ମାଧ୍ୟମରେ ଭାରତର ମହାମହିମ ରାଷ୍ଟ୍ରପତିଙ୍କୁ ଆଦିବାସୀ ମାନଙ୍କର ଈଶ୍ୱର ଝାଡଖଣ୍ଡ ରାଜ୍ୟରେ ଥିବା ଏକ ପାହାଡ ମାରାଂ ବୁରୁକୁ ଜୈନ ମାନଙ୍କର ଜବର ଦଖଲରୁ ମୁକ୍ତ କରାଯିବା, ଦେଶର ସମସ୍ତ ପାହାଡ ପର୍ବତକୁ ଆଦିବାସୀ ମାନଙ୍କୁ ହସ୍ତାନ୍ତର କରାଯିବା, ସାର୍ନା ଧର୍ମ କୋଡ ଘୋଷଣା କରାଯିବା, ସାନ୍ତାଳୀ ଭାଷାକୁ ଝାରଖଣ୍ଡର ପ୍ରଥମ ରାଜଭାଷା ମାନ୍ୟତା ସହ ଓଡିଶାରେ ଦ୍ୱିତୀୟ ରାଜଭାଷା ମାନ୍ୟତା ଦିଆଯିବା ଏବଂ ଅନ୍ୟ ଆଦିବାସୀ ଭାଷା ଗୁଡିକୁ ସମ୍ବିଧାନିକ ମାନ୍ ?ଯତା ପ୍ରଦାନ କରାଯିବା ଆଦି ବିଭିନ୍ନ ଦାବୀରେ ଏକ ଦାବି ପତ୍ର ପ୍ରଦାନ କରାଯାଇଅଛି । ଯଦି ଫେବୃୟାରୀ ୧୦ ତାରିଖ ସୁଦ୍ଧା ସରକାରଙ୍କର ଦ୍ୱାରା କୌଣଷି ଘୋଷଣା କରାନଯାଏ ତେବେ ଆଦିବାସୀ ସେଙ୍ଗେଲ ଅଭିଯାନ ଅନ୍ୟ ଆଦିବାସୀ ସମାଜର ସହଯୋଗରେ ଫେବୃୟାରୀ ୧୧ରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ରେଳ ରୋକ, ରାସ୍ତା ରୋକ, ଚକାଜାମ ଆନ୍ଦୋଳନ କରିବାକୁ ନିଷ୍ପତି ନିଆଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା ପ୍ରଦେଶ ପାର୍ଗାନା କାଳୁରାମ ମୁର୍ମୁ, ଓଡିଶା ପ୍ରଦେଶ ସେଙ୍ଗେଲ ମହିଳା ମୋର୍ଚ୍ଚା ସଭାପତି ମାଲହ ମାର୍ଣ୍ଡି, ପାନମଣି ହେମ୍ବ୍ରମ, ବାରିପଦା ଜୋନାଲ ପାର୍ଗାନା ମାଧବ ଚନ୍ଦ୍ର ମୁର୍ମୁ, ବିକାଶ ଚନ୍ଦ୍ର ହେମ୍ବ୍ରମ, ଚନ୍ଦନ କୁମାର ସୋରେନ, ବାହାଦୁର ମୁର୍ମୁ, ପିଥ ମାଝୀ, ବାବୁଲୁ ମୁର୍ମୁ, ଜିତେନ୍ଦ୍ରନାଥ ହେମ୍ବ୍ରମ, ହାମ୍ବ୍ରାୟ ମାର୍ଣ୍ଡି, ଲାଦୁରାମ ସୋରେନ ପ୍ରମୁଖ ସେଙ୍ଗେଲ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ ।

## ବାରିପଦା ଠାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

ବାରିପଦା,୩୧/୦୧ (ନି.ପ୍ର): ଆଜି ମୟୁରଭଂଜ ଜିଲ୍ଲା ସଦର ମହକୁମା ବାରିପଦା ଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫେସିଲିଟେସନ ସେଂଟରରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରିଷିକେଶ ଦ୍ୟାନଦେଓ ଖିଲାରୀ ଙ୍କ ତତ୍ୱାବଧାନ ଏକ ମିଳିତ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜନସାଧାରଣଙ୍କ ଠାରୁ ମୋଟ ୫୫ ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୪୭ ଟି ବ୍ୟକ୍ତିଗତ ସମସ୍ୟା ଭିତିକ ଏବଂ ୮ଟି ଗ୍ରାମବାସୀଙ୍କ ସାମୁହିକ ଅଭିଯୋଗ ଥିଲା । ତେବେ ଆଜି ୦୩ ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ଏବଂ ସହାୟତା ରାଶି ପ୍ରଦାନ ପାଇଁ ଆସିଥିବା ଅଭିଯୋଗର ଗୁରୁତ୍ୱ ଓ ପରିସ୍ଥିତି କୁ ବିଚାର କରି ୨ ଜଣ ଙ୍କୁ ପ୍ରତ୍ୟେକ ୫୦୦୦/-ଟଙ୍କା



ଲେଖାଏଁ ମୋଟ ୧୦୦୦୦/- ହଜାର ଟଙ୍କା ସହାୟତା ରାଶି ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ଜିଲ୍ଲାପାଳ ମଂଜୁର କରିଛନ୍ତି । ଅନ୍ୟାନ୍ୟ ଆପତି ଅଭିଯୋଗ ଗୁଡିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନୁଷ୍ଠିତ ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ରୂପ ଭାନୁ ମିଶ୍ର ଓ ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦୌଲତ ଚନ୍ଦ୍ରକାର ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅଧିନସ୍ଥ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ତଥା ପି. ଜି. ସେଲର ନୋଡାଲ ଅଧିକାରୀ ସୁଜୟ କୁମାର ପତିଙ୍କ ତତ୍ୱାବଧାନରେ ଶିବିର କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା ।

## ୧୦ ଦଫା ଦାବିରେ ସି.ଆଇ.ଟି.ଉ. ପକ୍ଷରୁ ଗଣଧାରଣା

ଜଳେଶ୍ୱର,୩୧/୦୧ (ନି.ପ୍ର): ଜଳେଶ୍ୱର ବ୍ଲକର ସୁଗୋ ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସି.ଆଇ.ଟି.ୟୁ ପକ୍ଷରୁ ପଂଚାୟତର ବିଭିନ୍ନ ସମସ୍ୟା ନେଇ ଏକ ଗଣଧାରଣା ଅନୁଷ୍ଠିତ ହୋଇ ଯାଇଛି । ସିପିଆଇଏମ୍ ସୁଗୋ ଶାଖା ପକ୍ଷରୁ ପଲ୍ଟୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣ ବିକ୍ଷୋଭରେ ସଂପାଦକ ମଦନ ମାହାଲି, ଦିପ୍ତିମାନ ଆଚାର୍ଯ୍ୟ, ଦିଲ୍ଲିପ ଗିରି, ମମତା ରାଜ, ଗୌରୀକାନ୍ତ ମହାନ୍ତି, ଅଜିତ୍ ଦାସ, ଶରତ ମହାନ୍ତି, ଆରତୀ ମହାନ୍ତି, ରାଜେଶ ମହାନ୍ତି, ନିଳକଣ୍ଠ ମହାନ୍ତି, ରୁହ୍ୟା ଟୁଡୁ, କୁନା ଟୁଡୁ, ଗଣେଶ ଜେନା, ସରସ୍ୱତୀ ପଲେଇ, ସବିତା ଭୂୟାଁ, ତ୍ରିଲୋଚନ ମହାନ୍ତି, ସୁକୁଲ ମୁର୍ମୁ, ସତ୍ୟବ୍ରତ ସେନ୍ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସ୍ଥାନୀତ କରିବା, ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ପ୍ରଦାନ କରିବା, ୨୦୨୩-୨୪ ଆର୍ଥିକ ବର୍ଷରେ ଆସିଥିବା ଅର୍ଥକୁ ରାସ୍ତା ଉନ୍ନିତିକରଣରେ ବ୍ୟବହାର କରିବା, ପଂଚାୟତ ଅଫିସ୍‌କୁ ସବୁଦିନ ଖୋଲା ରଖିବା, ହିତାଧିକାରୀଙ୍କୁ ନଗଦ ଅର୍ଥ ପ୍ରଦାନ କରିବା, ଭୂମୀ ହିନଙ୍କୁ ଘରବାଡି ପଟା ଯୋଗାଇବା, ଆବାସ ଯୋଜନାରେ ଘର ପ୍ରଦାନ କରିବା, ଚିଟ୍‌ଫଣ୍ଡ ଅର୍ଥ ଫେରସ୍ତ କରିବା, କୃଷିଋଣ ଛାଡ କରିବା, ଉଠା ଦୋକାନୀଙ୍କୁ ପରିଚୟ ପତ୍ର ପ୍ରଦାନ କରିବା, ମାର୍କେଟକମ୍ପ୍ଲେକ୍ସ୍ ନିର୍ମାଣ କରି ଘର ଯୋଗାଇବା, ୫ଟିରେ ବାଦ ପଡିଥିବା ବିଦ୍ୟାଳୟ ଗୁଡିକର ଉନ୍ନତିକରଣ କରିବା ଇତ୍ୟାଦି ୧୦ ଦଫା ସମ୍ବଳିତ ଦାବି ପତ୍ର ଏବିଡିଓ ଦିବ୍ୟସିଂହ କହଁରଙ୍କୁ ପ୍ରଦାନ କରାଯାଇଛି ।

## ଜିଲ୍ଲା କଂଗ୍ରେସ ପକ୍ଷରୁ ସହିଦ ଦିବସ

ବାଲେଶ୍ୱର,୩୧/୦୧ (ନି.ପ୍ର): ଜିଲା କଂଗ୍ରେସ ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କୁ ତିରୋଧାନ ଦିବସକୁ 'ସହିଦ ଦିବସ' ସୋମବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରିଙ୍କ ଅଧ୍ୟକ୍ଷତା କରିବା ସହ ରାଷ୍ଟ୍ର ନିର୍ମାଣରେ ଜାତିର ଜନକଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ତେବେ ଗୁଳି ମାଡ଼ରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ପରଲୋକ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୩ଦିନିଆ ଶୋକପାଳନ ଘୋଷଣା ଯୋଗୁଁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଭାରତ ଯୋଡ଼ ଶେଷ ପାଇଁ ପ୍ରସ୍ତାବିତ ଜାତୀୟ




ପତାକା ଉତ୍ତୋଳନ ବନ୍ଦ ରହିଥିଲା। ଅନ୍ୟପକ୍ଷରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନେ ପୁଷ୍ପାର୍ଘ୍ୟ ପ୍ରଦାନ ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ଜିଲ୍ଲା ସଭାପତି ଶ୍ରୀ ଗିରିଙ୍କ ସମେତ ଉପ-ସଭାପତି କୃଷ୍ଣ ଗୋପାଳ ପଣ୍ଡା ଓ ଗୋପୀନାଥ ପାଢ଼ୀ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞା ପାରମିତା ମହାନ୍ତି, ବିକାଶ କୁମାର ଦାସ, ଅରୁଣ ଜେନା, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ଜୀବନ ମହାପାତ୍ର, ପ୍ରଶାନ୍ତ ପ୍ରଧାନ ନବ ପ୍ରସାଦ ଭୂୟାଁ, ଚନ୍ଦନ କୁମାର ପ୍ରଧାନ, ଭୀମ ଚରଣ ସିଂହ, ସୌରଭ ବେହେରା, ଚନ୍ଦନ ମାଝୀ ପ୍ରମୁଖ ଉପସ୍ଥିତ ରହି ଜାତିର ଜନକ ମହାତ୍ମାଗାନ୍ଧୀଙ୍କୁ ସ୍ମରଣ କରିଥିଲେ।

## ହାତିଆଡିହା ଯୋଗଶିକ୍ଷା କେନ୍ଦ୍ରର ୨୬ ତମ ବାର୍ଷିକ ଅଧିବେଶନ

ରୂପସା,୩୧/୦୧ (ନି.ପ୍ର): ମଙ୍ଗଳବାର ପୂର୍ବାହ୍ନ ୧୦ ଘଟିକା ସମୟରେ ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନିସମାଜ, ଓଡ଼ିଶା ପ୍ରାନ୍ତ,ହାତିଆଡିହା ଶାଖାରେ ୨୬ ତମ ବାର୍ଷିକ ଅଧିବେଶନ,ମୁନି ସମାଜର ଜ୍ୟୋତି, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ଆତ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନି ଜୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ପ୍ରଥମେ ସତ୍ୟ ପତାକା ଉତ୍ତୋଳନ କରିଥିଲେ, ଆଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର ମହୋଦୟା । ତାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଥିଲେ, ଆତ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ପଣ୍ଡା ମହୋଦୟ । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ବ୍ରହ୍ମଜ୍ଞାନୀ, ଦ୍ୱାସୁପର୍ଣ୍ଣାର ସମ୍ପାଦକ,



ଆତ୍ମଦର୍ଶୀ ଯୋଗାଚାର୍ଯ୍ୟ କଳାକୃଷ୍ଣ ମୁନି ମହୋଦୟ ।ସମ୍ମାନୀତ ଅତିଥି ଥିଲେ,ମୁନି ରତ୍ନ ଯୋଗୀ ତ୍ରିଲୋଚନ ସାହୁ ମହୋଦୟ । ମଞ୍ଚାସୀନ ଥିଲେ, ବରିଷ୍ଠ ଯୋଗୀ ନରେନ୍ଦ୍ର ମୁନି, ଯୋଗୀ ମନ୍ମଥ ଆଇଚ, ଯୋଗୀ ଚିତ୍ତରଞ୍ଜନ ମୁନି,ଯୋଗୀ ଚନ୍ଦ୍ରମୋହନ ମୁନି,ଯୋଗୀ ଭିକାରୀ ଚରଣ ମୁନି, ଯୋଗଶିକ୍ଷୟତ୍ରୀ କନକଲତା ଆଇଚ, ଯୋଗଶିକ୍ଷୟତ୍ରୀ କଳ୍ପନା ମିଶ୍ରୀ, ଯୋଗଶିକ୍ଷୟତ୍ରୀ ସୁବାସିନୀ ମହାନ୍ତି, ଆଶ୍ରମର ସଭାପତି ମୁନି ରାଜ ସୁଧାକର ଗିରି ମହୋଦୟ ଇତ୍ୟାଦି ।ଆବାହନୀ ସଙ୍ଗୀତ ଗାନ କରିଥିଲେ, ଆଶ୍ରମର କଣ୍ଠଶିଳ୍ପୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ଓ ଗୀତାଞ୍ଜଳୀ ଭୋଇ । ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଆଶ୍ରମର ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରା । ପ୍ରଥମେ ସମୂହ ପ୍ରଣବ କରାଯାଇଥିଲା ବିଶ୍ୱର କଲ୍ୟାଣ ଉଦ୍ଦେଶ୍ୟରେ । ତା ପରେ ବେଦ ପାଠ, ଶାନ୍ତି ପାଠ କରାଯାଇ ଜ୍ଞାନ ଯଜ୍ଞ ଆରମ୍ଭ କରାଯାଇଥିଲା । ଜଣେ ଯମ ନିୟମ ପାଳନ କରି ପ୍ରତିଦିନ ଯୋଗ ସାଧନା ଜାରି ରଖି ଚାଲିଥିଲେ,ସେ ସର୍ବଦା ସୁଖ-ଶାନ୍ତି-ଆନନ୍ଦରେ ଜୀବନ ଯାପନ କରିବା ସହିତ ତାର ସମସ୍ତ ସଂକଳ୍ପ ନିଶ୍ଚୟ ପୂର୍ଣ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଉପସ୍ଥିତ ଥିଲେ,ମୁନି ରାଜ ଅନାଦି ବାରିକ, ରଘୁନାଥ ବେହେରା, ଖଗେଶ୍ୱର ମହାଳିକ, ଗୌରହରି ବାରିକ, ମୁନି ରମାନାଥ ବାରିକ, କୃର୍ତ୍ତିବାସ, ରମେଶ, ଜଗବନ୍ଧୁ ବର, ସୁଦର୍ଶନ ବର,ମୁନିରାଜ୍ଞୀ ବିମଳା ଲେଙ୍କା,ସୁମତୀ ଦଳାଇ, ମୁନିମତୀ ଶାନ୍ତୀ ସିଂ, ମଞ୍ଜୁଲତା, ଫୁଲମଣୀ, ଶିବମୁନିଙ୍କ ପରିବାରର ସଦସ୍ୟ, ସଦସ୍ୟା ମାନେ । ଶେଷରେ ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିହାର ରାଜ୍ୟ ରାଜନୀତିରେ....

ଦଳର ମୁଖିଆ ନୀତୀଶ କୁମାରଙ୍କ ଉପରେ ଗୋଟେ ପରେ ଗୋଟେ ଗମ୍ଭୀର ଅଭିଯୋଗ ଆଣିଛନ୍ତି ଉପେନ୍ଦ୍ର କୁଶୱାି....ନୀତୀଶ କେବଳ ସଂସଦୀୟ ବୋର୍ଡ ଅଧକ୍ଷ ପଦ ଦେଇ ମୋ ମୁହଁ ଚୁପ୍ କରି ରଖିଛନ୍ତି। ପଦ ଦେଇଛନ୍ତି ଅଥଚ ନିଷ୍ପତି ଅଧିକାର ଛଡାଇ ନେଇଛନ୍ତି। କୌଣସି ନିର୍ବାଚନ ଓ ନିଷ୍ପତିରେ ମୋର ମତାମତ ଲୋଡାଯାଉନି। ମୋ କଥାକୁ ଶୁଣୁନି ଜେଡିୟୁ। ବଡ ପଦ ଦେବା ପ୍ରତିଶ୍ରୁତି ଦେଇ ମୋ ହାତରେ ଲଲିପପ୍ ଧରାଇଛନ୍ତି ନୀତୀଶ। ମୋତେ ମୋ ଅଧିକାର ଦରକାର। ସାମ୍ବାଦିକ ସମ୍ମିଳନୀ ସଫା ସଫା ଶବ୍ଦରେ କୁଶୱାି କହିଛନ୍ତି ସେ କୌଣସି ପଦ ପଦବୀ ପାଇଁ ଚିନ୍ତିତ ନୁହେଁ । ନୀତୀଶଙ୍କ କଥା ମାନି ସେ କେନ୍ଦ୍ର ମନ୍ତ୍ରୀ ପଦ ଛାଡିଥିଲେ । ବର୍ତ୍ତମାନ ତାଙ୍କୁ ନ୍ୟାୟ ମିଳୁ । ଯୋଗ୍ୟତା ଅନୁସାରେ ପଦ ଓ ସମ୍ମାନ ମିଳୁ । ଏଥିସହ ସେ କହିଛନ୍ତି କି କୌଣସି ପରିସ୍ଥିତିରେ ଦଳ ଛାଡିବେ ନାହିଁ । ନୀତୀଶ ତାଙ୍କ ସହ ବୈଠକ କରି ସମସ୍ୟାର ସମାଧାନ କରୁନ୍ତୁ ବୋଲି କୁଶୱାି କହିଛନ୍ତି । ଆଗାମୀ ନିର୍ବାଚନରେ ତେଜସ୍ୱୀ ଯାଦବ ନେତୃତ୍ୱରେ ଦଳ ନିର୍ବାଚନ ଲଢିବ ବୋଲି ଘୋଷଣା କରିସାରିଛି । ଘୋଷଣା ପରଠୁ ନୀତୀଶ ଓ ଉପେନ୍ଦ୍ରଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଆରମ୍ଭ ହୋଇଛି । କୁହାଯାଉଛି ଉପେନ୍ଦ୍ର କୁଶୱାି ହେଉଛନ୍ତି ଅସନ୍ତୋଷ ନେତାଙ୍କ ସ୍ୱର ଭାବେ ନୀତୀଶଙ୍କ ସମ୍ମୁଖରେ ଛିଡା ହୋଇଛନ୍ତି । ଜେଡିୟୁ ଓ ଆରଜେଡି ମଧ୍ୟରେ ସିକ୍ରେଟ ଡିଲ ହୋଇଥିବା ଅଭିଯୋଗ ଆଣୁଛନ୍ତି ଉପେନ୍ଦ୍ର କୁଶୱାି । ଏଥିସହ କୁଶୱାି କହିଥିଲେ ବିହାର ଜେଡିୟୁର ଅନେକ ବଡ ନେତା ବିଜେପି ସହିତ ଯୋଗାଯୋଗରେ ଅଛନ୍ତି । ସେପଟେ ସବୁ କଥାକୁ ଆଡେଇ ଦେଇ ନୀତିଶ କେବଳ ଗୋଟେ କଥା କହିଥିଲେ ଯାହାର ଇଚ୍ଛା ଅଛି ସେ ଦଳରେ ରୁହନ୍ତୁ ବା ଚାଲି ଯାଆନ୍ତୁ ।

### ଝାରସୁଗୁଡ଼ା ଏସ୍‌ପି ଓ ବ୍ରଜରାଜନଗର....

ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ଝାରସୁଗୁଡ଼ା ଏସପି ଆଇପିଏସ୍ ରାହୁଲ ଜୈନଙ୍କୁ ପୁଲିସ ମୁଖ୍ୟାଳୟ ଏସପି ଭାବେ ବଦଳି କରାଯାଇଥିବାବେଳେ ବରଗଡ଼ ଜିଲ୍ଲା ଏସପି ଆଇପିଏସ୍ ପରମାର ସ୍ମିତ ପୁରୁଷୋତ୍ତମଙ୍କୁ ଝାରସୁଗୁଡ଼ା ଏସପି , ବୌଦ୍ଧ ଏସପି ଆଇପିଏସ୍ ପ୍ରହଲ୍ଲାଦ ସହାଇ ମୀନାଙ୍କୁ ବରଗଡ଼ ଏସପି ଏବଂ ରାୟଗଡ଼ାର ଅତିରିକ୍ତ ଏସପି ଆଇପିଏସ୍ ରାଜ ପ୍ରସାଦଙ୍କୁ ବୌଦ୍ଧ ଏସପି ଭାବେ ବଦଳି କରାଯାଇଛି । ଏହା ପୂର୍ବରୁ ଆଜି ବ୍ରଜରାଜନଗର ଏସଡିପିଓ ଗୁପ୍ତେଶ୍ୱର ଭୋଇଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା । ତାଙ୍କ ସ୍ଥାନରେ ଆଠମଲ୍ଲିକ ଏସଡିପିଓ ଚିନ୍ତାମଣୀ ପ୍ରଧାନଙ୍କୁ ନିଯୁକ୍ତି ମିଳିଛି । ତେବେ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାରେ ପୁଲିସ ଡିଜିଠୁ ଆରମ୍ଭ କରି ଜିଲ୍ଲା ପୁଲିସ ଏସପି ପର୍ଯ୍ୟନ୍ତ ସମସ୍ତେ ନିରବତା ଅବଲମ୍ବନ କରୁଥିବାବେଳେ ପାରିପାର୍ଶ୍ୱିକ ପରିସ୍ଥିତିକୁ ଦେଖି ନବଙ୍କ ସମ୍ପର୍କୀୟ, ସମର୍ଥକ ଓ ବିରୋଧୀ ଦଳ ନେତାମାନେ ଉଚ୍ଚସ୍ତରର ଷଡ଼ଯନ୍ତ୍ର ହୋଇଥିବାର ଅଭିଯୋଗ କରୁଛନ୍ତି । ଆଉ ଚାପରେ ପଡ଼ି ସରକାର ଆଜି ତରବରିଆ ଭାବେ ଜିଲ୍ଲା ଏସପି ଓ ସ୍ଥାନୀୟ ଏସଡିପିଓଙ୍କୁ ବଦଳି କରିଥିଲେ ମଧ ବରଗଡ଼ ଏସପିଙ୍କୁ ଝାରସୁଗୁଡ଼ା ଦାୟିତ୍ୱ ଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ନବଙ୍କ ସମର୍ଥକମାନେ ଏହି ହତ୍ୟା ପଛରେ ଯେଉଁ ଜିଲ୍ଲାର ନେତାଙ୍କ ହାତ ଥିବା ସନ୍ଦେହ କରି ସର୍ବସାଧାରଣରେ ଅସନ୍ତୋଷ ବ୍ୟକ୍ତ କରୁଥିବା ଚର୍ଚ୍ଚା ହେଉଛି, ଏବେ ସେହି ଜିଲ୍ଲାର ଏସପିଙ୍କୁ ରାଜ୍ୟ ସରକାର ଝାରସୁଗୁଡ଼ାର ଏସପି ଭାବେ ବଦଳି କରିବା ନେଇ ସାଧାରଣରେ ପ୍ରଶ୍ନ ଉଠିଛି ।

### ବଜେଟ୍ ଅଧିବେଶନରେ....

ଆଧୁନିକ ଭିତ୍ତିଭୂମି ନିର୍ମାଣ ଦିଗରେ କାର୍ଯ୍ୟ କରୁଛନ୍ତି କେନ୍ଦ୍ର ସରକାର। ଗତ କିଛି ବର୍ଷ ହେବ ଦେଶରେ ଡିବିଟି, ଡିଜିଟାଲ ଇଣ୍ଡିଆ, ଏବଂ ଏକ ସ୍ଥାୟୀ ପାରଦର୍ଶୀ ବ୍ୟବସାୟ ବ୍ୟବସ୍ଥା କରାଯାଇଛି। ଭାରତରେ ଏଭଳି ଏକ ଡିଜିଟାଲ ନେଟୱାର୍କ ସୃଷ୍ଟି ହୋଇଛି ଯେଉଁଥିରେ ସମଗ୍ର ବିଶ୍ୱ ପ୍ରେରଣା ନେଉଛି। ବିଶ୍ୱରେ ଆମେ ପଂଚମ ବୃହତ ଅର୍ଥନୀତି ହୋଇପାରିଛୁ। ପୂରା ବିଶ୍ୱର ସମସ୍ୟାର ଭାରତ ଏବେ ସମାଧାନ ପାଲଟିଛି। ସେପଟେ ବିଜେଟ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି । ମୋଦୀ କହିଛନ୍ତି, ଏଥର ବଜେଟ୍ ଉପରେ କେବଳ ଦେଶ ନୁହେଁ ସାରା ବିଶ୍ୱର ନଜର ରହିଛି । ଏହି ବଜେଟ୍ ବିଶେଷ ଭାବେ ସାଧାରଣ ଲୋକଙ୍କ ପାଇଁ ଲାଭପ୍ରଦ ହେବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ । ବୁଧବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ସାଧାରଣ ବଜେଟ୍ ଉପସ୍ଥାପନ କରିବେ । ୨୦୨୪ ନିର୍ବାଚନ ପୂର୍ବରୁ ଏହା ହେବ ମୋଦୀ ସରକାର ୨.୦ର ଶେଷ ପୂର୍ଣ୍ଣାଙ୍ଗ ବଜେଟ୍ । ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି କେତେକ ଲୋକପ୍ରିୟ ସ୍କିମ୍ ଘୋଷଣା କରିପାରନ୍ତି ସରକାର ।

### ଗୁଳିକାଣ୍ଡ ସ୍ଥାନରେ କ୍ରାଇମବ୍ରାଞ୍ଚ....

ଏକ ଟିମ୍ । ସେଠାରୁ ତାଙ୍କ ଭାଇଙ୍କୁ ଉଠାଇ ନେଇ ଅଜ୍ଞାନ ସ୍ଥାନରେ ପଚରାଉଚରା କରାଯାଉଥିବା ସୂଚନା ମିଳିଛି । ଝାରସୁଗୁଡ଼ାରେ ଘର ଭଡ଼ା ନେଇ ସେ ହୋଟେଲ୍ କରିଥିଲେ, ଗୁଳିକାଣ୍ଡ ଦିନ ଦୋକାନ ବନ୍ଦ କରି ପଳାଇ ଆସିଥିବା ଜଣାପଡିଛି । ନବ ଦାସଙ୍କ ହତ୍ୟାର ରହସ୍ୟ ଖୋଲିବା ପାଇଁ ସବୁ ଦିଗକୁ ଦୃଷ୍ଟି ଦେଇ ତଦନ୍ତକୁ ଆଗକୁ ବଢ଼ାଉଛି କ୍ରାଇମବ୍ରାଞ୍ଚ । ଘଟଣା ସ୍ଥଳରୁ ଆରମ୍ଭ କରି ଗଞ୍ଜାମ ଜିଲ୍ଲାରେ ଥିବା ଅଭିଯୁକ୍ତର ଘରେ ଖୋଳତାଡ଼, କ୍ୟାପିଟାଲ୍ ହସପିଟାଲ ଦେଇଥିବା ପୋଷ୍ଟମର୍ଟମ ରିପୋର୍ଟକୁ ପରୀକ୍ଷା ନିରୀକ୍ଷା କରାଯାଉଛି । ହେଲେ ଗୁଳିକାଣ୍ଡର ରହସ୍ୟ ଭେଦିବାକୁ ଏପର୍ଯ୍ୟନ୍ତ ସମର୍ଥ ହୋଇନାହିଁ ତଦନ୍ତକାରୀ ଟିମ୍ ।

## ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ମଙ୍ଗଳପୁ/ସୋର,୩୧/୦୧ (ନି.ପ୍ର): ସ୍ଥାନୀୟ ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୀର୍ଘ ୮ଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥି ନିମନ୍ତେ ଆୟୋଜିତ ଉଦ୍‌ଯାପନ ସଭାରେ ପୌରହିତ୍ୟ କରିଥିଲେ ଅଧ୍ୟକ୍ଷ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ବିଶ୍ୱାଳ । ସରକାରଙ୍କର ନାରୀ ଶକ୍ତିକରଣର ଏହା ଏକ ଅଂଶ ବିଶେଷ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ତଥା ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ଡକ୍ଟର ପୁଣ୍ୟବ୍ରତ ମହାନ୍ତି ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ସେମାନେ ନିଜକୁ ଅବଳା, ଦୁର୍ବଳା ମନେ ନକରି ନିଜର ଶକ୍ତି ବୃଦ୍ଧି କରନ୍ତୁ । ସୁଚରିତ୍ର ଗଠନ କରନ୍ତୁ ଏବଂ ସାହସର ସହିତ ବିପଦର ମୁକାବିଲା କରନ୍ତୁ । ଏହି କାର୍ଯ୍ୟକ୍ରମର ଅଧିକାରିଣୀ ଅଧ୍ୟାପିକା




ନିବେଦିତା ମଲ୍ଲିକ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣ ଜେନା ଓ ମାଷ୍ଟର ଟ୍ରେନର କୁମାରୀ ମମତା ରାଉତ ଛାତ୍ରୀମାନଙ୍କୁ କହିଲେ ଯେ ସେମାନେ ନେଇଥିବା ତାଲିମ୍‌କୁ ଉପଯୁକ୍ତ ସମୟରେ କାର୍ଯ୍ୟରେ ଲଗେଇବେ । ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିଶ୍ୱାଳ ପ୍ରମାଣପତ୍ର ଓ ରିଆକ୍ଟ ପୁସ୍ତକ ବଣ୍ଟନ କରିଥିଲେ । ଶିବିରର ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ । ଅବଶେଷରେ ଡକ୍ଟର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହାରାଷ୍ଟ୍ରର ନାଗପୁର ଠାରେ ଆୟୋଜିତ ସର୍ବ ଭାରତୀୟ ଖାଉଟି କଲ୍ୟାଣ ସମ୍ମିଳନୀକୁ ଡ଼ଃ ସୁନାକର ବେହେରା ମନୋନୀତ

ପାରାଦ୍ୱୀପ,୩୧/୦୧ (ନି.ପ୍ର): ମହାରାଷ୍ଟ୍ରର ନାଗପୁର ଠାରେ ଭାରତ ସରକାରଙ୍କ ନୀତି ଆୟୋଗ ଅଧୀନ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ ଦ୍ୱାରା ଆସନ୍ତା ୩/୨/୨୩ରିଖ ଶୁକ୍ରବାର ଦିନ ଆୟୋଜିତ ଜାତୀୟ ଖାଉଟି ସମ୍ମିଳନୀରେ ଓଡିଶା ଖାଉଟି ପରିଷଦର ରାଜ୍ୟ ସମ୍ପାଦକ ଡ଼ଃ ସୁନାକର ବେହେରାଙ୍କୁ ମନୋନୀତ କରାଯିବା ସହିତ ଉକ୍ତ ସମ୍ମିଳନୀରେ ଯୋଗଦେବା ନିମନ୍ତେ ଆମନ୍ତ୍ରିତ କରାଯାଇଅଛି । ଡ଼ଃ ବେହେରା ଓଡିଶା ରାଜ୍ୟର ଖାଉଟି ସମାସ୍ୟା ଉପରେ ପ୍ରତିନିଧିତ୍ୱ କରିବା ସଙ୍ଗେ ସଙ୍ଗେ ଖାଉଟି ମାନଙ୍କ କଲ୍ୟାଣ



ସମ୍ବନ୍ଧିୟ ସନ୍ଦର୍ଭ ଉପସ୍ଥାପନ କରିବେ । ଓଡିଶା ସରକାରଙ୍କ ମାନ୍ୟବର ଖାଦ୍ୟ ଯୋଗାଣ,ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ଶ୍ରୀଯୁକ୍ତ ଅତନୁ ସବ୍ୟସାଚି ନାୟକ, ଜଗତସିଂହପୁର ସାଂସଦ ଡାକ୍ତର ରାଜଶ୍ରୀ ମଲ୍ଲିକ,ଜଗତସିଂହପୁର ବିଧାୟକ ତଥା ରାଜ୍ୟ ମୁଖ୍ୟ ସଚେତକ ଓଡିଶା ସରକାର ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମୁଦୁଲି, ପାରାଦ୍ୱୀପ ବିଧାୟକ ଶ୍ରୀଯୁକ୍ତ ସମ୍ବିତ ରାଉତରାଏ, ଜଗତସିଂହପୁର ମାନନୀୟା ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପାଟାୱାରୀ, ଜଗତସିଂହପୁର, କୁଜଙ୍ଗ, ତିର୍ତୋଲ ବାର ଆସୋସିଏସନ ସମସ୍ତ କର୍ମକର୍ତ୍ତା, ଓଡିଶା ସାମ୍ବାଦିକ ସଙ୍ଘର ସମସ୍ତ କର୍ମକର୍ତ୍ତା ଏବଂ ଓଡିଶାର ବିଭିନ୍ନ ସାମାଜିକ ପ୍ରତିଷ୍ଠାନ ତରଫରୁ ଶୁଭେଚ୍ଛୁ ମାନେ ଡ଼ଃ ବେହେରାଙ୍କୁ ଧନ୍ୟବାଦ ଓ ଶୁଭେଚ୍ଛା ସହିତ ଅଭିନନ୍ଦନ ଜଣାଇ ଅଛନ୍ତି ।

# ଏବିଭିପିର ଜିଲ୍ଲା ସମ୍ମିଳନୀ : ୧୫ ଦଫା ଦାବି ନେଇ ବିଶାଳ ଛାତ୍ର ଶୋଭାଯାତ୍ରା

ଭଦ୍ରକ,୩୧/୧: ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି), ଭଦ୍ରକ ଜିଲ୍ଲା ତରଫରୁ ପରିଷଦର ୭୫ ବର୍ଷ ଅମୃତ ମହୋତ୍ସବ ଅବସରରେ ଜିଲ୍ଲାର ବିଭିନ୍ନ ଶୈକ୍ଷିକ ଓ ସାମାଜିକ ସମସ୍ୟାକୁ ନେଇ ଜିଲ୍ଲା ସମ୍ମିଳନୀ ଏବଂ ବିଶାଳ ଛାତ୍ର ଅଧିକାର ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ମୁଖ୍ୟ ବକ୍ତା ଭାବେ ପ୍ରାଧ୍ୟାପକ ଡ଼ଃ ପ୍ରତାପ କୁମାର ନାୟକ ଯୋଗ ଦେଇଥିଲେ। ରାଜ୍ୟ ସମ୍ପାଦକ ଅରିଜିତ୍ ପଟ୍ଟନାୟକ ଓ ସହ-ସମ୍ପାଦିକା ଦିପ୍ତିମୟୀ ପ୍ରତିହାରୀ ଜିଲ୍ଲାର ବିଭିନ୍ନ କ୍ୟାମ୍ପସରୁ ଆସିଥିବା ହଜାରରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀଙ୍କୁ ଉଦବୋଧନ ଦେଇଥିଲେ। ଧାମନଗର ନଗର ସମ୍ପାଦକ ଅରବିନ୍ଦ ଷଡ଼ଙ୍ଗୀ, ଚାନ୍ଦବାଲିର ଛାତ୍ର ନେତା ସାର୍ଥକ ନାୟକ, ବାସୁଦେବପୁର ନଗର ସମ୍ପାଦିକା ରଶ୍ମିପ୍ରଭା ବଳ, ଭଦ୍ରକ ନଗର ସମ୍ପାଦକ ବିଶ୍ୱନାଥ ସୋନୁ ଲାହା କ୍ୟାମ୍ପସରେ ଥିବା ବିଭିନ୍ନ ସମସ୍ୟା ବିଷୟରେ ଉପସ୍ଥାପନ କରିଥିଲେ। ଏହାପରେ ଶିକ୍ଷା, ସୁରକ୍ଷା ଓ ରୋଜଗାର ଦାବିରେ ଛାତ୍ର ଅଧିକାର ସମାବେଶ ନାମରେ ବିଶାଳ ଶୋଭାଯାତ୍ରା ନୂଆବଜାର ସ୍ଥିତ ଏକ କଲ୍ୟାଣ ମଣ୍ଡପରୁ ବାହାରି ସମ୍ପୂର୍ଣ୍ଣ ନଗର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଇଥିଲା। ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର୍ ଦାସ, ଜିଲ୍ଲା ସଂଯୋଜକ ବଦ୍ରୀମୋହନ ରାଉତ୍, ସହ ସଂଯୋଜକ ଜ୍ୟୋତିପ୍ରକାଶ ସାହୁଙ୍କ ନେତୃତ୍ୱରେ ରାଜ୍ୟ ସମ୍ପାଦକ ଅରିଜିତ୍ ପଟ୍ଟନାୟକ ଓ ରାଜ୍ୟ ସହ-ସମ୍ପାଦିକା ଦିପ୍ତିମୟୀ ପ୍ରତିହାରୀଙ୍କ ଉପସ୍ଥିତିରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏକକ ବିଶ୍ୱ ବିଦ୍ୟାଳୟର ମାନ୍ୟତା, ଜିଲ୍ଲାରେ ଏକ ସରକାରୀ ମେଡ଼ିକାଲ କଲେଜ ପ୍ରତିଷ୍ଠା, ଛାତ୍ରଛାତ୍ରୀଙ୍କ ନିମନ୍ତେ ବସ ପାସର ବ୍ୟବସ୍ଥା, କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ, ବାଂଲାଦେଶୀଙ୍କୁ ଚିହ୍ନଟ କରି ହଟାଇବା, ବିଭିନ୍ନ ବ୍ଲକ ହେଡକ୍ୱାଟରରେ ଥିବା ପ୍ରମୁଖ କଲେଜ ମାନଙ୍କରେ ପି.ଜି ସିଟ ଖୋଲିବା, କଲେଜ କ୍ୟାମ୍ପସରେ ଛାତ୍ରୀ ମାନଙ୍କର ସୁରକ୍ଷାକୁ ନିଶ୍ଚିତ କରିବା ଆଦି ୧୫ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭାଗ ପ୍ରମୁଖ ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୁ କିଶୋର ରାଉତ, ଗୋବର୍ଦ୍ଧନ ମହାନ୍ତି, ମମତା ମହାକୁଡ଼ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମୋତିଗଞ୍ଜ ରାସ୍ତାପାର୍ଶ୍ୱ ଉଚ୍ଛେଦ ବେଳେ ଉତ୍ତେଜନା



ବାଲେଶ୍ୱର,୩୧/୦୧ (ନି.ପ୍ର): ସହରର ସିନେମାଛକରୁ ଟାଉନଥାନା ପର୍ଯ୍ୟନ୍ତ ମୋତିଗଞ୍ଜ ରାସ୍ତା ପ୍ରଶସ୍ତିକରଣ ପାଇଁ ସୋମବାରଠାରୁ ଚାଲିଥିବା ଉଚ୍ଛେଦ ପ୍ରକ୍ରିୟା ଜନ ଅସନ୍ତୋଷ ଯୋଗୁଁ ଦ୍ୱିତୀୟ ଦିନରେ ପ୍ରଶାସନ ବନ୍ଦ ରଖିଛି। ପ୍ରଥମ ଦିନରେ ସିନେମାଛକରୁ ମସଜିଦ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଥିଲା। ବିଶେଷ କରି ରାସ୍ତା ଉପରୁ ମାଡ଼ି ଆସିଥିବା ତଥା ଡ୍ରେନ ସ୍ଲାବ ଉପରେ ଦୋକାନ ସାମଗ୍ରୀ ରଖି ବିକ୍ରି ଦେକାନୀଙ୍କୁ ଉଚ୍ଛେଦ କରାଯାଇଥିଲା। କେତେକ ସ୍ଥାନରେ ଦୋକାନର ଛାତ ବାହାରକୁ ବାହାରିଥିଲେ ଜେସିବିରେ ଏହାକୁ ଭାଙ୍ଗି ନଷ୍ଟ କରାଯାଉଥିଲା। ମାତ୍ର ମଙ୍ଗଳବାର ଉଚ୍ଛେଦର ଆରମ୍ଭର କିଛି ସମୟ ପରେ ଦୋକାନୀ ତଥା କିଛି ସ୍ଥାନୀୟ ବାସିନ୍ଦା ଏହାକୁ ବିରୋଧ କରିଥିଲେ। କୌଣସି ଏକ ଗୁଜବକୁ ନେଇ କିଛି ସମୟ ପାଇଁ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ ଢେଲା ପଥର ଫିଙ୍ଗାଫିଙ୍ଗି ମଧ୍ୟ ଚାଲିଥିଲା। ଉତ୍ତେଜନାମୂଳକ ସ୍ଥିତିକୁ ଦୃଷ୍ଟିଦେଇ ସିଟି ଡିଏସପି ଗାୟତ୍ରୀ ପ୍ରଧାନଙ୍କ ସମେତ ଟାଉନଥାନା ଅଧିକାରୀ ପର୍ଶୁରାମ ସାହୁ, ସହଦେବଖୁଣ୍ଟା ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ, ଟ୍ରାଫିକ ଥାନା ଅଧିକାରୀ ପ୍ରେମପ୍ରଜ୍ଞା ମହାନ୍ତି ଘଟଣାସ୍ଥଳରେ ଉପସ୍ଥିତ ରହି ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଉଦ୍ୟମ କରିଥିଲେ। ଖବର ପାଇ ସଦର ବିଧାୟକ ସ୍ୱରୂପ ଦାସ ଉଚ୍ଛେଦ ସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିଥିଲେ। ବାଲେଶ୍ୱର ସହରର ସବୁଠାରୁ ପୁରୁଣା ମୋତିଗଞ୍ଜ ରାସ୍ତାରେ ସମ୍ପ୍ରତି ଜନଗହଳି ବଢ଼ିବା ଓ ରାସ୍ତା ସମ୍ପ୍ରସାରଣ ନହେବା ଯୋଗୁଁ ବ୍ୟବସାୟୀଙ୍କର ବହୁତ କ୍ଷତି ହେଉଛି। ଅନ୍ୟପକ୍ଷରେ ଭିଡ଼ ଯୋଗୁଁ ବେଳେ ବେଳେ ଅଗ୍ନିଶମ ଓ ଆମ୍ବୁଲାନ୍ସ ଭଳି ଜରୁରୀ ସେବାରୁ ଲୋକେ ବଞ୍ଚିତ ହେଉଛନ୍ତି ବୋଲି ବିଧାୟକ ସମସ୍ତଙ୍କୁ ବୁଝାଇଥିଲେ। ବିଧାୟକଙ୍କ ପରାମର୍ଶ କ୍ରମେ ଦୋକାନୀମାନେ ଦୁଇଦିନ ମଧ୍ୟରେ ନିଜ ନିଜର ଦୋକାନ ସାମଗ୍ରୀ ଉଠାଇ ନେବେ ବୋଲି ରାଜି ହୋଇଥିଲେ। ଯଦି ଦୁଇଦିନ ମଧ୍ୟରେ ସେମାନେ ନିଜର ଜିନିଷପତ୍ର ନ ଉଠାନ୍ତି ତାହଲେ ପୁଣି ଉଚ୍ଛେଦ ଜାରି ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ସ୍ମୃତିଚାରଣ ସଭା



ଖୋର୍ଦ୍ଧା,୩୧/୦୧ (ନି.ପ୍ର): ଖୋର୍ଦ୍ଧା କ୍ଲବ ଅନୁକୂଲ୍ୟରେ ଦିବଂଗତ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଏବଂ ଖୋର୍ଦ୍ଧା କ୍ଲବର ବରିଷ୍ଠ ସଦସ୍ୟ ଜୟନ୍ତ କୁମାର ସାହୁଙ୍କ ବିୟୋଗରେ ଖୋର୍ଦ୍ଧା କ୍ଲବର ସାଧାରଣ ସମ୍ପାଦକ ତଥା ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଶ୍ରୀ ଦାସ ଓ ଶ୍ରୀ ସାହୁଙ୍କ ଅମର ଆତ୍ମାର ସଦଗତି ପାଇଁ ଶ୍ରୀ ମିତ୍ର ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଅନ୍ୟମାନଙ୍କ ଭିତରେ ଖୋର୍ଦ୍ଧା କ୍ଲବର ଉପ ସଭାପତି ରବି ନାରାୟଣ ପଟ୍ଟନାୟକ, ସହ-ସମ୍ପାଦକ ସରୋଜ ସୁନ୍ଦର ପଟ୍ଟନାୟକ, ବରିଷ୍ଠ ଅଧିବକ୍ତା ପ୍ରଫୁଲ୍ଲ କୁମାର ମହାନ୍ତି, ବରିଷ୍ଠ ସଦସ୍ୟ ବିଭୂତି ଭୂଷଣ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ସାହୁ ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟଗଣ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ । ଏହି ସଭାରେ ସମସ୍ତ ସଭ୍ୟଗଣ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ମିନିଟ୍ ନୀରବ ପ୍ରାର୍ଥନା କରି ଫଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ଜନତା ହାଇସ୍କୁଲର ବାର୍ଷିକ ଉତ୍ସବ

ବାଲେଶ୍ୱର,୩୧/୦୧ (ନି.ପ୍ର): କୁରୁଡ଼ାସ୍ଥିତ ଜନତା ହାଇସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ଧଳଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରଥମ ଅଧିବେଶନରେ ଜିଲା ଶିକ୍ଷାଧିକାରୀ ବିଷ୍ଣୁ ଚରଣ ସୂତାର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ଓ ବ୍ୟକ୍ତିତ୍ୱ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ସୁଷମା ବାରିକ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦ୍ୟାଳୟରୁ ଛାତ୍ରଛାତ୍ରୀଙ୍କ ସ୍ୱପ୍ନିଳ ଭବିଷ୍ୟତ ଆରମ୍ଭ ହୋଇଥାଏ ବୋଲି କହିଥିଲେ। ଆଲୁମିନି ସଭାପତି ବୀରେନ୍ଦ୍ର ଦାସ, ଶିକ୍ଷାବିତ ସାବିତ୍ରୀ ଜେନା ଓ ସିଆରସିସି ବିଶ୍ୱନାଥ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗଦେଇ ଓଡ଼ିଶାରେ ଶିକ୍ଷାର ବିକାଶ ଓ ଗୁଣାତ୍ମକ ଶିକ୍ଷାଦାନରେ ରାଜ୍ୟ ସରକାରଙ୍କ ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମ ବେଶ ଉପାଦେୟ ସାବ୍ୟସ୍ତ ହୋଇଛି ବୋଲି କହିଥିଲେ। ରେମୁଣା ବ୍ଲକ ଚେୟାରମ୍ୟାନ ରାଜେନ୍ଦ୍ର ରାଉତ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ କଠୋର ଅଧ୍ୟବସାୟ ବଳରେ ସଫଳତା ପ୍ରାପ୍ତ ସହ ବିଦ୍ୟାଳୟର ଗୌରବ ବୃଦ୍ଧି ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କୁରୁଡ଼ା ସରପଞ୍ଚ ତାପସ କୁମାର ପାଣିଗ୍ରାହୀ, ଆଲୁମିନି ସଦସ୍ୟ କାର୍ତ୍ତିକ ଚନ୍ଦ୍ର ଗିରି, ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ କିଶୋର କୁମାର ସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଗାନ୍ଧିଶାନ୍ତି ପ୍ରତିଷ୍ଠାନ ଭଦ୍ରକ ଶାଖାର ବଳିଦାନ ଦିବସ ପାଳନ



ଭଦ୍ରକ,୩୧/୦୧ (ନି.ପ୍ର): 'ଗାନ୍ଧିଜୀଙ୍କ ଅବର୍ତ୍ତମାନରେ ଭାରତ' - ଏହି କଥାବସ୍ତୁକୁ ଆଧାର କରି ଗାନ୍ଧିଶାନ୍ତି ପ୍ରତିଷ୍ଠାନର ଭଦ୍ରକ ଶାଖା ମହାତ୍ମାଙ୍କ ମହାପ୍ରୟାଣର ୭୫ତମ ବର୍ଷକୁ ବଳିଦାନ ଦିବସ ରୂପେ ପାଳନ କରିଥିଲା । ଅପରାହ୍ନରେ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟ ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର୍ ଡ. ଲୋପାମୁଦ୍ରା ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଗାନ୍ଧି ଦର୍ଶନକୁ ପ୍ରତ୍ୟେକ ମଣିଷ ନିଜ ବ୍ୟକ୍ତିଗତ ଜୀବନରେ ଅନୁସରଣ କଲେ ସାମାଜିକ ଅବକ୍ଷୟ ରୋକାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ରୂପେ ଯୋଗ ଦେଇ କଥାକାର ଡ. ବାସନ୍ତୀ ମହାନ୍ତି ଗାନ୍ଧିଙ୍କ ଜୀବନ କାହାଣୀରୁ ଅନେକ ତଥ୍ୟ ଉଦ୍ଧାର କରି ଏକ ସାରଗର୍ଭକ ଉଦ୍‌ବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧରେ ଯୁଗ୍ମସମ୍ପାଦକ ପ୍ରଫେସର୍ ନାସିର୍ ବକ୍ସ, ଗାନ୍ଧିବିଚାରମଞ୍ଚ ସଭାପତି ଶାନ୍ତନୁ ରାଉତ, ତ୍ୟାଗଭୂମି ସମ୍ପାଦକ ଅଜୟ ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ପ୍ରତିଷ୍ଠାନର ସଭାପତି ଇଂ ଅଖିଳ କୁମାର ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ଆଇନଜୀବୀ ପବନ ଶର୍ମା ବିବରଣୀ ଉପସ୍ଥାପନ ସହ ବଳିଦାନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରତିଷ୍ଠାନର ଉପସଭାପତି ପ୍ରଫେସର୍ ଝରଣା ପଟ୍ଟନାୟକ ଅତିଥିମାନଙ୍କୁ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଜଣାଇଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ବର୍ଷିୟାନ୍ ଗାନ୍ଧିବାଦୀ ଏସ୍.ଏମ୍.ଫାରୁକ୍ । ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ସୁରଜିତା ନାୟକ । ଉତ୍ସବ ଆରମ୍ଭରେ ମହାତ୍ମାଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନ ତୋ ...' ସଂଗୀତର ଏକ ଭିଡ଼ିଓ ପ୍ରଦର୍ଶନ କରାଯାଇ ଗାନ୍ଧିଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ ଓ ପ୍ରତିକାତ୍ମକ ବୃକ୍ଷକୁଣ୍ଡରେ ଜଳ ଦାନ କରାଯାଇଥିଲା ।

# ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକ ବୈଠକ ଅନୁଷ୍ଠିତ



ମଙ୍ଗଳପୁ/ସୋର,୩୧/୦୧ (ନି.ପ୍ର): ମଙ୍ଗଳପୁରସ୍ଥିତ ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କର ନିର୍ଦ୍ଦେଶନାମା ଅନୁସାରେ ଅଭିଭାବକ ଓ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବୈଠକରେ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ବିଶ୍ୱାଳ ଅଧକ୍ଷତା କରିଥିଲେ । ବାଣିଜ୍ୟ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ତଥା ସଂଯୋଜକ ଡକ୍ଟର ପୁଣ୍ୟବ୍ରତ ମହାନ୍ତି, ଅଧ୍ୟାପିକା ପୁଷ୍ପଲତା ପାଢ଼ୀ, ରଞ୍ଜିତାବାଳା ମହାପାତ୍ର, ସନ୍ଧ୍ୟାରାଣୀ ଜେନା, ଅଧ୍ୟାପକ ସତ୍ୟ ନାରାୟଣ ସାହୁ ଉପସ୍ଥିତ ଅଭିଭାବକ ମାନଙ୍କୁ ବିଦ୍ୟାଳୟର ପାଠ୍ୟକ୍ରମ, ଶିକ୍ଷାଦାନ ପ୍ରଣାଳୀ, ଛାତ୍ରଛାତ୍ରୀଙ୍କର ଉପସ୍ଥାନ, ସାହିତ୍ୟ, ସଂସ୍କୃତି, କ୍ରୀଡ଼ା, ଦୌଡ଼କୁଦ ପ୍ରତିଯୋଗିତା, ୟୁଥ୍ ରେଡକ୍ରସ୍ ଓ ଜାତୀୟ ସେବା ଯୋଜନାର ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଏବଂ ବାର୍ଷିକ ପ୍ରମାଣପତ୍ର ଓ ପୁରସ୍କାର ବିତରଣ ଉତ୍ସବ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ । ବିଦ୍ୟାଳୟରେ ଶାନ୍ତିଶୃଙ୍ଖଳା ବଜାୟ ରହିଛି ଓ କ୍ୟାମ୍ପସ୍‌କୁ ର୍‍ୟାଗିଂ ମୁକ୍ତ କରାଯାଇଛି ବୋଲି ସୂଚନା ଦିଆଯାଇଥିଲା । ଅନ୍‌ଲାଇନ୍ ମୋଡ୍‌ରେ ବୈଠକକୁ ଇଂରାଜୀ ଅଧ୍ୟାପକ ବିଜୟ କୁମାର ମହାଳିକ ପରିଚାଳନା କରିଥିଲେ । ଯୋଗ୍ୟ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ବୃତ୍ତି ଓ ସରକାରଙ୍କ ପ୍ରଦତ୍ତ ଲାପଟପ୍ ପାଉଛନ୍ତି ବୋଲି ସେ କହିଥିଲେ । ଅବଶେଷରେ ଡକ୍ଟର ମହାନ୍ତି ସମସ୍ତଙ୍କୁ କାର୍ଯ୍ୟକ୍ରମର ସଫଳତା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ ।

## ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ସହିଦ ଦିବସ

ବାଲେଶ୍ୱର,୩୧/୦୧ (ନି.ପ୍ର): ଜିଲା ପ୍ରଶାସନ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପୂଣ୍ୟତିଥିକୁ ସହିଦ ଦିବସ ଭାବେ ସୋମବାର ପାଳିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନିଲୁ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାଧୀନତା ଆନ୍ଦୋଳନରେ ପ୍ରାଣବଳି ଦେଇଥିବା ଅସଂଖ୍ୟ ସହିଦ ସଂଗ୍ରାମୀଙ୍କ ଆତ୍ମୋତ୍ସର୍ଗ ପ୍ରତି ସମ୍ମାନ ଜଣାଇ ଦୁଇ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ନୀରବ ପ୍ରାର୍ଥନାର ସମୟ ଅବଧି ସୂଚିତ ପାଇଁ ଜିଲ୍ଲା ଅଗ୍ନିଶମ ସେବା ବିଭାଗ ପକ୍ଷରୁ ସାଇରନ ବ୍ୟବସ୍ଥା କରାଯାଇଥିଲା। ଅତିରିକ୍ତ ଜିଲ୍ଲାଳ (ରାଜସ୍ୱ) ସୁଚାରୁ ବଳ, ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଡେପୁଟୀ କଲେକ୍ଟର ଗାୟତ୍ରୀ ସୋରେନ୍, ଡେପୁଟୀ କଲେକ୍ଟର (ରାଜସ୍ୱ) ଆନନ୍ଦ କୁମାର ସେଠୀ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରିଜ୍ୱାନା କଓ୍ୱବ, ଏଷ୍ଟାବ୍ଲିଶମେଣ୍ଟ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧିମାନେ ଏଥିରେ ଯୋଗ ଦେଇଥିଲେ। ପରେ ଦିବଂଗତ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

## ୫୦ ଅଗ୍ନିଶମ କର୍ମଚାରୀଙ୍କ ପଦକୁ ମଂଜୁରୀ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୧/୦୧ (ନି.ପ୍ର): ରିଜିଅନାଲ କନେକ୍ଟିଭିଟି ସ୍କିମ (ଆରସିଏସ) – ଉଡାନ ଯୋଜନାରେ ସାମିଲ ହୋଇଥିବା ବିମାନ ବନ୍ଦର ପାଇଁ ବିଭିନ୍ନ ରାଙ୍କର ୫୦ଟି ଅଗ୍ନିଶମ କର୍ମଚାରୀଙ୍କ ପଦ ସୃଜନ କରିବାକୁ ଆସିଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ ଦେଇଛନ୍ତି । ଏହି ବିମାନ ବନ୍ଦର ଗୁଡିକ ହେଲା ଝାରସୁଗୁଡା, ଉତକେଲା, ରାଉରକେଲା ଓ ଜୟପୁର । ଏହି ୫୦ଟି ପଦ ମଧ୍ୟରୁ ୯ – ୯ ଜଣ ଉତକେଲା ଓ ଜୟପୁର ଠାରେ ମୁତୟନ ହେବେ ଓ ୧୬-୧୬ ଜଣ ଝାରସୁଗୁଡା ଓ ରାଉରକେଲାରେ ମୁତୟନ ହେବେ । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ରାଜ୍ୟର କଟକ, ବ୍ରହ୍ମପୁର ଓ ବୁର୍ଲାରେ ଥିବା ତିନୋଟି ପ୍ରମୁଖ ମେଡିକାଲ କଲେଜରେ ତିନୋଟି ଫାୟର ଷ୍ଟେସନ ଚାଲୁ କରାଯାଇଛି । ସେହିପରି ଭଦ୍ରକର ତିହିଡି ଓ ଯାଜପୁରର ବରୁଆଁ ଠାରେ ମଧ ନୂଆ ଫାୟର ଷ୍ଟେସନ ଖୋଲା ଯାଇଛି ।

# ପଂଚଲିଙ୍ଗେଶ୍ୱର ଶୈବପୀଠରେ ସଫେଇ ସହ ସଚେତନତା କାର୍ଯ୍ୟକ୍ରମ



ନୀଳଗିରି,୩୧/୦୧ (ନି.ପ୍ର): ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଂଚଲିଙ୍ଗେଶ୍ୱର ଠାରେ ବାଲେଶ୍ୱର ଗୋପାଳପୁର ଅଂଚଳର ୧୦୧୪ ସଦସ୍ୟ ବିଶିଷ୍ଟ ନାଗରିକ ମଂଚ ୬୭ଜଣ ସଦସ୍ୟ ସୋମବାର ପୀଠର ବସଷ୍ଟାଣ୍ଡ ଏବଂ ପିକ୍‌ନିକ୍ ସ୍ଥଳ ମାନଙ୍କରେ ସଫେଇ କାର୍ଯ୍ୟ କରିବା ସହ ସ୍ୱଚ୍ଛତା ଓ ସଚେତନତା ଉପରେ ଏକ ବୈଠକ କରିଥିଲେ । ୧୦୧୪ ଜଣ ବିଶିଷ୍ଟ ଏହି ନାଗରିକ ମଂଚ ଗତ ମହାତ୍ମାଗାନ୍ଧୀ ଜୟନ୍ତୀ ଠାରୁ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ନିରବଚ୍ଛିନ୍ନ ଭାବେ ପରିମଳ ଏବଂ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ପ୍ରତ୍ୟେକ ରବିବାର ଦିନ ଏହି ସଦସ୍ୟମାନଙ୍କ ଦ୍ୱାରା ଗାଁ, ସ୍କୁଲ, କଲେଜ, ହସପିଟାଲ ମାନଙ୍କରେ ସଫେଇ କାର୍ଯ୍ୟକ୍ରମ କରିବା ସହ ଲୋକମାନଙ୍କୁ ସଚେତନତାର ବାର୍ତ୍ତା ଦେଉଛନ୍ତି । ୪୩୪ତମ ସପ୍ତାହ କାର୍ଯ୍ୟକ୍ରମରେ ପଂଚଲିଙ୍ଗେଶ୍ୱର ଠାରେ ଏହି କାର୍ଯ୍ୟକ୍ରମ କରାଯାଇଥିବା ବେଳେ ସକାଳ ପ୍ରାୟ ୮.୩୦ମି. ସମୟରେ ଆରମ୍ଭ କରାଯାଇ ୧୧.୩୦ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଜାରି ରହିଥିଲା । ନାଗରିକ ମଂଚର ସୁଦର୍ଶନ ମହାପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଏକ ସଚେତନତା ଶିବିର ମଧ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ କମଳାକାନ୍ତ ଦାସ, ଗିରିଶ ଦାସ, ଅଭିରାମ ସାହୁ, ହରିଶ ଜେନା, ବରେନ୍ଦ୍ର ସେଠୀ, ସତ୍ୟମଂଜରୀ ଦାସ, ପ୍ରେମଲତା ମହାରଣା, ବିଶ୍ୱମ୍ଭର ଦାସ, ମହେଶ୍ୱର ସେନାପତି ପ୍ରମୁଖ ଅଂଶଗ୍ରହଣ କରି ଶିବିର ପରିଚ୍ଛଳନା କରିବାରେ ସାହାଯ୍ୟ କରିଥିଲେ ।

# ରୂପ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍ଘାଟିତ



ରୂପ୍ସା,୩୧/୦୧ (ନି.ପ୍ର): ରୂପ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍ଘାଟିତ ହୋଇଯାଇଛି। ଏହି ଶିବିର ରେ ବିଦ୍ୟାଳୟ ର ଅଧକ୍ଷ ଡ଼ ତପନ କୁମାର ବେହେରା ସଭାପତିତ୍ୱ କରି ଛାତ୍ରୀ ଆତ୍ମରକ୍ଷା କୌଶଳ ସମ୍ପର୍କ ରେ ଆଲୋକପାତ କରିଥିଲେ । ଶିକ୍ଷା ବିଭାଗ ର ମୂଖ୍ୟ ଅଧାପକ ବିଜୟ କୁମାର ବେହେରା ଅତିଥି ଭାବେ ଯୋଗଦେଇ ଆତ୍ମସୁରକ୍ଷା ପ୍ରଶିକ୍ଷଣ ର ଉପାଦେୟତା ବିଷୟ ରେ କହିଥିଲେ । ଛାତ୍ରୀ ଆତ୍ମରକ୍ଷା କୌଶଳ ର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ପିନାକ୍ଷୀ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ଡ଼ ଆରୁଣୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ୮ଦିନ ଧରି ଚାଲିଥିବା ଏହି ଶିବିରରେ ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ଫକିର ମୋହନ କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ରଣା ଅତିଥି ଭାବରେ ଯୋଗ ଦେଇଥିଲେ । ଅନ୍ୟତମ କାର୍ଯକ୍ରମ ଅଧିକାରୀ ଇତିଶ୍ରୀ ମହନ୍ତ ଉଦଯାପନୀ ଉତ୍ସବରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିର ଗତ ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ।

# ୨୬୯ ଗ୍ରାମ ବ୍ରାଉନ୍‌ସୁଗର ଜବତ୍, ଜଣେ ଗିରଫ



ଜଳେଶ୍ୱର, ୩୧/୧(ନି.ପ୍ର): ଦୀର୍ଘଦିନ ବ୍ୟବଧାନ ପରେ ବ୍ରାଉନ୍‌ସୁଗର କାରବାରର ପେଣ୍ଠସ୍ଥଳ ପାଲଟିଥିବା ଜଳେଶ୍ୱର ଅଂଚଳରୁ ଜଣେ ବ୍ରାଉନ୍‌ସୁଗର ବ୍ୟବସାୟୀଙ୍କ ସହିତ ୨୬୯ ଗ୍ରାମ ଜବତ୍ ହୋଇଥିବାର ଆଜି ଜିଲ୍ଲା ଆରକ୍ଷୀ ଅଧକ୍ଷକ ଏକ ପ୍ରେସ୍‌ମିଟ୍‌ରେ ସୂଚନା ଦେଇଛନ୍ତି। ବାଂଲାଦେଶରୁ ପଶ୍ଚିମବଂଗ ଦେଇ ଓଡିଶାର ଜଳେଶ୍ୱର ଅଂଚଳକୁ ବହୁ ପରିମାଣରେ ବ୍ରାଉନ୍‌ସୁଗର ଆସି ରାଜ୍ୟର ବିଭିନ୍ନ ସ୍ଥାନକୁ ବିତରଣ ହେଉଥିବାର ଖବର ପୁଲିସ୍ ନିକଟରେ ରହିଛି। ନିଶା ମାଫିଆ ମାନେ ସେମାନଙ୍କ ଏଜେଣ୍ଟ ମାନଙ୍କ ମାଧ୍ୟମରେ ଜଳେଶ୍ୱରରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ବ୍ରାଉନ୍‌ସୁଗର ଚାଲାଣ କରି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି । ଏପରି କାରବାର ପ୍ରତିଦିନ ଖୁଲମଖୁଲା ଚାଲୁଥିବା ବେଳେ ଅବକାରୀ ବିଭାଗ ଓ ପୁଲିସ୍ ସେପରି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି । ବହୁ ଦିନର ବ୍ୟବଧାନ ପରେ ଆଜି ଜଳେଶ୍ୱର ପୌରାଂଚଳର ପଥରପୁରା (ମାଲଗୋଦାମ) ଅଂଚଳରୁ ଜଣେ ନିଶା ବ୍ୟବସାୟୀଙ୍କୁ ଗିରଫ କରିବା ସହିତ ତା ନିକଟରୁ ୨୬୯ ଗ୍ରାମ ଓଜନର ବ୍ରାଉନ୍‌ସୁଗର ଜବତ୍ କରାଯାଇଛି। ଚଢାଉ ସମୟରେ ତା ନିକଟରୁ ନଗଦ ୨୭ଶହ ଟଙ୍କା, ଗୋଟିଏ ନକିଆ ମୋବାଇଲ, ଏକ ବ୍ୟାଙ୍କ ପାସ୍‌ବୁକ୍, ୫ଟି ପାନ୍‌କାର୍ଡ ଜବତ୍ କରାଯାଇଛି । ଜବତ୍ ହୋଇଥିବା ବ୍ରାଉନ୍ ସୁଗରର ମୂଲ୍ୟ ୨୭ ଲକ୍ଷ ଟଙ୍କା ହେବ ବୋଲି ଜିଲ୍ଲା ଆରକ୍ଷୀ ଅଧକ୍ଷକ ସାଗରିକା ନାଥ ପ୍ରେସ୍‌ମିଟ୍‌ରେ ସାମ୍ବାଦିକ ମାନଙ୍କ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ଦିଲ୍ଲିପ କୁମାର ସାହୁ, ଆଇ.ଆଇସି ଶିବପ୍ରସାଦ ଭଦ୍ର ଓ ରୋଜାଲାନ୍ ବେହେରା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ନୂତନଭାବେ ଯୋଗ ଦେଇଦେଇଥିବା ଜିଲ୍ଲା ଆରକ୍ଷୀ ଅଧକ୍ଷକ ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ଏସ୍‌ଡିପିଓ ଦିଲ୍ଲିପ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ସକାଳେ ଜଳେଶ୍ୱର ପୁଲିସ୍ ପକ୍ଷରୁ ଉକ୍ତ ଅଂଚଳରେ ଚଢାଉ କରାଯାଇଥିଲା। ଏହି ନିଶାକାରବାରକୁ ରୋକିବାଲାଗି ଜଳେଶ୍ୱର ଏସ୍‌ଡିପିଓ, ବସ୍ତା ଏସ୍‌ଡିପିଓ ଓ ବାଲେଶ୍ୱର ସଦର ଏସ୍‌ଡିପିଓଙ୍କୁ ନେଇ ଏକ ଏଣ୍ଟି ନାର୍କୋଟିକ୍ ସ୍କ୍ୱାର୍ଡ ଗଠନ କରାଯାଇଥିବା ଏସ୍‌ପି. ନାଥ ସାମ୍ବାଦିକ ମାନଙ୍କୁ କହିଛନ୍ତି।

# ବାରିପଦାରେ ଜିଲ୍ଲା ସ୍ତରୀୟ ଶହୀଦ ଦିବସ ପାଳିତ



ବାରିପଦା,୩୧/୦୧ (ନି.ପ୍ର): ମୟୁରଭଂଜ ଜିଲ୍ଲା ପ୍ରଶାସନ ତରଫରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫେସିଲିଟେସନ ସେଂଟର ଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ତଥା ଭାରତର ସ୍ୱାଧୀନତା ପାଇଁ ଯେଉଁ ମହାମନୀଷୀ ମାନେ ପ୍ରାଣବଳି ଦେଇଥିଲେ ସେମାନଙ୍କ ସ୍ମୃତି ଉଦେଶ୍ୟ ରେ ଶହୀଦ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଆଧକ୍ଷତାରେ ମହାପୁରୁଷ ମାନଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଂଜଳି ଉଦେଶ୍ୟ ରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦୌଲତ ଚନ୍ଦ୍ରକାର ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ବିଭାଗୀୟ ପଦାଧିକାରୀ ଓ କର୍ମଚାରୀ ଯୋଗ ଦେଇ ନୀରବ ପ୍ରାର୍ଥନାରେ ଅଂଶ ଗ୍ରହଣ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo